


# ସଂଚାର

THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 33 | ISSUE 107 | ଭାଗ ୩୩ | ସଂଖ୍ୟା ୧୦୭
Bhubaneswar | Tuesday 8 July 2025 | Page 8 Rs. 4.00
● ଭୁବନେଶ୍ୱର ମଙ୍ଗଳବାର ୮ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ତୃପ୍ତ ହେଲେ ଚଣ୍ଡିଚାମୁଣ୍ଡା

● ଶେଷ ହେଲା ଅଧରପଣା ନୀତି ● ଆଜି ଶ୍ରୀଜିଉଙ୍କ ନିଳାଦ୍ରୀ ବିଜେ



**ପୁରୀ,୭।୭(ସଂଚାର ବ୍ୟୁରୋ):** ପବିତ୍ର ଘୋଷଯାତ୍ରାରେ ଆଜି ଶେଷ ହୋଇଛି ଅଧରପଣା ନୀତି। ସିଂହଦ୍ୱାରରେ ଥିବା ରଥାରୂଢ଼ ଶ୍ରୀଜିଉଙ୍କ ତିନିରଥ ଉପରେ ଏହି ଅଧରପଣା ଭୋଗ ନୀତି ସମ୍ପନ୍ନ କରାଯାଇଥିଲା। ବଡ଼ ଓଡ଼ିଆ ମଠରୁ ଆସିଥିବା ପଣା ତିନି ରଥ ଉପରେ ଶ୍ରୀଜିଉଙ୍କଠାରେ ଲାଗି ହୋଇଥିଲା। ପଣା ପାଇ ତୃପ୍ତ ହୋଇଛନ୍ତି ତିନି ରଥର ପାର୍ଶ୍ୱ ଦେବାଦେବୀ, ଚଣ୍ଡିଚାମୁଣ୍ଡା ଓ ଅଶରୀର ଆତ୍ମା। ଶ୍ରୀଜିଉମାନଙ୍କ ଅଧର ପର୍ଯ୍ୟନ୍ତ ଲମ୍ବିଥିବା ମାଟି ହାଣ୍ଡିର ବଡ଼ ଓଡ଼ିଆ ମଠ ଓ ରାଘବ ଦାସ ମଠ ପକ୍ଷରୁ ପ୍ରସ୍ତୁତ ପଣାକୁ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭୋଗ କରାଯାଇଛି। ପୂଜାପଣ୍ଡାମାନେ ଏହି ପଣାକୁ ଶ୍ରୀଜିଉମାନଙ୍କୁ ସମର୍ପଣ କରିବା ପରେ ହାଣ୍ଡିଗୁଡ଼ିକ ରଥ ଉପରେ ଭାଙ୍ଗିଥିଲେ।

ଅଧରପଣା ଭୋଗ କରାଯାଇ ହାଣ୍ଡିଗୁଡ଼ିକ ଭଙ୍ଗାଯିବାର ବିଶେଷ ମହତ୍ତ୍ୱ ରହିଛି। ତିନି ରଥରେ ଥିବା ପାର୍ଶ୍ୱ ଦେବାଦେବୀ, ଚଣ୍ଡିଚାମୁଣ୍ଡା ଓ ଅଶରୀର ଆତ୍ମାଙ୍କ ଶାନ୍ତି ନିମିତ୍ତ ଏହି ପଣା ଭୋଗ କରାଯାଇଥାଏ। ସେମାନେ ଏହି ପଣାକୁ ପ୍ରସାଦ ରୂପେ ପାଇ ତୃପ୍ତ ହେବାର ବିଶ୍ୱାସ ରହିଛି। ଆସନ୍ତାକାଲି ନିଳାଦ୍ରୀ ବିଜେରେ ରତ୍ନ ସିଂହାସନକୁ ବାହୁଡ଼ିବେ ଚତୁର୍ଦ୍ଧାମୂରତି। ମହାପ୍ରଭୁଙ୍କ ଅଧରପଣା ନୀତି ଦେଖିବାକୁ ପୁରୀରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଲକ୍ଷ ଲକ୍ଷ ଲୋକ ତିନି ରଥ ସମ୍ମୁଖରେ ଛିଡ଼ା ହୋଇ ଅଧରପଣାରୁ ➪ପୃଷ୍ଠା-୬

### ନ୍ୟାୟ ପାଇଲେଣି ୧୦ ହଜାରରୁ ଅଧିକ ଅଭିଯୋଗକାରୀ

# ଲୋକଙ୍କ ସହ ସବୁବେଳେ ଅଛି 'ଲୋକଙ୍କ ସରକାର'

**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ସମାଜର ଶେଷ ଧାଡ଼ିରେ ଥିବା ଲୋକ ଯେପରି ନିଜକୁ କେବେ ଅସହାୟ ନ ମଣିବ ଓ ସାଧାରଣ ଲୋକଟିଏ ଯେପରି ଅନୁଭବ କରିବ ଯେ ସରକାର ସୁଖଦୁଃଖରେ ତା' ସହ ସବୁବେଳେ ଅଛନ୍ତି, ଏହି ମହତ ଉଦ୍ଦେଶ୍ୟ ରଖି 'ଲୋକଙ୍କ ସରକାର' କ୍ରମାଗତ ଭାବେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। 'ଲୋକଙ୍କ ମୁଖ୍ୟମନ୍ତ୍ରୀ'ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ଦ୍ୱାଦଶ ପାଳି। ଆଜି ଭୁବନେଶ୍ୱର ୟୁନିଟ-୨ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହ ଏହାର ସମାଧାନ ଓ ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନେଇଛନ୍ତି। ପଞ୍ଜିକୃତ ୧ ହଜାର ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ଏଠାରେ ପହଞ୍ଚିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ୭ ବରିଷ୍ଠ ମନ୍ତ୍ରୀ ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ

- ➘ ସିଙ୍ଗଲ୍ ୱିଣ୍ଡୋରେ ସାଢ଼େ ୫୩ ଲକ୍ଷର ସହାୟତା
- ➘ ୯୩ ପ୍ରତିଶତ ଅଭିଯୋଗର ସମାଧାନ
- ➘ ମୁଖ୍ୟମନ୍ତ୍ରୀଙ୍କ ସହ ୭ ମନ୍ତ୍ରୀ, ସଚିବ ଓ ପଦାଧିକାରୀ ଅଭିଯୋଗ ଶୁଣିଲେ

ପ୍ରଥମେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଭିନ୍ନକ୍ଷମ ଲୋକଙ୍କ ପାଖକୁ ଯାଇଥିଲେ ଓ ସେଠାରେ ଜଣ ଜଣ କରି ସମସ୍ତଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ପରେ ପ୍ରକୋଷ୍ଠ ଭିତରକୁ ଆସି ପଞ୍ଜିକୃତ କରିଥିବା ଅନ୍ୟ ଅଭିଯୋଗକାରୀଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ସମସ୍ତ ଅଭିଯୋଗର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ



ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥିବା ଦେଖିବାକୁ ମିଳିଥିଲା।

ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦରେ ୧୦ ଜଣଙ୍କ ପାଇଁ ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଚଳିତ ବର୍ଷ ଆରମ୍ଭରୁ ଅଦ୍ୟାବଧି ଏହି ବ୍ୟବସ୍ଥାରେ ମୋଟ ୪୮ ଜଣଙ୍କୁ ସାଢ଼େ ୫୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଛି। ସୂଚନାଯୋଗ୍ୟ ଯେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଏକାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୮୯୪ଟି ଅଭିଯୋଗ ମଧ୍ୟରୁ ୧୦,୧୩୨ଟି ଅଭିଯୋଗର ସମାଧାନ କରାଯାଇଛି ଯାହା ୯୩ ପ୍ରତିଶତ। ବକେୟା ଅଭିଯୋଗଗୁଡ଼ିକର ସମାଧାନ ପ୍ରକ୍ରିୟା ମଧ୍ୟ ଜାରି ରହିଛି।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ➪ପୃଷ୍ଠା-୬

### ବ୍ରିକ୍ସ ସମ୍ମିଳନୀରେ ଭାରତର କୂଟନୈତିକ ସଫଳତା

## ପହଲଗାମ୍ ଆକ୍ରମଣକୁ ସଦସ୍ୟ ରାଷ୍ଟ୍ରଙ୍କ ନିନ୍ଦା

**ରିଓ ଡି' ଜେନେରୋ,୭।୭ (ସଂଚାର ବ୍ୟୁରୋ):** ବ୍ରାଜିଲର ରିଓ ଡି' ଜେନେରୋଠାରେ ଆରମ୍ଭ ହୋଇଥିବା ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଭାରତକୁ ବଡ଼ କୂଟନୈତିକ ସଫଳତା ମିଳିଛି। ଗତ ଏପ୍ରିଲ୍ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପହଲଗାମ୍ ଉପରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ମାମଲାରେ ଭାରତ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଥିବା ବେଳେ



ଏହି ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରମାନେ ଏହି ହମ୍‌ଲାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଏଥିସହ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍‌ଏସ୍‌ସି)ର ସଂସ୍କାର ଓ ସେଥିରେ ଭାରତର ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ବ୍ରିକ୍ସ ସଦସ୍ୟମାନେ ସମର୍ଥନ କରିଛନ୍ତି। ଏନେଇ ବ୍ରିକ୍ସ ପକ୍ଷରୁ ଜାରି ମିଳିତ ଘୋଷାଣାନାମାର ପାରା ୩୪ରେ କୁହାଯାଇଛି, ଆମେ ୨୨ ଏପ୍ରିଲ ୨୦୨୫ରେ ଜମ୍ମୁ ଓ କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ, ତାହାକୁ କଠୋର ଭାଷାରେ ନିନ୍ଦା କରୁଛୁ। ଆମେ ଆତଙ୍କବାଦର କୌଣସି ପ୍ରକାର ରୂପର ମୁକାବିଲା ଲାଗି ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ସୀମାପାର ଆତଙ୍କବାଦ, ଆତଙ୍କବାଦୀଙ୍କୁ ପାଣ୍ଠିଯୋଗାଣ ଓ ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟସ୍ଥଳ ଯୋଗାଣ ଆଦି। ଆମେ ମଧ୍ୟ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ➪ପୃଷ୍ଠା-୬

## ବିଶାଲ ଦାସଙ୍କୁ ଆଇଟିର ଜେରା

**ଭୁବନେଶ୍ୱର, ୭।୭(ସଂଚାର ବ୍ୟୁରୋ):** ଆୟକର (ଆଇଟି) ବିଭାଗ କାର୍ଯ୍ୟାଳୟରେ ହାଜର ହେଲେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ନବ ଦାସଙ୍କ ପୁଅ ବିଶାଲ ଦାସ। ଆୟକର ବିଭାଗ ନୋଟିସ ପରେ ସେ ଆଜି ହାଜର ହୋଇ ଦୀର୍ଘ ୧୨ ଘଣ୍ଟା ଧରି ଜେରାର ସମ୍ମୁଖୀନ ହୋଇଛନ୍ତି। କିଛି ଦିନ ପୂର୍ବରୁ ଆୟକର ବିଭାଗ ନବ ଦାସଙ୍କ ଝାରସୁଗୁଡାସ୍ଥିତ ଘର ସମେତ ମୋଟ ୯ଟି ସ୍ଥାନରେ ଚଢ଼ାଉ କରିଥିଲା। ବେନାମୀ କମ୍ପାନୀକୁ ନେଇ ବିଶାଲ ଦାସଙ୍କୁ ପଚରାଉଚରା କରାଯାଇଥିବା ଜଣାପଡ଼ିଛି।



୧୨ ଘଣ୍ଟା ଧରି ମାରାଥନ ଜେରା ପରେ ଆୟକର ବିଭାଗ କାର୍ଯ୍ୟାଳୟରୁ ବାହାରି ବିଶାଲ କହିଛନ୍ତି ଯେ ମୁଁ ମୋ ଘରର ଏକମାତ୍ର ପୁରୁଷ। ସାରା ଓଡ଼ିଶା ଜାଣିଛି କ'ଣ ହେଉଛି। ଜଗନ୍ନାଥଙ୍କ ଉପରେ ମୋର ଭରସା ଅଛି। ଯାହା ହେବ ଠିକ୍ ହେବ। କଠିନ ସମୟ ପାର୍ ହୋଇଯାଇଛି, ଏବକାର ସମୟ ମଧ୍ୟ ପାର୍ ହୋଇଯିବ। ଆୟକର ବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା। ତେଣୁ ଏଠାରେ ହାଜର ହେବାକୁ ଆସିଥିଲି ବୋଲି ବିଶାଲ ତାଙ୍କ ପତ୍ରିକ୍ରିୟାରେ କହିଛନ୍ତି। ଆୟକର ବିଭାଗ ଯାହା ତଥ୍ୟ ମାଗିଛି ସବୁ ତଥ୍ୟ ଦିଆଯାଇଛି ବୋଲି ମଧ୍ୟ ବିଶାଲ କହିଛନ୍ତି। ଏହି ମାମଲାରେ ପୂର୍ବରୁ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, ନୂଆଦିଲ୍ଲୀରେ ଆୟକର ଚଢ଼ାଉ ହୋଇଥିଲା।

## ପୁଣି ବିଜେପିକୁ ମନ-ମୋହନ ଭରସା

- ଚତୁର୍ଥ ଥର ରାଜ୍ୟ ସଭାପତି ହେଲେ
- ଆଜି ହେବ ବିଧିବଦ୍ଧ ଘୋଷଣା

**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ସତ ହେଲା 'ସଂଚାର'ର ପୂର୍ବାନୁମାନ। ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ଉପରେ ପୁଣିଥରେ ବିଜେପି ଆସ୍ଥା ପ୍ରକଟ କରିଛି। ସେ ଚତୁର୍ଥ ଥର ପାଇଁ ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ହୋଇଛନ୍ତି। ଦଳର ରାଜ୍ୟ ସଭାପତି ପଦ ପାଇଁ ଆସି ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେ ସଭାପତି ହେବା ସ୍ପଷ୍ଟ ହୋଇଛି। ଆସନ୍ତାକାଲି ଏନେଇ ବିଧିବଦ୍ଧ ଘୋଷଣା ହେବ।

୬୬ ବର୍ଷୀୟ ଶ୍ରୀ ସାମଲ ପୁଣିଥରେ ୩ ବର୍ଷ ପାଇଁ ସଭାପତି ନିର୍ବାଚିତ ହେବା ସହ ରାଜ୍ୟରେ ସର୍ବାଧିକ ଅବଧିର ବିଜେପି ସଭାପତି ହେବାର ରେକର୍ଡର ଅଧିକାରୀ ମଧ୍ୟ ହୋଇଛନ୍ତି। ପୂର୍ବରୁ ରାଜ୍ୟ ବିଜେପିର ସର୍ବାଧିକ ଅବଧିର ସଭାପତି ଭାବେ ବିଶ୍ୱଭୂଷଣ ହରିଚନ୍ଦନ ୮ ବର୍ଷ କାର୍ଯ୍ୟ କରିଥିବା ବେଳେ ଶ୍ରୀ ସାମଲ ପ୍ରଥମ ଦଫାରେ କ୍ରମାଗତ ଦୁଇ ଥରରେ ୫ ବର୍ଷ, ଦ୍ୱିତୀୟ ଦଫାରେ ୨ ବର୍ଷ ୩ ମାସ ଓ ତୃତୀୟ ଦଫାରେ ୩ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ସେ ଆଜି ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେ ରାଜ୍ୟ ବିଜେପିର ପରବର୍ତ୍ତୀ ସଭାପତି ହେବା ସ୍ପଷ୍ଟ ହୋଇଛି । ଯଦିଓ ଆସନ୍ତାକାଲି ବିଧିବଦ୍ଧ ଘୋଷଣା ହେବ। ଶ୍ରୀ ସାମଲ ଗତ ୧୯୯୯ରେ ରାଜ୍ୟ ବିଜେପିର ସଭାପତି ଥିବାବେଳେ ବିଜେଡି ସହ ମେଣ୍ଟ କରି ଦଳ ଓଡ଼ିଶାରେ ପ୍ରଥମ ଥର ପାଇଁ କ୍ଷମତାର ସ୍ୱାଦ ଚାଖିଥିଲା। ଏବେ ଦ୍ୱିତୀୟ ଥର ୨୦୨୩ ମାର୍ଚ୍ଚ ମାସରେ ଦଳର ରାଜ୍ୟ ସଭାପତି ଦାୟିତ୍ୱ ନେବା ପରେ ବିଜେପି ନିଜସ୍ୱ ଦମରେ ୨୦୨୪ ଜୁନରେ ସରକାର ଗଢ଼ିବାରେ ସକ୍ଷମ ହୋଇଛି। ଦଳକୁ କ୍ଷମତାସୀନ କରାଇବାରେ ଶ୍ରୀ ସାମଲ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛନ୍ତି । ଶ୍ରୀ ସାମଲଙ୍କ ପ୍ରଥମ ଦଫା ୧୯୯୯-୨୦୦୪ ସଭାପତିତ୍ୱ କାଳରେ ଦଳ ରାଜ୍ୟ ସରକାରରେ ଭାଗିଦାରୀ ହେବାରେ ➪ପୃଷ୍ଠା-୬

## ଆଜିଠୁ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ



**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଆସନ୍ତାକାଲିଠାରୁ ସାରା ରାଜ୍ୟରେ 'ଷ୍ଟିଅରିଂ ଛାଡ଼' ଆନ୍ଦୋଳନ ଆରମ୍ଭ ହେବ। ୬ ଦଫା ଦାବି ପୂରଣ ପାଇଁ ଡ୍ରାଇଭର୍‌ମାନେ ଏହି ଆନ୍ଦୋଳନ ଡାକରା ଦେଇଛନ୍ତି। ଏ ସଂକ୍ରାନ୍ତରେ ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ ଏହି ଆନ୍ଦୋଳନରୁ ଜରୁରୀକାଳୀନ ସେବା ଯଥା ଆମ୍ବୁଲାନ୍ସ, ଅଗ୍ନିଶମ ସେବା ଆଦିରେ ନିୟୋଜିତ ଡ୍ରାଇଭରମାନଙ୍କୁ ବାଦ୍ ଦିଆଯାଇଛି। ଅର୍ଥାତ୍ ସେମାନେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଆନ୍ଦୋଳନରେ ସାମିଲ ହେବେ ନାହିଁ ବୋଲି ଶ୍ରୀ ମେଣ୍ଡୁଲି ସ୍ପଷ୍ଟ କରିଛନ୍ତି। ଡ୍ରାଇଭର୍‌ଙ୍କ ଏହି ଆନ୍ଦୋଳନ ଫଳରେ ସମଗ୍ର ରାଜ୍ୟରେ ଯାତାୟାତ ବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। କିନ୍ତୁ ଯେ ପର୍ଯ୍ୟନ୍ତ ସରକାର ମହାସଂଘର ଦାବିଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନ ନେଇଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡ୍ରାଇଭର୍‌ମାନେ ଚେତାବନୀ ଦେଇଛନ୍ତି।


### ପିଏମ୍‌ଏୱାଇ-ଜି' ନେଇ ମନ୍ତ୍ରୀଙ୍କ ଘୋଷଣା

## ଆଉ ୩୭ ଲକ୍ଷ ପରିବାରକୁ ପକ୍କା ଘର

**ଭୁବନେଶର,୭।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଗରିବଗୁରୁବାଙ୍କ ମୁଣ୍ଡ ଉପରେ ଛାତ ସୁନିଶ୍ଚିତ କରିବା ସକାଶେ ରାଜ୍ୟ ସରକାରଙ୍କ ସହଯୋଗରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍‌ଏୱାଇ-ଜି) ଅଧୀନରେ ଆହୁରି ଅଧିକ ହିତାଧିକାରୀଙ୍କୁ ଯୋଡ଼ାଯିବ। ଏନେଇ ଆଜି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ, ରାଜ୍ୟରେ ଆହୁରି ୩୭ ଲକ୍ଷ ପରିବାରକୁ ପକ୍କା ଘର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ। ଏନେଇ ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ



ପକ୍ଷରୁ ମଧ୍ୟ ଅନୁମୋଦନ ମିଳିସାରିଛି। ନିକଟରେ ନୂଆଦିଲ୍ଲୀ ଗସ୍ତ ସମୟରେ ସେ ଏହି କେନ୍ଦ୍ରୀୟ ଯୋଜନା ଅଧୀନରେ ପକ୍କା ଘର ବଣ୍ଟନ ସମ୍ପର୍କରେ ସମ୍ପୃକ୍ତ କେନ୍ଦ୍ରୀୟ ମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିବା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ସରକାର ଉକ୍ତ ପକ୍କା ଘରଗୁଡ଼ିକ ମଞ୍ଜୁର କରିବେ। ଏ ନେଇ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। ସେହିପରି ଅନଲାଇନ ମାଧ୍ୟମରେ ଜମା ହୋଇଥିବା ପ୍ରାୟ ୪ ଲକ୍ଷ ଆବେଦନର ➪ପୃଷ୍ଠା-୬



### କାନ ଡେରିଆ

ସୂର୍ଯ୍ୟଦେବ ଏବେ ଛୁଟିରେ ଅଛନ୍ତି
ଇନ୍ଦ୍ରଦେବ ଜାଲେ ଜନେ
ମେକପ ଲଗେଇ ବାହାରି
ହେଉନି
ରାଗ ତମତମ ମନେ
ସୁନ୍ଦରୀ ତରୁଣୀ ଜାଣେ...
ଖରା ଦିନେ ସିଏ ଥଣ୍ଡା ଖାଇ
ଏବେ
ବରଷାକୁ ଦେବ ପାନେ।

■ ଦେବାଶିଷ

# ଜଗନ୍ନାଥଙ୍କ ପାଇଁ କଲମଛାଡ଼ ; ଗଡଫାଦରଙ୍କ ବେଳେ ଚୁପ

- ଓଏଏସ ଓ ଓଆରଏସ ସଂଘର ଆଭିମୁଖ୍ୟକୁ ନେଇ ପ୍ରଶ୍ନ
- ଧରାପଡୁଛି ସଂଘର ନବୀନ ନିବାସ ଲିଙ୍କ

**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନ ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ଦାବିରେ ଓଏଏସ ସଂଘ ରାଜ୍ୟରେ ଜରୁରୀ ପରିସ୍ଥିତି ସମୟରେ ବି ସମୂହ ଛୁଟିରେ ଯାଇ ସରକାରଙ୍କୁ ଅକଳରେ ପକାଇଦେଇଥିଲା। ସରକାର ମଧ୍ୟ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଓଏଏସ ସଂଘର ଦାବିକୁ ମାନିନେଇଥିଲେ। ଓଏଏସ ସଂଘର ଆନ୍ଦୋଳନ ସହ ଓଆରଏସ ସଂଘ ବି ସାମିଲ ହୋଇଥିଲା। ହେଲେ ଗତ ୨୬ ତାରିଖରେ ବ୍ୟାସନଗର ପୌରନିର୍ବାହୀ ଅଧିକାରୀଙ୍କୁ ବିଜେଡି କାଉନସିଲମାନେ ନିର୍ଯାତନା ଦେବା ଘଟଣାରେ ଏହି ଦୁଇ ପ୍ରଶାସନିକ ଅଧିକାରୀଙ୍କ ସଂଘ କାହିଁକି ନିରବ, ତାକୁ ନେଇ ପ୍ରଶ୍ନ ଉଠିଛି।

ବ୍ୟାସନଗର ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କୁ ଗତ ୨୬ ତାରିଖରେ ବିଜେଡି କାଉନସିଲରମାନେ ପ୍ରାୟ ୮ ଘଣ୍ଟା ଧରି ଅଟକ ରଖିଥିଲେ। ଏମିତିକି ଔଷଧ ଖାଇବାକୁ ମଧ୍ୟ ତାଙ୍କୁ ଛାଡ଼ିନଥିଲେ। କିଛି ଫାଇଲରେ ଜବରଦସ୍ତ ଦସ୍ତଖତ କରିବାକୁ ବିଜେଡି



ଅଧ୍ୟକ୍ଷ ଓ କାଉନସିଲର ଧମକଚମକ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ବାବଦରେ ଜିଲ୍ଲାପାଳଙ୍କ ନିକଟରେ ଗତ ୨୭ ତାରିଖରେ ଅଭିଯୋଗ କରିବା ସହ ନିର୍ବାହୀ ଅଧିକାରୀ ଛୁଟିରେ ଯାଇଛନ୍ତି। ଏହି ଘଟଣାକୁ ଇତି ମଧ୍ୟରେ ୧୦ ଦିନ ବିତିଗଲାଣି। ହେଲେ ଜଣେ ସରକାରୀ ଅଧିକାରୀଙ୍କୁ ଅଟକ ରଖି ତାଙ୍କୁ ନିର୍ଯାତନା ଦେବା ଘଟଣାରେ ସମ୍ପୃକ୍ତ କାଉନସିଲଙ୍କୁ ଏଯାଏଁ କାହିଁକି ଗିରଫ କରାଯାଇନାହିଁ ବୋଲି ➪ପୃଷ୍ଠା-୬

### ରତ୍ନାକରଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ସେପଟେ ଭିନ୍ନ ମୋଡ଼ ନେଇଛି ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା। ଆଜି ନୟାପଲ୍ଲୀ ୱେଲଫେୟାର କମିଟି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ



ପ୍ରକୋଷ୍ଠ ଯାଇ ରତ୍ନାକରଙ୍କ ବିରୋଧରେ ଫେରାଦ ହୋଇଛି। ରତ୍ନାକରଙ୍କ ବିରୋଧରେ ରେବତୀ ନାମ୍ନୀ ସ୍ୱଚ୍ଛସାଥୀ ଏଫଆଇଆର ଦେଇଛନ୍ତି। ହେଲେ ୮ ଦିନ ପରେ ବି କାହିଁକି ରେବତୀଙ୍କ ଅଭିଯୋଗର ତଦନ୍ତ ହୋଇନି ବୋଲି କମିଟି ପ୍ରଶ୍ନ କରିଛି। ସେହିପରି ଜଣେ ମହିଳା ଓଏଏସଙ୍କୁ ରତ୍ନାକର ନିର୍ଯାତନା ଦେଇଥିବା ନେଇ ଅଡିଓ ଭାଇରାଲ ➪ପୃଷ୍ଠା-୬

# ଚକଡ଼ାରେ ଲାଗିଲା ବ୍ରହ୍ମତାଳଧ୍ୱଜ

**ବାମ ପାର୍ଶ୍ୱରେ ୮ଥର ଲାଗିଲା ରଥ**

**ତ୍ରୁଟିର ତଦନ୍ତ ହେବ: ଉପଜିଲ୍ଲାପାଳ**

**ବର୍ଷାରେ ଭକ୍ତ ହେଲେ ଆନନ୍ଦିତ**

**କେନ୍ଦ୍ରାପଡ଼ା,୭।୭ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ର ଆରାଧ ଦେବତା ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ରଥ ଆଜି ଚକଡ଼ା ଛୁଇଁଛି। ଆଜି ଦିନ ତମାମ ବଡ଼ଦାଣ୍ଡରେ ବର୍ଷା ଲାଗିରହିଥିବା ବେଳେ ବର୍ଷାରେ ଭିଜି ହଜାର ହଜାର ସଂଖ୍ୟକ ଭକ୍ତ ଆନନ୍ଦର ସହ ରଥକୁ ଟାଣିଥିଲେ । ବାହୁଡ଼ାର ତୃତୀୟ ଦିବସରେ ରଥ ବିଭ୍ରାଟ ବା ସମସ୍ତ ବାଧା ବିଘ୍ନକୁ ଅତିକ୍ରମ କରି ଶ୍ରୀ ମନ୍ଦିର ସମ୍ମୁଖ ଚକଡାରେ ବ୍ରହ୍ମ ତାଳଧ୍ୱଜ ରଥ ଲାଗିଥିବାରୁ ସର୍ବତ୍ର ଭକ୍ତଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ବାହୁଡାରେ ମଧ ବାରମ୍ବାର ବାମ ମୋଡ ନେଇ ଅଟକି ରହିବାରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ମଧରେ ନୈରାଶ୍ୟ ଖେଳି ଯାଇଥିଲା । ଭାରତୀୟ ରେଲୱେର ପାରାଦୀପରୁ କର୍ମଚାରୀ ଆସି ରଥକୁ ଜ୍ୟାକ୍ ମେସିନ୍ ସାହାଯ୍ୟରେ ରଥ ଗତିପଥକୁ ପରିବର୍ତ୍ତନ କରିଥିଲେ। ଯାହାଫଳରେ ରଥ ଆଗକୁ ଆଗକୁ ଗଡିଥିଲେ ମଧ ରଥ ଚକ ବାରମ୍ବାର ତ୍ରୁଟି ଦେଖା ଦେଇଥିଲା ସେହି ସମୟରେ ମହାରଣା ସେବାୟତ ଚକକୁ ମରାମତି କରିଥିଲେ। ଅନ୍ୟପଟେ ରଥ ଦଉଡ଼ି ମଧ ଏକାଧିକ ବାର ଭକ୍ତ ରଥ ଟାଣିବା ସମୟରେ ଛିଣ୍ଡି ଯାଇଥିଲା। ଶ୍ରୀ ଗୁଣ୍ଡିଚାରେ ବ୍ରହ୍ମ ତାଳଧ୍ୱଜ ରଥ ବାରମ୍ବାର ବାମ ମୋଡ ଓ ଦକ୍ଷିଣ ମୋଡ ନେଇ ୪ଦିନ ପରେ ମାଉସି ମା' ମନ୍ଦିର ନିକଟରେ ପହଁଚି ଥିବାବେଳେ ବାହୁଡାରେ ମଧ ସେହିଭଳି ବାମ ମୋଡ ନେଇ ତୃତୀୟ ଦିବସରେ ଚକଡା ଲାଗି ଥିବାରୁ ରଥଯାତ୍ରା ପରିଚାଳନା କରୁଥିବା ଜିଲ୍ଲା ପ୍ରଶାସନ, ଦେବୋତର ପରିଚାଳନା ସମିତିକୁ ଜନ ସଧାରଣ ସମାଲୋଚନା କରିବାକୁ ପଛାଇ ନାହାଁନ୍ତି ।

ତେବେ ୪ ବର୍ଷ ହେଲା ଲଗାତାର ରଥଟଣା ରେ ବିଘ୍ନ ଘଟୁଥିବାରୁ ରଥ ନିର୍ମାଣରେ ତୃଟି ରହୁଥିବା ଓ ରଥର ଅଖ, ଚକ ଗଠନରେ ତୃଟି ରହୁଥିବାରୁ ଚାଲିଲା ବେଳେ ବାରମ୍ବାର ମୋଡ ନେଉଥିବା ଅନେକ ପୁରୁଖା ଲୋଲେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏ ଦିଗରେ ମନ୍ଦିର ପ୍ରଶାସନ ଦୃଷ୍ଟି ଦେଇ ଆଗାମୀ ବର୍ଷ ଠାରୁ ସୁରୁଖୁରୁରେ ରଥଟଣା ପରିଚାଳନା କରିବାକୁ ସାଧାରଣରେ ଦାବି ହେଉଛି । କିନ୍ତୁ ରଥ ବିଭ୍ରାଟ କୁ ନେଇ ଉପଜିଲ୍ଲାପାଳ ଙ୍କୁ ପଚାରିବାରୁ ତାହାର ତଦନ୍ତ କରାଯିବ ବୋଲି ପ୍ରତିକ୍ରିୟାରେ କହିବା ସହିତ ଆଗାମୀ ଦିନରେ ଯେମିତି ଏହା ପୁନର୍ବାର ନହେବ ତାକୁ ପ୍ରଶାସନ ନଜର ରଖିବ ବୋଲି କହିଛନ୍ତି।





## ପଟ୍ଟାମୁଣ୍ଡାଇରେ ପ୍ରଭୁଙ୍କ ସୁନାବେଶ, ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼

**ପଟ୍ଟାମୁଣ୍ଡାଇ,୭।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଭୁଙ୍କ ଅପୂର୍ବ ସୁନାବେଶ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ପତିତପାବନ ମନ୍ଦିର ପ୍ରଭୁ ପତିତପାବନଙ୍କ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଇ ଅବସରରେ ପ୍ରଭୁଙ୍କ ଦର୍ଶନାର୍ଥୀ ଭକ୍ତଙ୍କୁ ଆଧାତ୍ମିକ ପରିବେଶରେ ତଲିନ କରିବା ପାଇଁ ବକ୍ତାରପୁର ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପକ୍ଷରୁ କଳାକାରମାନେ ଚିତାକର୍ଷକ ଭଜନ ପରିବେଷଣ କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ ଘୋଷ ଯାତ୍ରା ଓ ବାହୁଡ଼ା ଯାତ୍ରା ବିପୁଳ ଆନନ୍ଦଉଲ୍ଲାସ ମଧରେ ପାଳିତ ହୋଇଥିବାବେଳେ ଆଜି ରଥାରୁଢ଼ ପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରାଙ୍କ ସୁନାବେଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହିତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଥିବା ଜଗନ୍ନାଥ ମନ୍ଦିର ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ହରପାର୍ବତୀ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାଛଡା ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ଅଂଚଳରେ ଥିବା ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶ ପୋଲିସ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

## ସହିରା ଜଗନ୍ନାଥଙ୍କ ସୁନାବେଶରେ ପ୍ରବଳ ଜନସମାଗମ



**ଆଳି,୭।୭ (ସଂଚାର ବ୍ୟୁରୋ):** ସହିରାରେ ଜଗନ୍ନାଥଙ୍କ ପବିତ୍ର ସୁନାବେଶ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତର ସହିରା ଗ୍ରାମରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରଥାରୁଢ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ସୁନାବେଶ ଦର୍ଶନ ନିମନ୍ତେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମଗମ ହୋଇଥିଲା । ରଥ ପରିଚାଳନା କମିଟି ତରଫରୁ ହନୁମାନ ଛକ ସ୍ଥିତ ମାଉସୀ ମା' ମନ୍ଦିର ନିକଟରେ ୯ଦିନ ବ୍ୟାପୀ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଶିଶୁ ପ୍ରତିଭାମାନଙ୍କୁ ମାନପତ୍ର, ଟଙ୍କା ଓ ସିଲଦେଇ କମିଟିର ମୁଖ୍ୟ ଗୋବିନ୍ଦ ଚନ୍ଦ୍ର ରାଉତ ଏବଂ ସଂଗୀତ ନିର୍ଦ୍ଦେଶକ ତଥା ପୂର୍ବତନ ଶିକ୍ଷକ ବିଜୟ କୁମାର ପାତ୍ର ପ୍ରଦାନ କରିଥିଲେ । କମିଟି ତରଫରୁ ପ୍ରାସାଦ ସେବନର ସୁବ୍ୟବସ୍ଥା ହୋଇଥିବାରୁ ଭକ୍ତମାନେ ପ୍ରାସାଦ ସେବନ କରିଥିଲେ । କମିଟିର ସମସ୍ତ ସଦସ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତାବଧାନରେ ଉକ୍ତ ଉତ୍ସବଟିକୁ ସୁଚାରୁ ରୂପେ ସମ୍ପାଦନ ହୋଇଥିବାରୁ ଗ୍ରାମବାସୀ ଭୁରିୟସୀ ପ୍ରଶଂସା କରିଥିଲେ ।




## ବାହୁଡ଼ାରେ ସ୍ୱେଚ୍ଛାସେବୀ ସଂଗଠନର ସେବା କାର୍ଯ୍ୟ

**ରାଜନଗର,୭।୭ (ସଂଚାର ବ୍ୟୁରୋ):** ରାଜନଗରବ୍ଲକ ଅନ୍ତର୍ଗତ କେରେଡ଼ାଗଡ଼ ଠାରେ ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ଅଗ୍ରଣୀୟ ସମାଜ ସେବା ସଂଗଠନ ଜୟ ଜଗନ୍ନାଥ ଫାଉଣ୍ଡେସନ ଓଡିଶା ତରଫରୁ ଚାରା, ପାନୀୟ ଜଳ, ବିସ୍କୁଟ ଓ ପାନୀୟ ଜଳ ବଣ୍ଟନର କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାଙ୍କ ମିଳିତ ଉଦ୍ୟମରେ ସମାଜ ପ୍ରତି ଥିବା ଶ୍ରଦ୍ଧା ସମ୍ମାନ ଓ ସମାଜର ଉନ୍ନତି ପାଇଁ ସମାଜକୁ ଗଛ ସଂପର୍କ ରେ ବାର୍ତ୍ତା ଦେଇ ଲୋକ ମାନଙ୍କୁ ବିଭିନ୍ନ ପ୍ରକାର ଚାର ବଣ୍ଟନ କରିଥିଲେ।

## କେନାଲବନ୍ଧ ପାଲଟିଛି ମରଣଯନ୍ତା

**ମାହାଙ୍ଗା,୭।୭ (ସଂଚାର ବ୍ୟୁରୋ):** ସାଧାରଣ ଲୋକଙ୍କର ସମସ୍ୟାକୁ ନା ଶୁଣୁଛି ପ୍ରଶାସନ ନା ବୁଝୁଛନ୍ତି ରାଜନେତା। ଯାହାଫଳରେ ଲୋକମାନେ ଯାତାୟାତରେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଏହାର ଉଦାହରଣ ପାଲଟିଛି ମାହାଙ୍ଗା ଅଞ୍ଚଳକୁ ସଂଯୋଗକରୁଥିବା ୮ନଂ କେନାଲବନ୍ଧ ଆର୍‌ଡି ରାସ୍ତା। ଯାହା ଆପିଲୋ ଜହ୍ନିଆ ବଜାର ଛକ ଠାରୁ ଉମର ବାଲିଆଚକା ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତିଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନେ ଯାତାୟାତ କରିବା ନେଇ ସମସ୍ୟା ଭୋଗୁଛନ୍ତି ଗାଡି ଚାଳକମାନେ। ଗତବର୍ଷ ଏହି ରାସ୍ତା ସମ୍ପର୍କରେ ଗଣମାଧମରେ ଅଭିଯୋଗ ହେବା ପରେ ମାହାଙ୍ଗାର ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ଉଦ୍ୟମରେ ରାସ୍ତାର ଖାଲଖମାରେ ଡଷ୍ଟଗୁଣ୍ଡ ପକାଯାଇ ମହାମତି କାର୍ଯ୍ୟ କରିଥିଲା ପ୍ରଶାସନ। ସ୍ଥାୟୀ ରାସ୍ତା କାମ ନହେବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିଲେ ମଧ ବିଭାଗୀୟ କତୃପକ୍ଷ ଦୃଷ୍ଟିପତ୍ତୁ ନାହାଁ। ବର୍ତ୍ତମାନ ବର୍ଷା ହେବା ଫଳରେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା ରେ ପାଣି ଜମି ରହୁଛି। ରାସ୍ତା ମରାମତିର ବର୍ଷକ ପରେ ବି ଆର୍‌ଡି ବିଭାଗର ଅବହେଳା ଯୋଗୁଁ ସ୍ଥାୟୀରାସ୍ତା ନିର୍ମାଣ କରାଗଲା ନାହିଁ। ଯାହା ଫଳରେ ବର୍ତ୍ତମାନ ସାଧାରଣ ଜନତା ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଆର.ଡି ବିଭାଗର ରାସ୍ତାର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ଉକ୍ତ ରାସ୍ତାର ସ୍ଥାୟୀ ମରାମତି କରାଯିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ପଦକ୍ଷେପ ଗ୍ରହଣ କରୁବୋଲି ସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଇଛି।




## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର, ୧୨୩ ଅଭିଯୋଗ ପଞ୍ଜିକୃତ

**କେନ୍ଦ୍ରାପଡ଼ା,୭।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲରେ ସୋମବାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୧୨୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧରୁ ୧୧୨ ଟି ବ୍ୟକ୍ତିଗତ ହୋଇଥିବା ବେଳେ୧୧ଟି ସାମୂହିକ ଅଭିଯୋଗ ଥିଲା । ଅଭିଯୋଗ ଶୁଣାଣୀରେ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ୩୭ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଭିଯୋଗ ଶୁଣାଣୀରେ ମୁଖ୍ୟତଃ ଭା, ଜମିଜମା ବାବଦ, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ସମ୍ବନ୍ଧୀୟ ଅଭିଯୋଗ ଗୁଡିକ ପଞ୍ଜିକୃତ ହୋଇଥିଲା । ଅଭିଯୋଗ ଗୁଡିକର ଶୁଣାଣିକରି ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଅଭିଯୋଗ ଶୁଣାଣିରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଆସନ୍ତା ୧୪ ଜୁଲାଇରେ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ୨୧ ଜୁଲାଇରେ ଗରଦପୁର ଏବଂ ୨୮ ଜୁଲାଇରେ ରାଜନଗର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି କରାଯିବାର କାର୍ଯ୍ୟକ୍ରମ ରହିଛି ।



## ମେଡିକାଲ କଲେଜ ପ୍ରତିଷ୍ଠା ଆମର ହକ, କାହାର ଦୟା ନୁହେଁ: କ୍ରିୟାନୁଷ୍ଠାନ କମିଟି




**● ଜୁଲାଇ ୨୩ରେ ଜିଲ୍ଲା ବନ୍ଦ, ୧୩ରେ ଗଣ କନଭେନସନ**


**କେନ୍ଦ୍ରାପଡ଼ା,୭।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଲଢେଇ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ରାଜନୈତିକ ପସାପାଲିରେ ବାରମ୍ବାର ପ୍ରତାରିତ କେନ୍ଦ୍ରାପଡା ଜିଲ୍ଲା ଆଜି ଅର୍ଥନୈତିକ ଦୁର୍ଗତିରେ ସଢୁଛି। ସରକାର ପରେ ସରକାର ବଦଳୁଛି କିନ୍ତୁ ବିକାଶର ନା ଧରୁନି। ପ୍ରତିଶ୍ରୁତିର ଅଭାବ ନାହିଁ। ପ୍ରତ୍ୟେକ କେନ୍ଦ୍ରାପଡ଼ିଆଙ୍କ ଦାବି ମେଡିକାଲ କଲେଜ ପ୍ରତିଷ୍ଠା ହେଉ। ଦାବୀର ଯଥାର୍ଥତା ମଧ ରହିଛି। କିନ୍ତୁ ପଦ୍ମ ଘୁଞ୍ଚି ଘୁଞ୍ଚି ଚାଲିଛି। ରାଜ୍ୟ ସରକାର କେନ୍ଦ୍ରାପଡ଼ାବାସୀଙ୍କ ଧୈର୍ଯ୍ୟର ପରୀକ୍ଷା ନିଅନ୍ତୁ ନାହିଁ ବୋଲି ଆଜି ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। ଜିଲ୍ଲା ରିଡିଙ୍ଗ ରୁମରେ କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ଆସନ୍ତା ଜୁଲାଇ ୨୩ରେ କେନ୍ଦ୍ରାପଡା ଜିଲ୍ଲା ବନ୍ଦ ପାଇଁ ଚରମ ନିଷ୍ପତି ନିଆଯାଇଛି। ଏଥି ପୂର୍ବରୁ ଆସନ୍ତା ୧୩ତାରିଖ ଦିନ କେନ୍ଦ୍ରାପଡାରେ ଏକ ଗଣ କନଭେନସନ ଅନୁଷ୍ଠିତ ହେବ। ଏହି ଗଣ କନଭେନସନରେ ଜିଲ୍ଲାର ବର୍ତ୍ତମାନ ଓ ପୂର୍ବତନ ଲୋକ ପ୍ରତିନିଧି, ସମସ୍ତ ରାଜନୈତିକ ଦଳ,ଗଣସଙ୍ଗଠନ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସମାଜ ଓ ଅନ୍ୟ ସମସ୍ତଙ୍କୁ ସାମିଲ କରାଯିବ । ଏହି ବନ୍ଦକୁ ସଫଳ କରିବାପାଇଁ ସାରା ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି।

## ରାଜସ୍ୱ ଅମଲା କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ




**ନିଷ୍ଟିନ୍ତକୋଇଲି,୭।୭ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତି ଅନୁସାରେ ଗତ ଜୁନ ମାସ ୨୩ ତାରିଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ତରଫରୁ ରାଜ୍ୟ ସଭାପତି ଓ ସାଧାରଣ ସମ୍ପାଦକଙ୍କ ନେତୃତ୍ୱରେ ଏକ ଦଶଦଫା ଦାବି ସମ୍ବଳିତ ଦାବି ପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଯଦି ଆସନ୍ତା ୧୫ ଦିନ ମଧରେ ରାଜ୍ୟ ସରକାର ଦାବି ଗୁଡିକ ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରନ୍ତି ତାହାହେଲେ ଜୁଲାଇ ମାସ ୭ତାରିଖ ଠାରୁ ୧୧ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ରାଜସ୍ୱ ଅମଲା କର୍ମଚାରୀମାନେ କଳାବ୍ୟାଚ ପରିଧାନ ପୂର୍ବକ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଆଜି ନିଷ୍ଟିନ୍ତକୋଇଲି ତହସିଲ, ବ୍ଲକ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅମଲା କର୍ମଚାରୀମାନେ କଳା ବ୍ୟାଚ ପରିଧାନ କରି ସରକାରଙ୍କ ଚରମ ଅବହେଳାକୁ ବିରୋଧ କରି କାର୍ଯ୍ୟ କରିଥିଲେ ।

## ବେଣୁଧର ପାଣିଗ୍ରାହୀ ଜିଲ୍ଲା ଯୋଗାଣ ଅଧିକାରୀ



**କେନ୍ଦ୍ରାପଡା,୭।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ନୂତନ ଭାବରେ ଯୋଗାଣ ବେସାମରିକ ଅଧିକାରୀ ବେଣୁଧର ପାଣିଗ୍ରାହୀ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ବଲାଙ୍ଗୀରରେ ଯୋଗାଣ ଅଧିକାରୀ ରୂପେ କାର୍ଯ୍ୟରତ ଥିଲେ। ପୂର୍ବରୁ ସିନିବାସ ସାହୁ ଯୋଗାଣ ଅଧିକାରୀ ରୂପେ କେନ୍ଦ୍ରାପଡ଼ାରୁ ଅନୁଗୁଳ ବଦଳି ହୋଇଥିଲେ । କିଛି ଦିନ ହେବ ଏହି ପଦଟି ଖାଲି ପଡିଥିଲା। ଆଜି କାର୍ଯ୍ୟରେ ଯୋଗଦେବା ପରେ ସମସ୍ତ କର୍ମଚାରୀମାନେ ତାଙ୍କୁ ପାଛୋଟି ନେବା ସହିତ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଯୋଗାଣ ଅଧିକରି ଶ୍ରୀତମ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

## ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

**ରାଜନଗର,୭।୭ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଆଜି ବନ ମହତ୍ସବ ଅନୁଷ୍ଠିତ ହୋଇଯାଇଛି। ମହତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ଙ୍କ ପୌରାହିତ ରେ ଅନୁଷ୍ଠିତ ହୋଇଥିଲା। ବନ ମହୋତ୍ସବ ସପ୍ତାହ ପଳାନ ଅବସରରେ ଇୟୁଥ ରେଡକ୍ରସ ତରଫରୁ ମହାବିଦ୍ୟାଳୟରେ ଚାରା ରୋପଣ




କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୱାଇଆରସି କାଉନ୍‌ସିଲର ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ଅଧାପିକା ରାଜଶ୍ରୀ ସାମନ୍ତ, ପ୍ରାଣୀ ବିଜ୍ଞାନର ଅଧାପିକା ଅନୁସୟା ବେହେରା, ରାଜନୀତି ବିଜ୍ଞାନର ଅଧାପକ ପ୍ରତାପ କୁମାର ସ୍ୱାଇଁ, ଡ଼. ଆଲୋକ ବେହେରା, ରସାୟନ ବିଜ୍ଞାନ ଅଧାପକ ପୁଷ୍ପ ରଞ୍ଜନ ରାଉତ, ଅଧାପକ ଚିତ୍ତ ରଞ୍ଜନ ସ୍ୱାଇଁ, ବରିଷ୍ଠ କିରାଣୀ ପ୍ରଦୀପ ମିଶ୍ର, ରାଧାକାନ୍ତ ରାଉତ, କିରଣ ସେଠୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ଏଥିରେ ମହାବିଦ୍ୟାଳୟର ୫ଠରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।



## ପ୍ରଫୁଲ୍ଲ କୁମାର ପଢ଼ିଆରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମହାକାଳପଡ଼ା,୭।୭ (ସଂଚାର ବ୍ୟୁରୋ):** ଯୁବଜ୍ୟୋତି ଆଞ୍ଚଳିକ ଶିକ୍ଷାନିକେତନ, ବରକନ୍ଧାର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଢ଼ିଆରୀଙ୍କୁ ରବିବାର ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ପୁରାତନ ଛାତ୍ର ସାଂସଦ ତରଫରୁ ଆୟୋଜନ କରାଯାଇଥିଲା। ପ୍ରଥମେ ସତ୍ୟନାରାୟଣ ପୀଠଠାରୁ ଶୋଭାଯାତ୍ରାରେ ଶ୍ରୀଯୁକ୍ତ ପଢ଼ିଆରୀଙ୍କୁ ଛେଡାକଣି ଓ ବରକନ୍ଧା ଦୁଇଟି ଗ୍ରାମରେ ବୁଲାଇ ବରକନ୍ଧା ସ୍କୁଲରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ। ପୁରାତନ ଛାତ୍ର ସନ୍ତୋଷ ରାଉତ ସଭାପତିତ୍ୱ କରିଥିବା ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟୁତ ଖୁଣ୍ଟିଆ ଏବଂ ସମ୍ମାନିତ ଅତିଥି ଭାବେ ମଥୁରୀ ସେନାପତି ଓ ଅଜୟ ସ୍ୱାଇଁ ଯୋଗଦେଇଥିଲେ। ଶ୍ରୀ ପଢ଼ିଆରୀ ଗତ ଜୁନ ୩୦ ତାରିଖରେ ଅବସର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ପୁରାତନ ଛାତ୍ର ବିବେକ ବସନ୍ତିଆ, ସଂଗ୍ରାମ ସାହୁ, ପ୍ରୀତିରଞ୍ଜନ ରାଉତ, ବୈକୁଣ୍ଠ ରାଉତ,ଆଦିତ୍ୟ ସେନାପତି, ମନୋରଞ୍ଜନ ରାଉତ, ତପନ ସ୍ୱାଇଁ, ପ୍ରଭାକର ରାଉତ, ପ୍ରଣୟ ସ୍ୱାଇଁ, ଅଜୟ ଲେଙ୍କା, ଜାନକୀ ସାହୁ, ଡାଳିମ୍ବ ପରିଡା ଏବଂ ଅନ୍ୟ ପୁରାତନ ଛାତ୍ର ଛାତ୍ରୀମାନେ ଆୟୋଜନ କରିଥିଲେ।

## ବେଲତଳରେ ପ୍ରତିଭା ସମ୍ମାନ ଉତ୍ସବ

**ପଟ୍ଟାମୁଣ୍ଡାଇ,୭।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ମାଉସୀ ମା' ମନ୍ଦିର କମିଟି ପକ୍ଷରୁ ଏକ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମାଉସୀ ମା' ମନ୍ଦିର ପରିଚାଳନା କମିଟି ସଭାପତି ସୁଧାଂଶୁ ଦାସଙ୍କ ପୌରହିତ୍ୟ ଓ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟବକ୍ତା, ସମାଜସେବୀ ବିବେକ ପ୍ରଧାନ ସମ୍ମାନିତଅତିଥି ଭାବେ ଯୋଗ ଦେଇ ନୃତ୍ୟ, ହୁଳହୁଳି, ଶଙ୍ଖବଜେଇବା ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଶ୍ମି ରଞ୍ଜନ ପାଢ଼ୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ନବ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରୋଜ କୁମାର ପାଢ଼ୀ, ମନୋଜ କୁମାର ପରିଡା, ଅଜୟ କୁମାର ବେହେରା,ଗୁରୁ ଚରଣ ବେହେରା, ପୁରୁଷୋତ୍ତମ ସାହୁ, ବିଭୁତି ଦାଶ ଓ ସନ୍ତୋଷ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ ।



## ବୃହତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ

- ଠିକାଦାରଙ୍କ ମନମାନୀରେ ଚାଲୁଛି କାମ
- ବ୍ୟବହୃତ ବାଲି ନିମ୍ନମାନର
- ସିମେଣ୍ଟ ଚୋରି ଅଭିଯୋଗ



**ରାଜକନିକା,୭।୭ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳସାହି,ବରୁଣା ଗାଁଠାରେ ନିର୍ମାଣାଧିନ ବୃହତ ପାନୀୟ ଜଳ ପ୍ରକଳ୍ପର କାମ ଏବେ ଅଧାରୁ ବେଶୀ ଆଗେଇ ପାରି ନ ଥିବାରୁ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଗାଁର ପ୍ରତି ଲୋକେ ପାଣି ପାଇବା ନେଇ ସନ୍ଦେହ ଦେଖାଦେଇଛି । ଏନେଇ ବିଭାଗୀୟ ଅଧିକାରୀ କିନ୍ତୁ ଅବଧି ସୁଦ୍ଧା ପ୍ରତି ଗାଁରେ ପାଣି ପହଞ୍ଚିବ ବୋଲି ଦୃଢୋକ୍ତି କରିଛନ୍ତି ।

ଅଭିଯୋଗ ଅନୁଯାୟୀ ବହୁ ପ୍ରତିକ୍ଷିତ ଏହି ପାନୀୟ ଜଳ ପ୍ରକଳ୍ପକୁ ବ୍ଲକର ଜନସାଧାରଣ ଚାତକ ଭଳି ଅନେଇଛନ୍ତି। ଦୀର୍ଘଦିନ ଦିନଧରି ପିଇବା ପାଣି ପାଇବା ସଙ୍କଟରେ ଯୁଝି ହେଉଥିବା ଲୋକେ ନାହିଁ ନ ଥିବା ହିନସ୍ତା ଭୋଗୁଥିବା ବେଳେ ହର୍ ଘର ଜଲ୍ ମିଶନରେ ଏଭଳି ପ୍ରକଳ୍ପ ନିଶ୍ଚିତ ଭାବେ ଭରସାଯୋଗ୍ୟ ହୋଇ ପାରିବ। ହେଲେ ନିର୍ମାଣାଧିନ ପ୍ରକଳ୍ପ କାମ ଅଧାରେ ଅଟକି ଥିବା ନେଇ ଅଭିଯୋଗ ହେବା ବେଳେ କିନ୍ତୁ ବିଭାଗୀୟ ଅଧିକାରୀ ପ୍ରାୟ ୭୬ ପ୍ରତିଶତ କାମ ସରିଛି ବୋଲି କହିଛନ୍ତି । ଗତ ବୁଧବାର ଦିନ ଜିଲ୍ଲା ବିଜେପିର କିଛି ନେତୃବୃନ୍ଦ କାମର ଅଗ୍ରଗତି ନେଇ ଜାଣିବାକୁ ଘଟଣା ସ୍ଥଳରେ ପହଞ୍ଚି କାହାକୁ ନ ପାଇ ଅସନ୍ତୋଷ ପ୍ରକାଶ କରି ଫେରି ଯାଇଥିଲେ ।

ପ୍ରକଳ୍ପ ନିର୍ମାଣର କଚ୍ଛପଗତି ଯୋଗୁ ହିଁ ନିର୍ଦ୍ଧାରିତ ସମୟରେ ପାଣି ମିଳିବା ନେଇ ସନ୍ଦେହ ଉପୁଜିଛି। ଏହାସହ ପ୍ରକଳ୍ପ ନିର୍ମାଣ ସ୍ଥଳରେ ଢେର୍ ଅନିୟମିତତା ଦେଖା ଦେଇଛି। ନିଜ ମନମାନିରେ ଠିକାଦାର କାମ କରୁଥିବା ନେଇ ଅଭିଯୋଗ ହେଉଛି । ପ୍ରକଳ୍ପରେ ବ୍ୟବହୃତ ବାଲିର ମାନ ନେଇ ମଧ ସାମାଜିକ କର୍ମୀ ସୁଶାନ୍ତ ନାୟକ ପ୍ରଶ୍ନ ଉଠାଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ କିନ୍ତୁ ଏହାକୁ ଖଣ୍ଡନ କରି ସବୁତକ ବାଲି ନିର୍ଦ୍ଦିଷ୍ଟ ଭାବେ ଟେଷ୍ଟିଙ୍ଗ୍ ହୋଇ ଆସୁଥିବାର ସଫେଇ ଦିଆଯାଇଛି । ତେବେ ପ୍ରକଳ୍ପ ନିର୍ମାଣ ସମୟରେ ସିମେଣ୍ଟ ବାହାରେ ବିକ୍ରି ହେଉ ଥିବାର ମଧ ଅଭିଯୋଗକୁ ଅଧିକାରୀ ଜଣକ ହାଲକା ଭାବେ ନେଇ ଠିକାଦାର ସଂସ୍ଥାର ମ୍ୟାନେଜରଙ୍କୁ ଏନେଇ ପଚାରନ୍ତୁ ବୋଲି କହିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ପ୍ରତି ଗାଁରେ ଏଯାବତ୍ ପାଇପ୍ ବିଛା ସରିଛି ବୋଲି ବିଭାଗୀୟ ସୂତ୍ରରୁ ଯାହା ଜଣାପଡୁଛି ହେଲେ ସତ୍ୟ ନୁହେଁ । ଏବେବି ଅନେକ ସ୍ଥାନରେ ପାଇପ୍ ନ ବିଛାଇ ଛାଡି ଦେବା ଭଳି ଅବସ୍ଥା ବି ଦେଖାଦେଇଛି ।

# ମଝିଘରିଆଣୀଙ୍କ ୯ ହୁଣ୍ଡିରୁ ବାହାରିଲା ୧ କୋଟି ୪ ଲକ୍ଷ

## ମିଳିଲା ୧୨ ବିଦେଶୀ ନୋଟ୍ ସହ ୩୮ ଗ୍ରାମ ସୁନା




**ରାୟଗଡ଼ା, ୭।୭(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ୯ଟି ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି। ହୁଣ୍ଡିରୁ ନଗଦ ୧ କୋଟି ୪ ଲକ୍ଷ ୩୭ ହଜାର ୬୭୩ ଟଙ୍କା ସହ ୩୮ ଗ୍ରାମ ସୁନା ଓ ୨୫୦୫ ଗ୍ରାମ ରୁପା ବାହାରିଥିବା ଜଣାପଡ଼ିଛି। ଏଥିସହ ୫ଟି ଦେଶର ୧୨ଟି ବିଦେଶୀ ନୋଟ୍ ମଧ୍ୟ ବାହାରିଥିବା ବେଳେ ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି।

ଆଜି ପୂର୍ବାହ୍ନ ୯ଟା ସମୟରେ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୁଣ୍ଡି ଖୋଲାଯାଇ ଦୀର୍ଘ ୮ ଘଣ୍ଟା ଧରି ଗଣତି କରାଯାଇଥିଲା। ଏହା ପୂର୍ବରୁ ଗତ ଜାନୁଆରୀ ୨୨ରେ ହୁଣ୍ଡିରୁ ନଗଦ ୯୪ ଲକ୍ଷ ୨୯ ହଜାର ୫୪ ଟଙ୍କା ସହ ୩୩ ଗ୍ରାମ ସୁନା ଓ ୨୧୨୦ ଗ୍ରାମ ରୁପା ବାହାରିଥିଲା। ଏଥିସହିତ ବିଭିନ୍ନ ପ୍ରକାର ୧୨ଟି ବିଦେଶୀ ନୋଟ ମଧ୍ୟ ସେତେବେଳେ ହୁଣ୍ଡିରୁ ମିଳିଥିଲା। ପ୍ରକାଶ ଯୋଗ୍ୟ ଯେ ବର୍ଷକୁ ୩ରୁ ୪ ଥର ଏହି ହୁଣ୍ଡି ଖୋଲାଯାଇ ଗଣତି କରାଯାଉଥିଲା। ହେଲେ ଚଳିତ ଥର ପ୍ରାୟ ୬ ମାସ ପରେ ମା'ଙ୍କ ହୁଣ୍ଡି ଖୋଲାଯାଇଛି। ସୋମବାର ହୁଣ୍ଡିରୁ ବାହାରିଥିବା ଟଙ୍କା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଜମା କରାଯାଇଛି। ସେହିଭଳି ମିଳିଥିବା ସୁନା ଓ ରୁପାକୁ ଜିଲ୍ଲା କୋଷାଗାରରେ ରଖାଯାଇଛି। ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲି ଗଣତି ସମୟରେ ପୁଲିସ୍ ଓ ମନ୍ଦିର ସୁରକ୍ଷାକର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

# ଥମୁନି ଲାଞ୍ଚ ନିଶା: ଦୁଇ ଡାକ୍ତରଙ୍କ ସମେତ ୪ ଜଣଙ୍କୁ ମାଡ଼ି ବସିଲା ଭିଜିଲାନ୍ସ

**କୁଚିଣ୍ଡା/ସମ୍ବଲପୁର,୭।୭(ସଂଚାର ବ୍ୟୁରୋ):** ଦୁଇଟି ପୃଥକ୍ ପୃଥକ୍ ସ୍ଥାନରେ ଚଢ଼ାଉ କରି ଆଜି ଭିଜିଲାନ୍ସ ମୋଟ ୪ ଜଣଙ୍କୁ ଧରିଛି। ଏହି ତିନି ଜଣଙ୍କ ମଧ୍ୟରେ ଦୁଇ ଜଣ ଡାକ୍ତର ଥିବା ବେଳେ ଜଣେ ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟ (ପିଏ) ଅଛନ୍ତି। ଗୋଟିଏ ପଟେ ଜଣେ ଡାକ୍ତର ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବା ସକାଶେ ଲାଞ୍ଚ ମାଗୁଥିବା ବେଳେ ଅନ୍ୟ ଜଣେ ବ୍ଲକ୍ ଭେଟେରିନାରୀ ଅଫିସର୍ (ବିଭିଓ) ପିଏ ସହ ଧରାପଡ଼ିଛନ୍ତି। ପ୍ରଥମ ଘଟଣାରେ କୁଚିଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ଡାକ୍ତର ଶିବ ପ୍ରସାଦ ସେଠୀଙ୍କୁ ଓଡ଼ିଶା ଭିଜିଲାନ୍ସ ଲାଞ୍ଚ ନେଉଥିବା ବେଳେ ଧରିଛି। ସେ ଜଣେ ଅଭିଯୋଗକାରୀଙ୍କଠାରୁ ତାଙ୍କ ପତ୍ନୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ତୁରନ୍ତ ପ୍ରଦାନ ସକାଶେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀଙ୍କ ପତ୍ନୀଙ୍କର ଖାଦ୍ୟ ବିଷକ୍ରିୟା ଯୋଗୁଁ ମୃତ୍ୟୁ ହୋଇଥିଲା ଓ ଡାକ୍ତର ସେଠୀ ତାଙ୍କ ମୃତଦେହର ବ୍ୟବଚ୍ଛେଦ କରିଥିଲେ। ଅଭିଯୋଗକାରୀ ବୀମା ଉଦ୍ଦେଶ୍ୟରେ ବ୍ୟବଚ୍ଛେଦ ରିପୋର୍ଟ ଶୀଘ୍ର ପାଇବାକୁ ଡାକ୍ତର ସେଠୀଙ୍କୁ ନିବେଦନ କରିଥିଲେ। କିନ୍ତୁ ମୃତ୍ୟୁଟି ବିବାହର ୭ ବର୍ଷ ମଧ୍ୟରେ ହୋଇଥିବାରୁ ଡାକ୍ତର ସେଠୀ ଅନୁକୂଳ ରିପୋର୍ଟ ଶୀଘ୍ର ପ୍ରଦାନ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅନ୍ୟ ଉପାୟ ନ ପାଇ ଅଭିଯୋଗକାରୀ ଜଣଙ୍କ ଏନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ଏହାପରେ ଭିଜିଲାନ୍ସ ଟିମ୍ ଆଜି କଡ଼କଣ୍ଠିତ ଡାକ୍ତର ସେଠୀଙ୍କ କ୍ଲିନକ୍‌ରେ ଜାଲ ବିଛାଇ ତାଙ୍କୁ ଓ ତାଙ୍କ




ରିସେପସନିଷ୍ଟ ସୂର୍ଯ୍ୟ ନାରାୟଣ ଚୌଧୁରୀଙ୍କୁ ଅଭିଯୋଗକାରୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଧରିଥିଲେ। ଏଥିସହ ଭିଜିଲାନ୍ସ ୧୦ ହଜାର ଟଙ୍କା ଲାଞ୍ଚ ଜବତ କରାଯାଇଛି। ଏହି ସଫଳତା ପରେ ଡାକ୍ତର ସେଠୀଙ୍କର ଆୟ ବହିର୍ଭୂତ ସମ୍ପତ୍ତି (ଡିଏ)ର ତଦନ୍ତ ପାଇଁ ତାଙ୍କର ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ସେହିପରି ରେଢ଼ାଖୋଲ ଉପଖଣ୍ଡରେ ସମ୍ବଲପୁର ଭିଜିଲାନ୍ସ ଟିମ୍ ଏକ ବଡ଼ ଧରଣର ଅଭିଯାନ ଚଳାଇ ବିଭିଓ ଡା. ସୁବାସ ପ୍ରକାଶ ସୋରେନ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ (ପିଏ) ମହେଶ୍ୱର ସାହୁଙ୍କୁ ୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ପ୍ରମାଣ ସହ ଧରିଛି। ଏହି ଦୁଇ ଅଧିକାରୀ ଏକ ବ୍ରଏଲର ଫାର୍ମ ପାଇଁ ୫୪ ହଜାର ଟଙ୍କାର ସବ୍‌ସିଡି ରିଲିଜ୍ କରିବା ବାବଦରେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଭିଜିଲାନ୍ସ ଟିମ୍‌କୁ ଏନେଇ ସୂଚନା ମିଳିବା ପରେ ସେମାନେ ଯୋଜନାବଦ୍ଧ ଅଭିଯାନ ଚଳାଇ ଉକ୍ତ ଦୁଇ ଅଧିକାରୀଙ୍କୁ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଧରିବାରେ ସକ୍ଷମ ହୋଇଥିଲେ। ପରେ ଭିଜିଲାନ୍ସ ଟିମ୍ ଡା. ସୋରେନ ଓ ଶ୍ରୀ ସାହୁଙ୍କ ଘରେ ମଧ୍ୟ ଚଢ଼ାଉ କରିଛି।

# ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋଦୟ କର୍ମୀ ବାଉରିବନ୍ଧୁଙ୍କ ଅଷ୍ଟମ ସ୍ମୃତି ସମାରୋହ



**କେନ୍ଦ୍ରାପଡ଼ା,୭।୭(ସଂଚାର ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ କର୍ମୀ ବାଉରିବନ୍ଧୁ ମହାନ୍ତି ଗାନ୍ଧି ବିଚାର ଓ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଗାନ୍ଧିଜୀଙ୍କ ଡାକରା ମନ୍ଦିର ମଧ୍ୟରେ ହରିଜନ ପ୍ରବେଶକୁ ଆଦର୍ଶ ରୂପେ ଅନୁସରଣ କରି ସେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ହରିଜନ ପ୍ରବେଶ କରାଇ ନିଜ ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧା ଓ ସାମାଜିକ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ।' ଆଜି ସ୍ଥାନୀୟ ମହାକାଳପଡ଼ାସ୍ଥ ଅନ୍ଧୁଲୀ ମଠଠାରେ ଓଡ଼ିଶା ସାହିତ୍ୟ ଏକାଡେ଼ମୀ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ବାଉରୀବନ୍ଧୁ ମେମୋରିଆଲ୍ ଟ୍ରଷ୍ଟର ମିଳିତ ଉଦ୍ୟମରେ ଆୟୋଜିତ ଏହି ସମାରୋହରେ ବକ୍ତାମାନେ ଏହି ମତବ୍ୟକ୍ତ କରିଥିଲେ। ସମାରୋହକୁ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ଗାନ୍ଧିବାଦୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା କ୍ରିଷ୍ଣା ମହାନ୍ତି ଓ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ପ୍ରଫେସର ଲୋପାମୁଦ୍ରା ମହାନ୍ତି। ବାଉରୀବନ୍ଧୁ ମହାନ୍ତି ସ୍ମୃତି ସଂସଦର ସଭାପତି ତଥା ବରିଷ୍ଠ ପ୍ରାବନ୍ଧିକ ଡଃ ବାସୁଦେବ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡ଼ା, ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ କବି ନିରାକାର ଦାସ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ଡା. ବିଶ୍ୱଜିତ ରାୟ, ସାମ୍ବାଦିକ ଅରୁଣ କାନୁନ୍‌ଗୋ ଅତିଥି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ତଥା ବରିଷ୍ଠ ସାହିତ୍ୟିକା ଡଃ ବାସନ୍ତୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ କେନ୍ଦ୍ରାପଡ଼ାର ସମ୍ପାଦକ ଆଦିକନ୍ଦ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଗାଳ୍ପିକା ଅବନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହର ପ୍ରାରମ୍ଭରୁ ବିଶିଷ୍ଟ କବି ଶୁଭ୍ରାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବି ସମ୍ମିଳନୀରେ କବି ତଥା ମୌସୁମୀ ପତ୍ରିକାର ସମ୍ପାଦକ ଡଃ ଶ୍ରୀଧର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବାବେଳେ କବି ଚାରୁଲତା ଭୂୟାଁ, କବି କରୁଣାକର ଦାସ, କବୀ ସରୋଜିନୀ ଦାଶ, କବି ଅଶୋକ ସାହୁ ଓ କବି କାକଳି ମଲ୍ଲିକ ସଂଯୋଜନା ଓ ପରିଚାଳନା କରିଥିଲେ।

# ୫୦ରୁ ଉର୍ଦ୍ଧ୍ୱ ଗ୍ରାମରେ ପହଞ୍ଚିଲା ବେଦାନ୍ତ ମୋବାଇଲ୍ ସ୍ୱାସ୍ଥ୍ୟ ସେବା

**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ସେବା ମାଧ୍ୟମରେ ଓଡ଼ିଶାର ୫୨ ଗ୍ରାମର ୩୫ ହଜାରରୁ ଉର୍ଦ୍ଧ୍ୱ ବାସିନ୍ଦାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଛି। ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ଏହି କମ୍ପାନୀ ଗତ ଦୁଇ ବର୍ଷ ମଧ୍ୟରେ ୨ ହଜାରରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିଛି, ଯାହା ଅନୁନ୍ନତ ଅଞ୍ଚଳଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିଛି।




ଗ୍ରାମୀଣ ଓଡ଼ିଶାର ସ୍ୱାସ୍ଥ୍ୟସେବା ବ୍ୟବଧାନ ପୂରଣ ଉପରେ ଧ୍ୟାନକେନ୍ଦ୍ରିତ କରି ଏମ୍‌ଏଚ୍‌ୟୁ ଶିବିରଗୁଡ଼ିକ ବିଭିନ୍ନ ପ୍ରକାରର ମାଗଣା ସେବା ପ୍ରଦାନ କରେ, ଯେଉଁଥିରେ ଡାକ୍ତରୀ ଯାଞ୍ଚ, ମ୍ୟାଲେରିଆ ସ୍କ୍ରିନିଂ, ରକ୍ତ ଶର୍କରା ପରୀକ୍ଷା ଓ ଅତ୍ୟାବଶ୍ୟକ ଔଷଧ ବଣ୍ଟନ ଆଦି ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଏମ୍‌ଏଚ୍‌ୟୁ ସମ୍ପୂର୍ଣ୍ଣ ଭାବେ ଡାଇଗ୍ନୋଷ୍ଟିକ୍ କିଟ୍ ଓ ମୌଳିକ ଔଷଧ ସହ ପ୍ରସ୍ତୁତ। ତୁରନ୍ତ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିବା ସହ ଏହି ପଦକ୍ଷେପ ପ୍ରତିରୋଧକ ଯତ୍ନ ଉପରେ ଗୁରୁତ୍ୱାରୋପ କରେ, ଯାହା ସମ୍ପ୍ରଦାୟର ସାମଗ୍ରିକ କଲ୍ୟାଣରେ ଯୋଗ ଦେଇଥାଏ।

କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକରେ ଏହି ପଦକ୍ଷେପ ୨୧ଟି ଗ୍ରାମରେ ପହଞ୍ଚିଥିବା ବେଳେ ରାୟଗଡା ଜିଲ୍ଲାର କାଶୀପୁର ବ୍ଲକରେ ଏହି ସେବା ୧୪ଟି ଗ୍ରାମ, ସୁନ୍ଦରଗଡ ଜିଲ୍ଲାର ହେମଗିର ବ୍ଲକରେ ୧୧ଟି ଗ୍ରାମ ଓ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକରେ ୬ଟି ଗ୍ରାମରେ ପହଞ୍ଚିପାରିଛି। ସ୍ୱାସ୍ଥ୍ୟ ଶିବିରଗୁଡ଼ିକ ସାଧାରଣତଃ ଉଚ୍ଚ ରକ୍ତଚାପ, ଗ୍ୟାଷ୍ଟ୍ରିକ୍ ସମସ୍ୟା, ଫଙ୍ଗାଲ୍ ସଂକ୍ରମଣ, ରକ୍ତହୀନତା, ସାଧାରଣ ଥଣ୍ଡା, ଗଣ୍ଠିଯନ୍ତ୍ରଣା, ଶ୍ୱାସକ୍ରିୟା ସଂକ୍ରମଣ, ମଧୁମେହ ଓ ଚର୍ମ ଅବସ୍ଥା ଯେପରିକି ସ୍କାବସ୍ ପରି ରୋଗଗୁଡ଼ିକର ସମାଧାନ କରିଥାଏ। ପ୍ରତିରୋଧକ ସଚେତନତା ମଧ୍ୟ ଏହି ପଦକ୍ଷେପର ଏକ ପ୍ରମୁଖ ଅଂଶ। ଏଥିରେ ଋତୁସ୍ରାବ ପରିଚ୍ଛନ୍ନତା, ସ୍ତନ୍ୟପାନ, ତମାଖୁ ବନ୍ଦ, କୃମିନାଶକ, ଦୀର୍ଘକାଳୀନ ରୋଗ ପରିଚାଳନା ଓ ଋତୁକାଳୀନ ରୋଗ ନିବାରଣ ଭଳି ସମସ୍ୟାର ନିବାରଣ କରିଥାଏ। ଥୁଆମୂଳ ରାମପୁର ଗ୍ରାମର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ନିତେଶ ଝା କହିଛନ୍ତି ଯେ ଦୂରବର୍ତ୍ତୀ ଅଞ୍ଚଳରେ ସମ୍ପ୍ରଦାୟ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପରେ ବେଦାନ୍ତର ସକ୍ରିୟ ଭୂମିକାକୁ ମୁଁ ପ୍ରଶଂସା କରୁଛି। ବାସିନ୍ଦାଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରି, ସେମାନେ ଏକ ସୁସ୍ଥ ଭବିଷ୍ୟତ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି, ପ୍ରତ୍ୟେକ ବ୍ୟକ୍ତି ମୌଳିକ ଚିକିତ୍ସା ସେବା ପାଇବା ନିଶ୍ଚିତ କରିଛନ୍ତି।

ସେହିପରି କାଶୀପୁରର ସମ୍ପ୍ରଦାୟ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡକ୍ଟର ନେତ୍ରାନନ୍ଦ ନାୟକ କହିଛନ୍ତି ଯେ କାଶୀପୁର ଅଞ୍ଚଳରେ ଏହାର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ଦ୍ୱାରଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୁଁ ବେଦାନ୍ତକୁ ପ୍ରଶଂସା କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କେବଳ ଚିକିତ୍ସା ସୁବିଧାକୁ ବୃଦ୍ଧି କରିବ ନାହିଁ ବରଂ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବ, ଏକ ସୁସ୍ଥ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରିବ।

## ● ତେଜିଲା ଲେଖାଶ୍ରୀ-ସନ୍ତୋଷ ଖଟୁଆ ବିବାଦ

# ମହିଳା କମିଶନ୍‌ରେ ବିଜେଡିର ଅଭିଯୋଗ

**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଆଜି ଦଳର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମହିଳା କମିସନଙ୍କ ନିକଟରେ ଫେରାଦ ହୋଇଛି। ପୂର୍ବରୁ ଡ. ସାମନ୍ତସିଂହାର ମହିଳା ଥାନାରେ ଏକ ମାମଲା କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆଜି ରାଜ୍ୟ ମହିଳା କମିସନଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡ. ସାମନ୍ତସିଂହାରଙ୍କ ପ୍ରତି ନୀଳଗିରିର ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏହା କେବଳ ଲେଖାଶ୍ରୀଙ୍କର ସମ୍ମାନ ଉପରେ ନୁହେଁ, ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।


ଏ ସଂକ୍ରାନ୍ତରେ ଶ୍ରୀମତୀ ସାହୁ କହିଛନ୍ତି ଯେ ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି। ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ, ଅପରାଧି ମନସ୍ତତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି। ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। କିନ୍ତୁ ମହିଳାଙ୍କ ସ୍ୱାର୍ଥକୁ ଅଣଦେଖା କରିଚାଲିଛନ୍ତି। ଗତ ବର୍ଷେ ହେଲା ରାଜ୍ୟ ମହିଳା କମିସନ ପଦ ଖାଲି ପଡ଼ିଛି। ମହିଳା କମିସନ ଅଫିସ୍‌ରେ ସମ୍ପାଦକ ମଧ୍ୟ ନାହାନ୍ତି। ତେଣୁ ଅଭିଯୋଗପତ୍ର ଭାରପ୍ରାପ୍ତ ସମ୍ପାଦକଙ୍କୁ ଦିଆଯାଇଥିବା ଶ୍ରୀମତୀ ସାହୁ କହିଛନ୍ତି। ଏହି ମାମଲାରେ ବିଧାୟକଙ୍କ ବିରୋଧରେ କମିଶନ୍ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବିଜେଡିର ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ, ଲୋରା ମହାପାତ୍ର, ମାନସୀ ସୁନ୍ଦରାୟ, ଅଂଶୁ ତ୍ରିପାଠୀ, ରଜି ଦାସ, ମୋନାଲିସା ଗନ୍ତାୟତ, ଛଲା ସ୍ୱାଇଁ, ସଂଗ୍ରାମ ସାମଲ ମଧ୍ୟ ଥିଲେ।



### ମୋ ବିରୋଧରେ ଷଡ଼ଯନ୍ତ୍ର ହୋଇଛି: ବିଧାୟକ



ଅନ୍ୟପକ୍ଷରେ ଏହା ଉପରେ ପ୍ରତିକ୍ରିୟା ଦେଇ ବିଧାୟକ ଶ୍ରୀ ଖଟୁଆ କହିଛନ୍ତି ଯେ ତାଙ୍କ ବିରୋଧରେ ବିଜେଡିର ସାଂସଦ ପ୍ରାର୍ଥୀ ଡ. ସାମନ୍ତସିଂହାର ଷଡ଼ଯନ୍ତ୍ର କରିଛନ୍ତି। କାରଣ ଭାଇରାଲ୍ ହୋଇଥିବା ଭିଡିଓରେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ବିଧାୟକଙ୍କ ନାଁ ନେବା ପାଇଁ ବାଧ୍ୟ କରାଯାଇଥିବା କହିଛନ୍ତି। ବିଧାୟକଙ୍କ ନାଁ ନେଲେ ତାଙ୍କୁ ଖସେଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ସେ ଏପରି ମନ୍ତବ୍ୟ ଦେଇଛନ୍ତି। ବିଜେଡି କ୍ଷମତାରେ ଥିବା ସମୟରେ ୩୦ଟି ହାତୀ ମରିଛନ୍ତି। ଯିଏ ବ୍ୟକ୍ତିଗତ ଆକ୍ଷେପ ଆରମ୍ଭ କରିଛନ୍ତି, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା କଥା ବୋଲି ଶ୍ରୀ ଖଟୁଆ କହିଛନ୍ତି। ସେ ମଧ୍ୟ ଏହି ମାମଲାରେ ପୁଲିସରେ ଅଭିଯୋଗ କରିଛନ୍ତି। ଆଇନ ତା' ବାଟରେ ଯିବ ବୋଲି ତାଙ୍କର ଭରସା ଥିବା କହିବା ସହ ତାଙ୍କ ସମ୍ପର୍କରେ ନିର୍ବାଚନମଣ୍ଡଳୀ ଜନସାଧାରଣଙ୍କୁ ପଚାରିଲେ କେହି ବି ଜାଣିପାରିବେ ବୋଲି ବିଧାୟକ କହିଛନ୍ତି।



କେନ୍ଦ୍ରାପଡ଼ାସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ, ପ୍ରଖ୍ୟାତ ଆଇନଜ୍ଞ ଓ ସାରସ୍ୱତ ସାଧକ ଦିବଂଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜନ୍ମବାର୍ଷିକ ଅବସରରେ ଚଳିତବର୍ଷ ପାଇଁ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଭାଗବତ ପ୍ରସାଦ ମହାନ୍ତି ସ୍ମୃତି ସମ୍ମାନ-୨୦୨୫' ବିଶିଷ୍ଟ ପ୍ରଗତିଶୀଳ କବି, ଲେଖକ ଓ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ ଅତିଥିମାନଙ୍କଠାରୁ ଗ୍ରହଣ କରୁଛନ୍ତି।

# ସେବାଦଳ ସଂଗଠନକୁ ସୁଦୃଢ଼ କରାଯିବ: ଭକ୍ତ

**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର କାର୍ଯ୍ୟକର୍ତ୍ତା ବୈଠକ ନବନିଯୁକ୍ତ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରି ସେବାଦଳ ସଂଗଠନ କଂଗ୍ରେସର ମୂଳ ଅଙ୍ଗ ହୋଇଥିବାରୁ ଏହାକୁ ଯେତେ ସୁଦୃଢ଼ କରିପାରିବା ତା'ର ସୁଫଳ କଂଗ୍ରେସକୁ ମିଳିବ ବୋଲି କହିଛନ୍ତି। ସେ କହିଛନ୍ତି ଯେ ସେବାସଂଘ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ରହିଛି। କଂଗ୍ରେସ ପ୍ରତି ସମର୍ପିତ ଯୁବକଯୁବତୀଙ୍କୁ ପଞ୍ଚାୟତ ସ୍ତରରୁ ମନୋନୀତ କରି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ସେମାନଙ୍କୁ ପ୍ରଶିକ୍ଷିତ କରାଯିବ ଓ ସମସ୍ତ ବ୍ୟବସ୍ଥାରେ ସେବାଦଳର ଏକ ସ୍ୱତନ୍ତ୍ର ପ୍ରାଧାନ୍ୟ ରହିବ ବୋଲି ସେ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଏଆଇସିସି ସହ ପ୍ରଭାରୀ ଶାହନୱାଜ ଚୌଧୁରୀ, ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଅଶୋକ ଦାସ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, କିଶୋର ଜେନା, ଡ. ଲଲାଟେନ୍ଦୁ ମହାପାତ୍ର, ବିଶ୍ୱଜିତ ଦାଶ, ଅଭୟ ସାହୁ, ମାନସ ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ ଉଦ୍‌ବୋଧନ ଦେଇ ସେବାଦଳ ସଂଗଠନକୁ ମଜବୁତ କରିବା ଦିଗରେ ସୁଚିନ୍ତିତ ମତାମତ ଦେଇଥିଲେ।




ଏହି ଅବସରରେ ଆସନ୍ତା ୧୧ରେ ଓଡ଼ିଶା ଗସ୍ତରେ ଆସୁଥିବା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଓ କେସି ଭେଣୁଗୋପାଲଙ୍କ ସମ୍ବିଧାନ ବଞ୍ଚାଅ ମହାସମାବେଶ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେବାଦଳ କାର୍ଯ୍ୟକ୍ରମରେ ମାନସ ଆଚାର୍ଯ୍ୟ, ଉଷାରାଣୀ ବେହେରା, ନଳିନୀ ବେହେରା, ମାଧବ ବିଶ୍ୱାଳ, ମୁନୁ ସରାଫ, ସନ୍ଧ୍ୟାରାଣୀ ଦାସ, କୁଳମଣି ସାହୁ, ବିଜୟଲକ୍ଷ୍ମୀ ମହାପାତ୍ର, ବସନ୍ତ ପଣ୍ଡା, ଖଗେଶ୍ୱର ମଲ୍ଲିକ ଉପସ୍ଥିତ ଥିବା ବେଳେ ଜ୍ୟୋତିଷ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ଦାସ, ସେବାଦଳ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଆଲୋଚନା

**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ପୂର୍ବ ଜୋନ ଇଣ୍ଡିଆନ୍ ସାଇକିଆଟ୍ରିକ୍ ସୋସାଇଟି (ଆଇପିଏସ୍)ଦ୍ୱାରା ଏକ ଦିନକିଆ ଶିକ୍ଷାନୁଷ୍ଠାନ 'କ୍ରାଇଙ୍ଗ୍, କୋପିଙ୍ଗ୍, କୁଲିଙ୍ଗ୍' ବିଷୟରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଗତକାଲି ଆୟୋଜିତ ହୋଇଥିଲା। ଆୟୋଜକ ଅଧ୍ୟକ୍ଷ ଡା ତନ୍ମୟିନୀ ଦାସ ଓ ସଚିବ ଡା. ଦେବଦତ୍ତ ମହାପାତ୍ର ଓ ଡାକ୍ତର ନିଷ୍କା ସିହ୍ନା ମାତୃ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇପିଏସ୍ ଓଡିଶା ଷ୍ଟେଟ ବ୍ରାଞ୍ଚର ଅଧ୍ୟକ୍ଷ ଡା. ସୁବେନ୍ଦୁ ମିଶ୍ର ଓ ସଚିବ ଡା ଦେବଦତ୍ତ ମହାପାତ୍ର ଓଡ଼ିଶାରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯୋଜନାଗୁଡ଼ିକର ଆଲୋଚନା କରିଥିଲେ। ଡା ଟିଏସ୍‌ଏସ୍ ରାଓ ମୁଖ୍ୟ ଅତିଥି ଓ ଡା ଅମୃତ ପଟ୍ଟନାୟକ ଅତିଥି ଓ ସମ୍ମାନିତ ଅତିଥି ଭାବେ ଓ ଡା. ସମ୍ରାଟ କର, ଡା. ସୁଜିତ ସାଖେଲ ଯୋଗଦେଇଥିଲେ।

# ରତ୍ନଭଣ୍ଡାର ଗଣତିମଣତି ସରିବ କି ଏ ବର୍ଷ ?

**ଭୁବନେଶ୍ୱର,୭।୭:** ୨୦୨୫ ଶେଷ ପୂର୍ବରୁ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ମୂଲ୍ୟବାନ ସାମଗ୍ରୀଗୁଡ଼ିକର ଗଣତିମଣତି କାମ ଶେଷ ହୋଇପାରେ। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ରତ୍ନଭଣ୍ଡାର ଗୃହର ମରାମତି କାର୍ଯ୍ୟ ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଖୁବ୍‌ଶୀଘ୍ର ରତ୍ନଭଣ୍ଡାରର ଗଣତିମଣତି କାମ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏଥିଲାଗି ଜଣେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି କାର୍ଯ୍ୟ କରୁଛି।

ଉଲ୍ଲେଖନୀୟ ଯେ ଶେଷଥର ପାଇଁ ଗତ ୧୯୭୮ରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମହଜୁଦ ସାମଗ୍ରୀଗୁଡ଼ିକର ଗଣତିମଣତି କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହାପରଠାରୁ ଆଉ କେବେ ଏହି ମୂଲ୍ୟବାନ ସାମଗ୍ରୀଗୁଡ଼ିକର ହିସାବ କରାଯାଇ ନାହିଁ । ଶ୍ରୀମନ୍ଦିରର ନିରପତ୍ତା ସ୍ଥିତି ଘେନି ଏକ ବିଚାରାଧୀନ ମାମଲା ପରିପ୍ରେକ୍ଷୀରେ ରତ୍ନଭଣ୍ଡାରର ସ୍ଥିତି ଯାଞ୍ଚ ଲାଗି ଓଡ଼ିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶର ପ୍ରତିପାଳନ ପାଇଁ ୨୦୧୮ ମସିହାରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ରତ୍ନଭଣ୍ଡାରକୁ ଯିବା ବେଳେ ଭିତର ରତ୍ନଭଣ୍ଡାରର ଚାବି ମିଳିନଥିଲା । ସେତେବେଳେ ଏହି ଚାବି ହଜିଯାଇଛି ବୋଲି ବ୍ୟାପକ ଆଲୋଚନା ଓ ସମାଲୋଚନା ଚାଲିଥିବା ବେଳେ ପୁରୀ ଜିଲ୍ଲାପାଳଙ୍କ ରେକର୍ଡ ରୁମ୍‌ର ଏକ ପରିତ୍ୟକ୍ତ ଥାକରୁ ଏକ ପୁରୁଣା ଚାବି ମିଳିଥିଲା ଏବଂ ଏହାକୁ ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ବୋଲି କୁହାଯାଇଥିଲା।



ରତ୍ନଭଣ୍ଡାରର ମୂଳ ଚାବି କୁଆଡ଼େ ଗଲା ଏବଂ ଏହାକୁ କିଏ ନେଲେ ଓ ଏହାର ଅପବ୍ୟବହାର କରି ରତ୍ନଭଣ୍ଡାର ଭତରୁ ସାମଗ୍ରୀ କେହି ନେଇଛନ୍ତି ନା ନାହିଁ ସେଥିଘେନି ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ରଘୁବୀର ଦାସଙ୍କୁ ତଦନ୍ତ କମିଶନ ନିଯୁକ୍ତ କରିଥିଲେ । ଜଷ୍ଟିସ ଦାସ କମିଶନଙ୍କ ରିପୋର୍ଟ ଅମଲାତନ୍ତ୍ରର ନଥିତଳେ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାପି ହୋଇ ରହିଛି ଏବଂ ଏହାକୁ ବିଧାନସଭାରେ ଉପସ୍ଥାପନ କରାଯାଉ ନାହିଁ କି ସାର୍ବଜନୀନ କରାଯାଉନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟରେ ମାମଲା ଚାଲିଥିବାବେଳେ ସରକାରଙ୍କ ପକ୍ଷରୁ କେବଳ ସମୟ ଗଡ଼ା ଚାଲିଛି। ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ତାହାର ସଂକଳ୍ପ ପତ୍ରରେ ରତ୍ନଭଣ୍ଡାର ଖୋଲି ସେଠାରେ ଗଚ୍ଛିତ ସାମଗ୍ରୀର ଗଣତି ମଣତି କରିବା ଏବଂ ଚାବି ହଜା ଘଟଣାର ପର୍ଦ୍ଦାଫାସ କରିବ ବୋଲି ଘୋଷଣା କରିଥିଲା । ତେବେ ନିର୍ବାଚନରେ ବିଜୟୀ ହୋଇ ରାଜ୍ୟରେ ବିଜେପି ସରକାର ଗଢ଼ିବା ପରେ ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲିଦିଆଯିବା ସହ ରତ୍ନଭଣ୍ଡାର କମିଟିରେ ଅଦଳ ବଦଳ କରାଯାଇଥିଲା। ଏହାପରେ ରତ୍ନଭଣ୍ଡାରରେ ମହଜୁତ ଥିବା ସାମଗ୍ରୀକୁ କଡ଼ା ନିରାପତ୍ତା ବ୍ୟବସ୍ଥାରେ ଅନ୍ୟ ଏକ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇ ରତ୍ନଭଣ୍ଡାର ଗୃହର ମରାମତି କାମ ଚାଲିଥିଲା। ଏବେ ମରାମତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ôଚଥିବାବେଳେ ଖୁବ୍‌ଶୀଘ୍ର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ରତ୍ନ ଅଳଙ୍କାରମାନ କଢ଼ାଯାଇ ଗଣତି ମଣତି ପରେ ରତ୍ନଭଣ୍ଡାରରେ ରଖାଯିବ ବୋଲି କୁହାଯାଉଛି ।

ତେବେ ବିଭିନ୍ନ ପର୍ବପର୍ବାଣୀକୁ ଆଖିଆଗରେ ରଖି ସୀମିତ ସମୟ ଭିତରେ ମରାମତି କାମ ଶେଷ କରାଯିବା ପରେ ଆଗାମୀ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରୁ ରତ୍ନଭଣ୍ଡାର ସମ୍ପତ୍ତିର ଗଣତିମଣତି ହେବ ବୋଲି କୁହାଯାଉଛି। ଏହାଛଡ଼ା ୧୯୭୮ ପରଠାରୁ ଗତ ୪୭ ବର୍ଷ ମଧ୍ୟରେ ଆଉ କେତେ ମୂଲ୍ୟବାନ ଅଳଙ୍କାର ଦାନ ସୂତ୍ରରେ ମିଳିଛି ସେଗୁଡ଼ିକର ମଧ୍ୟ ସଠିକ୍ ହିସାବ କରାଯାଇ ଶ୍ରୀମନ୍ଦିରର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର ତାଲିକା ଓ ସେଗୁଡ଼ିକର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସାଧାରଣ ଲୋକଙ୍କୁ ସରକାର ଜଣାଇ ସେମାନଙ୍କ ମନରେ ବସା ବାନ୍ଧିଥିବା ସନ୍ଦେହର ଅବସାନ ଘଟାଇବାକୁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି। (ତଥ୍ୟ)

# ଜେଏସଡବ୍ଲୁ ସିମେଣ୍ଟ ପକ୍ଷରୁ ବଡ଼ଦାଣ୍ଡରେ ପାଣି ସିଞ୍ଚନ

**ପୁରୀ,୭।୭ (ସଂଚାର ବ୍ୟୁରୋ) :** ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ସାରା ପୃଥିବୀର ଭକ୍ତଙ୍କ ସମାଗମରେ ବଡଦାଣ୍ଡ ଜନ ସମୁଦ୍ର ପାଲଟୁଥିବା ଯୋଗୁଁ ଅତ୍ୟଧିକ ଗୁଳୁଗୁଳି ଗରମ ହୋଇଥାଏ। ତେଣୁ ସାମୟିକ ଥଣ୍ଡା ଅନୁଭୂତି ପାଇଁ ଜେଏସଡବ୍ଲୁ ସିମେଣ୍ଟ ତରଫରୁ ଦୀର୍ଘ ୩ବର୍ଷ ହେବ ବଡଦାଣ୍ଡରେ ସେବା ପୂର୍ବକ ଭକ୍ତଙ୍କୁ ପାଣି ସିଞ୍ଚନ କରାଯାଉଛି । ଏହି ସେବା ଏକ ମହତ ସେବା ମନେକରି ଜେଏସଡବ୍ଲୁ ସିମେଣ୍ଟ ତରଫରୁ ଏହି ସେବା ଯୋଗାଇ ଦିଆଯାଇଥାଏ । ଲକ୍ଷ ଲକ୍ଷ ଭକ୍ତ ଏକାଠି ହେବା ଦ୍ୱାରା ଗୁଳୁଗୁଳି ଗରମ ଯୋଗୁଁ ଅନେକ ଭକ୍ତ ଅଚେତ ହୋଇ ତଳେ ପଡି ଯାଆନ୍ତି। ଜେଏସଡବ୍ଲୁ ସିମେଣ୍ଟ ତରଫରୁ ରଥଯାତ୍ରା ଦିନ ସମଗ୍ର ଭକ୍ତଜନଙ୍କୁ ପାଣି ସିଞ୍ଚନ ପୂର୍ବକ ଏହି ସେବା ପ୍ରଦାନ କରାଯାଇଥାଏ । ଯାହା ଫଳରେ ଲକ୍ଷ ଲକ୍ଷ ଭକ୍ତ ଉପକୃତ ହୋଇଥାନ୍ତି। ଜେଏସଡବ୍ଲୁ ସିମେଣ୍ଟର ଏହି ମହାନ ପଦକ୍ଷେପକୁ ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ଅନେକ ପ୍ରଶଂସା ମିଳିଛି। ତେବେ ଜେଏସଡବ୍‌ଲ୍ୟୁ ସିମେଣ୍ଟ ମଧ୍ୟ ପ୍ରତିବର୍ଷ ବଡ଼ଦାଣ୍ଡରେ ଏହିପରି ପାଣି ସିଞ୍ଚନ ସେବା ଜାରି କରି ରଖିବ ବୋଲି କୁହାଯାଇଛି।

JSW Cement

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪ ମଙ୍ଗଳବାର ୮ ଜୁଲାଇ ୨୦୨୫, ଭୁବନେଶ୍ୱର
Tuesday 8 July 2025, Bhubaneswar

# ସଙ୍ଗଠନକୁ ଅଣଦେଖା

ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ କମିଟି ପୁନର୍ଗଠନ କରିବା ପରେ ଏହାକୁ ନେଇ ଦଳରେ ଅସନ୍ତୋଷ ଦାନା ବାନ୍ଧୁଛି। କମିଟିରେ ଦଳର ପୁରୁଖା ନେତାଙ୍କୁ ସାମିଲ କରାଯାଇନାହିଁ। ଅନେକ ଯୁବ ନେତା ଏଥିରେ ସାମିଲ ହୋଇଛନ୍ତି। ଏହା ସ୍ୱାଗତଯୋଗ୍ୟ, ମାତ୍ର ଅଭିଜ୍ଞତାର ବିକଳ୍ପ କିଛି ନାହିଁ। ଦଳକୁ ଆଗକୁ ନେବାରେ ଯୁବ ନେତାଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସେମାନଙ୍କୁ ମାର୍ଗ ଦର୍ଶନ କରିବ କିଏ? ବରିଷ୍ଠ ଏବଂ ଅଭିଜ୍ଞ ନେତାମାନେ ଏହି ଦାୟିତ୍ୱ ବହନ କରିବା ଉଚିତ। କିନ୍ତୁ ଏହା ସମ୍ଭବ ହେବ ସେତେବେଳେ ଯେତେବେଳେ ବରିଷ୍ଠ ନେତାଙ୍କୁ ଉପଯୁକ୍ତ ସମ୍ମାନ, ସ୍ୱୀକୃତି ଏବଂ ସ୍ଥାନ ମିଳିବ। ଯଦି ବରିଷ୍ଠଙ୍କ ଗୁରୁତ୍ୱ ନାହିଁ ତେବେ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଭଳି ଜଣେ ବରିଷ୍ଠ ନେତାଙ୍କୁ କାହିଁକି ଏଆଇସିସି ସଭାପତି କରାଗଲା? ତାଙ୍କ ସ୍ଥାନରେ ସଚିନ ପାଇଲଟଙ୍କୁ ଏଆଇସିସି ସଭାପତି କରାଯାଇପାରିଥାଆନ୍ତା। ଏବେ ଭକ୍ତ କହିଛନ୍ତି ଯେ, ପିସିସିର ଶୀଘ୍ର ସମ୍ପ୍ରସାରଣ କରାଯିବ ଅର୍ଥାତ କିଛି ବରିଷ୍ଠ ନେତାଙ୍କୁ ରାଜ୍ୟ କଂଗ୍ରେସ କମିଟିରେ ସାମିଲରେ କରାଯାଇପାରେ। ନଚେତ ଦଳର ସଙ୍ଗଠନ ଆଗକୁ ବଢ଼ିପାରିବ ନାହିଁ। କଂଗ୍ରେସ ଏକ ଜାତୀୟ ଦଳ ଏବଂ ଏହାର ରାଷ୍ଟ୍ରୀୟ ନେତା ହେଉଛନ୍ତି ମୁଖିଆ। ଯଦିଓ ଏବେ ମଲ୍ଲିକାର୍ଜୁନ ଖାର୍ଗେ ଆନୁଷ୍ଠାନିକ ଭାବେ ଦଳର ସଭାପତି ଅଛନ୍ତି, କିନ୍ତୁ ସେ କେବଳ ଜଣେ ଡମି ସଭାପତି ଏହାକୁ କହିବା ଧର୍ମକୁ ଆଖିଠାରୁ ତାଙ୍କୁ ଆସନ ଅଳଙ୍କୃତ କରିବାକୁ କୁହାଯାଇଛି, କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ତାଙ୍କର ନାହିଁ। ଦଳ ସର୍ବସ୍ୱ ଭାବେ ଗାନ୍ଧି-ନେହେରୁ ପରିବାର ଦ୍ୱାରା ନିୟନ୍ତ୍ରିତ ଏବଂ ଏହି ପରିବାରର ମାଲିକାନାରେ ରହିଛି। ସୋନିଆ, ରାହୁଲ, ପ୍ରିୟଙ୍କା ଏପରିକି ରବର୍ଟ ଭଦ୍ରା ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୂଡ଼ାନ୍ତ। ସେମାନଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟ କରିବାର ସାହସ କାହାର ନାହିଁ। ଯେମିତି ମନମୋହନ ସିଂହଙ୍କୁ ରାହୁଲ ନନସେନ୍ସ କହି ନିଜ ଶକ୍ତି ପ୍ରଦର୍ଶନ କରୁଥିଲେ, ସେମିତି ରାହୁଲଙ୍କ ଇଙ୍ଗିତରେ ଖାର୍ଗେ ପରିଚାଳିତ ହେଉଛନ୍ତି। ତାଙ୍କର ନିଜସ୍ୱ କର୍ତ୍ତୃତ୍ୱ କିଛି ନାହିଁ। କିନ୍ତୁ ନିର୍ବାଚନରେ କଂଗ୍ରେସ ବାରମ୍ବାର ପରାଜିତ ହେଉଥିଲେ ମଧ୍ୟ ଏଥିଲାଗି କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ନିଜକୁ ଉତ୍ତରଦାୟୀ କରୁ ନାହାଁନ୍ତି। ନିର୍ବାଚନ ପରାଜୟ ନିମନ୍ତେ କଂଗ୍ରେସର ରାଜ୍ୟ ଏବଂ ଜିଲ୍ଲା ସଭାପତିମାନଙ୍କୁ ଦାୟୀ କରାଯାଇ ସେମାନଙ୍କୁ ପଦଚ୍ୟୁତ କରାଯାଉଛି। କିନ୍ତୁ ନିର୍ବାଚନୀ ବିଫଳତା ନିମନ୍ତେ କେବଳ ରାହୁଲ ହିଁ ଦାୟୀ। ତାଙ୍କୁ ଭାରତବାସୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ଯୋଗ୍ୟ ବିବେଚନା କରୁ ନାହାଁନ୍ତି। ଏହାକୁ କଂଗ୍ରେସ ନେତାମାନେ ନବୁଝି ନିର୍ବାଚନ ବିଫଳତା ନିମନ୍ତେ ତଳିଆ ନେତା ବା ପ୍ରାର୍ଥୀଙ୍କୁ ଦାୟୀ କରୁଛନ୍ତି। ନିକଟରେ ଅହମଦାବାଦରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୁନର୍ଗଠନ ଏବଂ ଏହାର ପୁନରୁଦ୍ଧାର ନିମନ୍ତେ କିଛି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବ। ଦଳୀୟ ସଙ୍ଗଠନରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ଜିଲ୍ଲା କଂଗ୍ରେସ କମିଟିକୁ ସଙ୍ଗଠନରେ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଡିସିସି ସଭାପତିମାନଙ୍କୁ ଅଧିକ କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯିବ। ଏହା ସହିତ ସେବାଦଳ ଭଳି ଦଳର ଛାମୁଆ ସଙ୍ଗଠନର ପୁନର୍ଗଠନ କରାଯିବ। ଅଧିକ ସଂଖ୍ୟାରେ ଯୁବକ, ମହିଳା, ଦଳିତ ଏବଂ ପଛୁଆ ବର୍ଗଙ୍କୁ ସଙ୍ଗଠନରେ ଗୁରୁତ୍ୱ ଦିଆଯିବ। ଦଳର ବରିଷ୍ଠ ନେତା [illegible] ବୈଠକରେ କିଛି ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବରେ ସେବା ଦଳକୁ ସୁଦୃଢ଼ କରିବା, ଜିଲ୍ଲା ସ୍ତରରେ ସଙ୍ଗଠନକୁ ସକ୍ରିୟ କରାଇବା, ଦଳର ଏକ ଛାୟା କ୍ୟାବିନେଟ ଗଠନ ଆଦି ରହିଛି। ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ କହିଛନ୍ତି ଯେ, ଆଗକୁ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହିସବୁ ନିର୍ବାଚନରେ



କଂଗ୍ରେସ କିପରି ସଫଳତା ହାସଲ କରିପାରିବ ସେଥିଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବ। ଦଳ ପ୍ରତି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ କିପରି ଫେରିବ, ସେଥିଲାଗି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିଭିନ୍ନ ସ୍ତରରେ ସାରା ଦେଶରେ କଂଗ୍ରେସ ପକ୍ଷରୁ ପଦଯାତ୍ରା କରାଯାଇ ଜନସମ୍ପର୍କ ରକ୍ଷା କରାଯିବ। ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଉଛି କଂଗ୍ରେସର ଚରମ ରାଜନୈତିକ ଲକ୍ଷ୍ୟ। ବିଜେପି ଓ ଆରଏସଏସ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହାର ଜବାବ ଦେବାକୁ କଂଗ୍ରେସ ସମାଜର ସବୁ ବର୍ଗକୁ ଏକାଠି କରିବା ନିମନ୍ତେ ଉଦ୍ୟମ କରିବ। ଦେଶରେ ସଂଖ୍ୟାଲଘୁ ବର୍ଗଙ୍କ ଉପରେ ଅତ୍ୟାଚାର ବଢ଼ୁଛି ଏବଂ ସାମ୍ପ୍ରଦାୟିକ ଶକ୍ତି ସକ୍ରିୟ ଅଛନ୍ତି। ଏହାର ମୁକାବିଲା ସହ କଂଗ୍ରେସ ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷାଲାଗି ଉଦ୍ୟମ କରିବ ଏବଂ ଏହା ସହିତ ବିଜେପିକୁ କ୍ଷମତାଚ୍ୟୁତ କରିବା ନିମନ୍ତେ ସମଭାବାପନ୍ନ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଦଳ ସହ କଂଗ୍ରେସ ହାତ ମିଳାଇବ ବୋଲି କହିଛି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସ ସହଯୋଗୀ ଆରଜେଡି ଏବଂ ବାମପନ୍ଥୀ ଦଳମାନଙ୍କ ସହ ମେଣ୍ଟ ବା ଆସନ ବୁଝାମଣା କରି ଲଢ଼ିବ। ବିହାର ନିର୍ବାଚନରେ ନୀତିଶ କୁମାରଙ୍କୁ ପରାଜିତ କରିବା ହେଉଛି କଂଗ୍ରେସର ଚରମ ଲକ୍ଷ୍ୟ। ନୀତିଶ ନିର୍ବାଚନରେ ପରାଜିତ ହେଲେ କେନ୍ଦ୍ରରେ ଏନଡିଏ ସରକାର ଟୋହଲିଯିବ। ତେଣୁ କଂଗ୍ରେସ ନିଜ ସୀମିତ ଶକ୍ତିର ଉପଯୋଗ କରି ବିହାରରେ ଇଣ୍ଡିଆ ବ୍ଲକକୁ ପରାଜିତ କରିବା ଲକ୍ଷ୍ୟରେ ରହିଛି। ଲାଲୁଙ୍କ ଅନୁରୋଧକ୍ରମେ ବିହାରରେ ମୁଖ୍ୟ ବିରୋଧୀ ଦଳ କିନ୍ତୁ ଲାଲୁ କଂଗ୍ରେସକୁ ଅଣଦେଖା କରୁଛନ୍ତି। କଂଗ୍ରେସ ସହ ହାତ ମିଳାଇ ଦଳ କ୍ଷତି ସହୁଛି ବୋଲି ଲାଲୁ ଅନେକ ଥର କହିଛନ୍ତି। କିନ୍ତୁ ତେଜସ୍ୱୀ ଯାଦବ କଂଗ୍ରେସ ସହ ବୁଝାମଣା ବଜାୟ ରଖିଛନ୍ତି। ବିହାରରେ କଂଗ୍ରେସ ଏକ ଦୁର୍ବଳ ଶକ୍ତି। ରାଜ୍ୟରେ ନିଜ ସ୍ଥିତି ବଜାୟ ରଖିବାକୁ କଂଗ୍ରେସ ଆରଜେଡିରୁ ହାତ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ଏବଂ ଯେ କୌଣସି ସର୍ତ୍ତରେ ଏହା କଂଗ୍ରେସ ସହ ମେଣ୍ଟ ବଜାୟ ରଖିବାକୁ ପ୍ରସ୍ତୁତ। ସେହିପରି ପଶ୍ଚିମବଙ୍ଗ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ବିଜେପି, ଟିଏମସି ଏବଂ କଂଗ୍ରେସ-ବାମପନ୍ଥୀ ମେଣ୍ଟ ମଧ୍ୟରେ ତ୍ରିମୁଖୀ ମୁକାବିଲା ହେବ। ଏହି ଦୁଇଟି ବଡ଼ ରାଜ୍ୟରେ କଂଗ୍ରେସର ଶକ୍ତି ନଗଣ୍ୟ। ତେଣୁ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ଦଳର ସଫଳତା ଲାଗି ଯାହା ସବୁ ନିଷ୍ପତ୍ତି ନିଆଯାଇଛି ତାହା ଅର୍ଥହୀନ। ତେବେ କଂଗ୍ରେସକୁ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଆଜି ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସ ଦୁର୍ବଳ ରହିଛି। କାଲି ସ୍ଥିତିରେ ପରିବର୍ତ୍ତନ ଆସିବ ନାହିଁ ବୋଲି କୁହାଯାଇପାରିବ ନାହିଁ। ଏଥିପାଇଁ କେବଳ ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ନୁହେଁ, ରାଜ୍ୟ ସ୍ତରରେ ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଛି। ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସର ଏପରି କେହି ନେତା ନାହାଁନ୍ତି ଯାହା ଉପରେ ଭରସା କରି ଲୋକେ କଂଗ୍ରେସକୁ ଭୋଟ ଦେବେ। ତେଣୁ କଂଗ୍ରେସ ସାଙ୍ଗଠନିକ ପୁନର୍ଗଠନ ସହ ନୂଆ ନେତୃତ୍ୱ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ଉଚିତ। ନଚେତ କେବଳ ସୋନିଆ, ରାହୁଲ ଏବଂ ପ୍ରିୟଙ୍କାଙ୍କ ଉପରେ ଭରସା କରି କଂଗ୍ରେସ ଆଗକୁ ବଢ଼ିପାରିବ ନାହିଁ। ଯଦି କଂଗ୍ରେସକୁ ଆଗକୁ ବଢ଼ିବାର ଅଛି ଏବଂ ଏକ ଦୃଢ଼ ରାଜନୈତିକ ଶକ୍ତି ଭାବେ ନିଜକୁ ପ୍ରମାଣିତ କରିବାର ଅଛି, ତେବେ ଦଳକୁ ଗୋଟିଏ ପରିବାରର ମାଲିକାନାରୁ ବାହାରିବାକୁ ପଡ଼ିବ। ଦଳରେ ଚାଟୁକାରଙ୍କୁ ନଗଣ୍ୟ କରି ପ୍ରକୃତ ଯୋଗ୍ୟ ଏବଂ ନିଷ୍ଠାପର କର୍ମୀଙ୍କୁ ଦାୟିତ୍ୱ ଦେବାକୁ ପଡ଼ିବ। ଦଳ କୌଣସି ବ୍ୟକ୍ତି ଉପରେ ନିର୍ଭରଶୀଳ ନହୋଇ ନୀତି, ଆଦର୍ଶ ଏବଂ କାର୍ଯ୍ୟକ୍ରମ ଉପରେ ଆଧାରିତ ହେବା ଉଚିତ। ସଂଗଠନ, ତୁଷ୍ଟିକରଣ ନୀତିକୁ ପରିତ୍ୟାଗ କରି ଆଧୁନିକ ଚିନ୍ତାଧାରାକୁ ଆପଣାଇବାକୁ ପଡ଼ିବ। ଦଳରେ ନୂଆ ନେତା ସୃଷ୍ଟି କରିବାକୁ ପଡ଼ିବ। ସେହିପରି ଜିତିଲେ କେବଳ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ହେବେ, ଆଉ କେହି ଯୋଗ୍ୟ ବ୍ୟକ୍ତି ନାହାଁନ୍ତି ସେଭଳି ଚିନ୍ତାଧାରାରୁ ବାହାର ନକଲେ କଂଗ୍ରେସ କେବେ ଲୋକସଭାରେ ୧୦୦ରୁ ଅଧିକ ଆସନ ପାଇପାରିବ ନାହିଁ। କଂଗ୍ରେସ ମୌଳିକ ସମସ୍ୟାକୁ ଦୂର ନକରି ଖାଲି ତଳ ସ୍ତରରେ କର୍ମୀଙ୍କ ମୁଣ୍ଡରେ ସବୁ ଦୋଷ ଲଦିବା ଅନୁଚିତ। ଜିଲ୍ଲା ସ୍ତରରେ ସଙ୍ଗଠନର କୌଣସି ଗୁରୁତ୍ୱ ନାହିଁ। ଏହାକୁ ଯେତେ ମାଜିଲେ ବି ଦିଲ୍ଲୀରେ ବସିଥିବାର ନେତା ଯଦି ପସନ୍ଦ ଯୋଗ୍ୟ ନହେବ ତେବେ ଦଳ ସିଧା ଠିଆ ହୋଇପାରିବ ନାହିଁ।

# ମହାପ୍ରଭୁଙ୍କ ନୀଳାଦ୍ରି ବିଜେ



ଡକ୍ଟର ଲକ୍ଷ୍ମଣ ସାହୁ

ଶାସ୍ତ୍ରୀୟ ମତାନୁସାରେ ଶ୍ରୀଗୁଣ୍ଡିଚା ପରେ ମାଉସୀ ମନ୍ଦିରରୁ ତିନି ଦିଅଁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବାହୁଡ଼ା ଯାତ୍ରା ସାରି ଜଗତି ଉପରେ ବିଜେ କରିବା ନୀଳାଦ୍ରୀ ବିଜେ କୁହାଯାଏ। ଗୁଣ୍ଡିଚା ଦିନ ତିନିଠାକୁର ଯେଭଳି ରଥରେ ଗୁଣ୍ଡିଚା ମନ୍ଦିର ଯାଏ ଯାଇଥିଲେ ଠିକ୍ ସେଭଳି ବାହୁଡ଼ା ଯାତ୍ରାରେ ବଡ଼ଦେଉଳକୁ ଲେଉଟନ୍ତି। ଏହି ଲେଉଟାଣି ପରେ ରଥରୁ ଠାକୁରମାନେ ରତ୍ନବେଦୀକୁ ବିଜେ କରିଥାନ୍ତି। ଏହା ହେଉଛି ନବଦିନ ବ୍ୟାପୀ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟ। ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନରେ ଅଧିଷ୍ଠିତ ହୋଇଥାନ୍ତି। ଶାସ୍ତ୍ରରେ ବର୍ଣ୍ଣିତ ହୋଇଅଛି ଦ୍ୱାଦଶୀ ଦିନ ମହାପ୍ରଭୁ ନୀଳାଦ୍ରି ବିଜେ କରନ୍ତି। କିନ୍ତୁ ବାସ୍ତବରେ ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ।

କୁହାଯାଏ ଆଷାଢ଼ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଅଧରପଣା ଭୋଗ କରାଯାଏ। ମଧ୍ୟାହ୍ନ ଧୂପ ଶେଷ ହେବାପରେ ଓ ସନ୍ଧ୍ୟା ଆଳତି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ପଣା ସବୁକୁ ରଥ ଉପରେ ରଖାଯାଇଥାଏ। ଏହି ଅଧରପଣା ସର, କଦଳୀ, ଛେନା, ଗୋଲମରିଚ ରେ ପ୍ରସ୍ତୁତି ହୋଇଥାଏ। ପ୍ରତି ରଥରେ ୩ଟି ହାଣ୍ଡି ହିସାବରେ ମୋଟ ୯ହାଣ୍ଡି ଅଧର ପଣା ଭୋଗ କରାଯାଇଥାଏ। ଏହି ୯ହାଣ୍ଡି ପଣାକୁ ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରାଯାଇଥାଏ। ଭୋଗ ହେବା ପରେ ପଣା ଥିବା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ରଥଗୁଡ଼ିକରେ ଥିବା ପାର୍ଶ୍ୱଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କ ଉଦ୍ଧାର ନିମନ୍ତେ ପଣା ହାଣ୍ଡି ସବୁକୁ ଭୋଗ ହେବା ପରେ ଭାଙ୍ଗି ଦିଆଯିବାର ବିଧି ରହିଆସିଛି। ସ୍ୱତଲିପି ଅନୁଯାୟୀ ବାହୁଡ଼ା ଦଶମୀ ଦିନ ରଥ ସିଂହଦ୍ୱାର ନିକଟରେ ପହଁଚିବା ପେର 'ଅଧର ପଣା' ଭୋଗ ହେବା କଥା। କିନ୍ତୁ ସମୟ ଅଭାବରୁ ଏହା ଏକାଦଶୀ ଦିନ ଅନୁଷ୍ଠିତ ହୋଇଥାଏ। ହେଲେ ଏକାଦଶୀ ଦିନ ମଧ ଏହି ନୀତି ହୋଇ ନପାରି ଅନେକ ବର୍ଷ ଧରି ଦ୍ୱାଦଶୀ ତିଥିରେ ଏହି ' ଅଧର ପଣା ଭୋଗ କରାଯାଉଛି। ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ମଠରୁ ପ୍ରାପ୍ତ ସନନ୍ଦକୁ ଆଧାର କରି ଉଲ୍ଲେଖ କରିଛନ୍ତି ଯେ, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନି ହାଣ୍ଡି, ଏକାଦଶୀରେ ତିନି ହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଅଧର ପଣା ଓ ବଳଭଦ୍ରଙ୍କ ରଥରେ ରାମ , କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଓ ଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ନିମିତ୍ତ ୧ ହାଣ୍ଡି (ସାନ) କ୍ରମରେ ମୋଟ ୧୨ଟି ହାଣ୍ଡି ଅଧର ପଣା ଭୋଗ ହେଉଥିଲା। ସମ୍ପ୍ରତି ତିନି ରଥ ପାଇଁ ଦ୍ୱାଦଶୀ ଦିନ ମୋଟ ୯ ହାଣ୍ଡି ଅଧର ପଣା ଭୋଗ ହେଉଅଛି।

ତେବେ ଅନନ୍ୟ ଏ ଅଧରପଣା ନୀତି ପଛରେ ରହିଛି ଗୁଢ଼ ତତ୍ତ୍ୱ। ପାପୀ, ତପି, ମ୍ଳେଚ୍ଛ, ଦୀନ, ଯବନ ଉଦ୍ଧାର ପାଇଁ ରଥଯାତ୍ରାର ଶେଷରେ ଜନ ସମାଜକୁ ଅମୃତର ପାନ ପାଇଁ ଅଧରପଣା ନୀତି ବୋଲି ଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମତ। ପୌରାଣିକ ବର୍ଣ୍ଣନାନୁସାରେ ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ମହାପ୍ରଭୁଙ୍କ ସହ ରଥରେ ଅନେକ ଦେବାଦେବୀ, ଦାନବ, ଗନ୍ଧର୍ଭ, ଯକ୍ଷ, ଚଣ୍ଡି, ଚାମୁଣ୍ଡା ତଥା ଅଶରିରୀମାନେ ଯାତ୍ରା କରିଥାନ୍ତି। ଏସବୁ ଆତ୍ମାର ଶାନ୍ତି ନିମନ୍ତେ ନୀଳାଦ୍ରି ବିଜେ ପୂର୍ବରୁ ମହାପ୍ରଭୁ ଅଧର ଅମୃତ ପାନ କରିଥାନ୍ତି। ଏହି ପଣା ପାନ କରି ଅତୃପ୍ତ ଆତ୍ମା ମୁକ୍ତି ଲାଭ କରିଥାଏ। ଏପରିକି ବର୍ଷକୁ ଥରେ ମଣିଷଙ୍କ ପରି ପ୍ରେତାତ୍ମାମାନେ ମଧ ଚାହିଁ ବସିଥା'ନ୍ତି ରଥଯାତ୍ରାକୁ। ଅତୃପ୍ତ ଆତ୍ମା ତୃପ୍ତ ହୁଅନ୍ତି, ଅଶରୀରୀମାନେ ମୁକ୍ତି ପାଆନ୍ତି ଏଭଳି ଅନେକ ଲୋକ ପ୍ରବାଦ ଅଧରପଣାକୁ ନେଇ ରହିଛି।

ରଥ ଉପରେ ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କର ଶ୍ରୀଅଧର ଉଚ୍ଚ ଥିବା ତୁମ୍ବ ଆକୃତି ଭଳି ମାଟିର ତିନୋଟି ହାଣ୍ଡି ରଖାଯାଏ। ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତଳ ହଣ୍ଡାମାନଙ୍କରେ ରଖିଥାନ୍ତି। ସିଂହଦ୍ୱାର ସମ୍ମୁଖ କୂପରୁ ଏହି ଜଳ ଅଣାଯାଏ। ଅଧରପଣା ଭୋଗ ପୂର୍ବରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳୁଚ୍ଛ , ରଥରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା ଜାଲିକନା ପକାଯାଏ। ବୋଧହୁଏ ଜଳ ଛଣା ଉଦ୍ଦେଶ୍ୟରେ ଏହା ପକାଯାଏ ବୋଲି କଥିତ ରହିଛି।

ନଅ ହାଣ୍ଡି ଅଧର ପଣାର ବ୍ୟବସ୍ଥା ମଧ ରହସ୍ୟ। ଘେରରେ ରହିଛି। ତାନ୍ତ୍ରିକ ଓ ଶକ୍ତି ଉପାସକମାନେ ବଳଭଦ୍ରଙ୍କୁ ତାରା, ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ଓ ଜଗନ୍ନାଥଙ୍କୁ ମହାକାଳୀ ଭାବେ ପୂଜା କରିଥା'ନ୍ତି। ତେଣୁ ଏହି ନବଦିନାତ୍ମକ ରଥଯାତ୍ରାକୁ ତନ୍ତ୍ରର ପୂଜା ବୋଲି କୁହାଯାଇଥାଏ। କେବଳ ତାହା ନୁହେଁ, ତନ୍ତ୍ରର ପ୍ରଭାବ ଜଗନ୍ନାଥଙ୍କ ସଂସ୍କୃତିରେ ରହିଥିବାରୁ ପ୍ରତି ରଥରେ ୯ ଜଣ ଲେଖାଏଁ ପାର୍ଶ୍ୱ ଦେବାଦେବୀ ରହିଥା'ନ୍ତି। ଅଧର ପଣା ବେଳେ ପ୍ରତିରଥରେ ତିନି ତିନୋଟି କରି ମୋଟ ନଅଟି ହାଣ୍ଡି ପଣା ମହାପ୍ରଭୁଙ୍କୁ ମଣୋହି ହୋଇଥାଏ ବୋଲି କୁହାଯାଇଛି। ଦେବସ୍ନାନ ପୂର୍ଣ୍ଣିମାଠାରୁ ଶ୍ରୀଗୁଣ୍ଡିଚା ଉତ୍ସବ ଆରମ୍ଭ ହୋଇ ନୀଳାଦ୍ରି ବିଜେରେ ଶେଷ ହୋଇଥାଏ। ଦେବତାମାନଙ୍କଠାରୁ ଉତ୍ସବ ଆରମ୍ଭ ହୋଇ ଅଶରୀରୀମାନଙ୍କ ପାଖରେ ସରିଥାଏ। ତନ୍ତ୍ରଶାସ୍ତ୍ର ଅନୁଯାୟୀ ଦେବସ୍ନାନ ଉତ୍ସବରେ ମହାପ୍ରଭୁ ଦେବତା, ଯକ୍ଷ, ଗନ୍ଧର୍ବ ଆଦିଙ୍କୁ ଦର୍ଶନ ଦେଇ କୃତାର୍ଥ କରୁଥିବା ବେଳେ ଦ୍ୱିତୀୟ ଭାଗରେ ଶ୍ରୀଗୁଣ୍ଡିଚାରେ ରଥରେ ବସି ମନୁଷ୍ୟ, ପଶୁ ଯୋନିରେ ଜନ୍ମଗ୍ରହଣ କରିଥିବା ସମସ୍ତ ପ୍ରାଣୀଙ୍କୁ ଦର୍ଶନ ଦେଇ ପତିତ ଉଦ୍ଧାର କରିଥା'ନ୍ତି। ତେଣୁ ରଥଯାତ୍ରା ଶେଷଭାଗରେ ମହାପ୍ରଭୁ ମଧୁର ଅଧରରେ



ପଣାହାଣ୍ଡି ସ୍ପର୍ଶ କରି ଏହାକୁ ଶରୀରୀ ଓ ପ୍ରେତମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ଉଦ୍ଧାର କରିଥା'ନ୍ତି।

ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନରେ ଅଧିଷ୍ଠିତ ହୋଇଥାନ୍ତି। ନିଳାଦ୍ରୀ ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟାଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ହୁଏ। ପୂର୍ବରୁ ନୀତି ଅନୁସାରେ ଯେତେବେଳେ ବିଜେ କାହାଳି ବାଜେ ସେତେବେଳେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣ ଘରକୁ ବିଜେ କରାଯାଇଥାଏ। ଏହାପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ।

ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଉଭୟ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହୋଇଥାନ୍ତି। ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଚ୍ଛ ବନ୍ଦାପନା ନୀତି ବଢ଼ାଇଥାନ୍ତି। ସେହି ସମୟରେ ପରମ୍ପରା ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଯାଏ। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଲକ୍ଷ୍ମୀଙ୍କ ମଧରେ ବଚନିକା ହୋଇଥାଏ।

ଏହି 'ବଚନିକା'ର ଅର୍ଥ- ଦୁଇଜଣଙ୍କ ଭିତରେ କଥୋପକଥନ। ଇଂରେଜୀରେ 'ଡାଏଲଗ୍' ବା 'କନ୍‌ଭରସେସନ୍' ଓ ସଂସ୍କୃତରେ 'ସଂବାଦ' ବୁଝା ପଡ଼େ। ବୈଦିକ କାଳରୁ ଏହା ପ୍ରଚଳିତ ହୋଇ ଆସୁଛି। ଦୃଷ୍ଟାନ୍ତ ସ୍ୱରୂପ 'ପୁରୁରବା-ଉର୍ବଶୀ ସଂବାଦ', 'ଯମ-ଯମୀ ସଂବାଦ', 'ଯାଜ୍ଞବଲ୍କ୍ୟ-ମୈତ୍ରେୟୀ ସଂବାଦ' ଆଦି। ଏହାର ଅନ୍ୟ ଅର୍ଥ 'ବାକ୍ୟାଳାପ' ବା 'ବାର୍ତ୍ତାଳାପ'। 'ଉକ୍ତି-ପ୍ରତ୍ୟୁକ୍ତି' ଅର୍ଥରେ ମଧ ଏହା ପ୍ରଯୁକ୍ତ ହୋଇଥାଏ। ତେଣୁ ଓଡ଼ିଆରେ 'ବୋଲାବୋଲି', 'ବରାବରି', 'ବକାବକି' ଆଦି ଶବ୍ଦ ମଧ ଅଛି। 'ପ୍ରଶ୍ନୋତ୍ତର' ଓ 'ଜବାବ-ସୁଆଲ'କୁ ମଧ ଏହାର ପ୍ରତିଶବ୍ଦ ଭାବରେ ଗ୍ରହଣ କରାଯାଏ। ଏହା ମଧ ସୂଚାଏ- 'ଦ୍ୱନ୍ଦ୍ୱ' ବା 'କଳି'କୁ କୁହାଯାଏ।

ମହାପ୍ରଭୁ ନିଜ ଜନ୍ମବେଦୀକୁ କେବଳ ନିଜର ଭାଇ ଓ ଭଉଣୀଙ୍କୁ ନେଇ ରଥଯାତ୍ରାରେ ଯାଇଥିବା ହେତୁ ମା' ଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ଉପରେ ଅଭିମାନ କରିଥାନ୍ତି। ତେଣୁ ପତିପତ୍ନୀଙ୍କ ମଧରେ କଳି ରାଗିବା ବା ବଚନିକା ଘଟିବା ସ୍ୱାଭାବିକ। ଏହି ବଚନିକାର ବିଶଦ ସୂଚନା ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ନାହିଁ। କେବଳ ଏହା ସେବକଙ୍କ ସୂତ୍ରରୁ ଜଣାପଡ଼େ, ନୀତିଅନୁସାରେ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଜୟବିଜୟ ଦ୍ୱାରର ବାହାରପଟେ ଦଇତା ସେବକ ସ୍ୱାଇଁ ମହାପାତ୍ର ଓ ଦେବୀ ଲକ୍ଷ୍ମୀଙ୍କ ପକ୍ଷରୁ ଦ୍ୱାରର ଭିତର ପଟେ ଭିତର ଗାଏଣୀ (ଦେବଦାସୀ) ରହୁଥିଲେ। ଶ୍ରୀମନ୍ଦିରରୁ ଦେବଦାସୀ ସେବା ବିଲୁପ୍ତ ହେବା ପରେ, ଭିତରପଟେ ଲକ୍ଷ୍ମୀଙ୍କ ପକ୍ଷରୁ ଆଉ କେହି ରହୁନାହାନ୍ତି। କେବଳ ସ୍ୱାଇଁ ମହାପାତ୍ର ସେବକ ଏପଟୁ ବଚନିକାର ପଦଟିଏ ଗୀତ ଗାଇବା ପରେ, ଦ୍ୱାର ଖୋଲିଦିଆଯାଇ, ରୁକ୍ମିଣୀ ବିବାହର ଗଇଣ୍ଠାଳ ଫିଟା ନୀତି ଓ ରସଗୋଲା ଭୋଗ ଆଦି ହେଉଛି। ଏବେ ଶ୍ରୀମନ୍ଦିରରୁ 'ଲକ୍ଷ୍ମୀ-ନାରାୟଣ ବଚନିକା'ର ଏହି କୌତୂହଳ ରସାଳ ଲୋକ-ପରମ୍ପରା ସଂପୂର୍ଣ୍ଣ ବିଲୁପ୍ତି ହୋଇପାରେ। ଯାହା ଦିନେ 'ଲକ୍ଷ୍ମୀ-ନାରାୟଣ ବଚନିକା' ବା 'ଲକ୍ଷ୍ମୀ-ନାରାୟଣ କଳି' ଏକ କୌତୁକାବହ ବ୍ୟାପାର ଥିଲା। ଏହାର ପ୍ରଚୁର ନିଦର୍ଶନ ରହିଛି 'ନିଳାଦ୍ରି ମହୋଦୟ' ଓ 'ବାମଦେବ ସଂହିତା' ଆଦି ଗ୍ରନ୍ଥରେ ରହିଛି।

ଶ୍ରୀମନ୍ଦିରର ରୀତିନୀତି ସଂପର୍କିତ 'ନୀଳାଦ୍ରି ମହୋଦୟ' ଓ 'ବାମଦେବ ସଂହିତା' ହେଉଛି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ। 'ନୀଳାଦ୍ରି ମହୋଦୟ'ର ଷୋଡ଼ଶ ଅଧ୍ୟାୟରେ ଥିବା ବର୍ଣ୍ଣନା ଅନୁସାରେ- ଶ୍ରୀମନ୍ଦିରର ଜୟବିଜୟ ଦ୍ୱାରଠାରେ ଏହି ଲୀଳା କରାଯାଏ। କୌତୁକବଶତଃ ଦେବୀ ଲକ୍ଷ୍ମୀ ଏହି ଦ୍ୱାରକୁ ବନ୍ଦ କରିଦେଇ, ଦ୍ୱାରର ଆରପାର୍ଶ୍ୱରେ ନିଜେ ଅବସ୍ଥାନ କରନ୍ତି। ଏଥିରେ ଉଭୟ ପକ୍ଷରୁ ଗୋଟିଏ ଗୋଟିଏ ପଦର ବଚନିକା ହୋଇଥାଏ। କିନ୍ତୁ 'ବାମଦେବ ସଂହିତା'ରେ ଏ ପ୍ରସଙ୍ଗ କିଂଚିତ୍ ଭିନ୍ନ ଭାବରେ ବର୍ଣ୍ଣିତ ହୋଇଛି। ଏହାର ସପ୍ତଦଶ ଅଧ୍ୟାୟରେ ଏ ସଂପର୍କରେ ବିଶଦ ବର୍ଣ୍ଣନା ଅଛି। ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଦଇତାମାନେ ଏବଂ ଦେବୀ ଲକ୍ଷ୍ମୀଙ୍କ ପକ୍ଷରୁ ଦେବଦାସୀମାନେ ସେହି ବଚନିକାରେ ଅଂଶଗ୍ରହଣ କରୁଥିବା ବିଷୟ ସେଥିରେ ଅତ୍ୟନ୍ତ ରୋଚକ ଭାବରେ ବର୍ଣ୍ଣିତ ହୋଇଛି। ବର୍ଣ୍ଣନା ଅନୁଯାୟୀ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଯାଇସାରିବା ପରେ, ଦେବୀ ଲକ୍ଷ୍ମୀ କବାଟର ଅର୍ଗଳିକୁ ଦୃଢ଼ ଭାବରେ ବନ୍ଦ କରାଇ ନିଜେ ଦ୍ୱାରଦେଶର ପୁରୋଭାଗରେ ରହିଥାନ୍ତି। ସେତେବେଳେ ରାଜା ମହାଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କର ସେବକମାନଙ୍କୁ କହିଲେ, ପ୍ରଭୁ ଯେପରି ମୋର ମାନ୍ୟ, ମାତା ଲକ୍ଷ୍ମୀ ମଧ ସେହିପରି ମାନ୍ୟା ଅଟନ୍ତି।

ତେଣୁ ଲକ୍ଷ୍ମୀ ଓ ନାରାୟଣଙ୍କୁ ମାତା ଓ ପିତା ଭାବରେ ବନ୍ଦାପନା କରି, ରଥରୁ ପ୍ରଭୁ ଜଗନ୍ନାଥଙ୍କୁ ଅବତରଣ କରାଇ, ରାଜା କବାଟର ଅର୍ଗଳି ପାଖକୁ ଆଣିବାବେଳେ ତାହା ଜାଣି ମହାଲକ୍ଷ୍ମୀ ଦାସୀବର୍ଗଙ୍କୁ ଡାକି ଅଭିମାନ ଭରା ଆଦେଶ ଦେଇ କହିଲେ- ହେ ଦାସୀମାନେ, ତୁମ୍ଭେ ଯାଇ ଜଗନ୍ନାଥଙ୍କୁ କୁହ ଯେ ଏହି ସ୍ଥାନରେ ଚଣ୍ଡରୂପା ଦେବୀ ଅବସ୍ଥାନ କରୁଛନ୍ତି। ଆପଣଙ୍କୁ ସୁଖ ପ୍ରଦାନ କରିବା ପରି କେହି ପ୍ରିୟା ଏଠାରେ ସେପରି ନାହାନ୍ତି। ଏହା ହେଉଛି ଏକ ବିରହିଣୀପୁର। ଏଠାରେ ଚନ୍ଦନାଦି ସୁଗନ୍ଧ ପଦାର୍ଥ, ଆପଣଙ୍କ ମନଲାଖି ପାନ, ଭୋଜନ ପାଇଁ କିଛି ନାହିଁ। ତେଣୁ ହେ ବିଭୁ , ଯେଉଁଠାରେ ଏସବୁ ଆପଣଙ୍କୁ ମିଳିବ, ସେଠାକୁ ଆପଣ ଚାଲି ଯାଆନ୍ତୁ। 'ବାମଦେବ ସଂହିତା' ଅନୁସାରେ- "ଦେବୀ ମହାଲକ୍ଷ୍ମୀଙ୍କର ସେହି ବାକ୍ୟ ଶୁଣି, ରାଜା ଅନେକ ପ୍ରକାରରେ ଦେବୀଙ୍କୁ ସାନ୍ତ୍ୱନା ପ୍ରଦାନ କଲା ପରେ ଦେବୀ ଲଜ୍ଜାବନତ ମୁଖରେ ଦ୍ୱାର ଖୋଲି ଦିଅନ୍ତି।"

ଦେଖିବାକୁ ଗଲେ ସେତେବେଳେ ଏସବୁ କେବଳ ଜନୈକ ଦେବଦାସୀ ଓ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହି ଉଭୟଙ୍କ ମଧରେ ଲୋକ ପରମ୍ପରାଗତ ବଚନିକା ଏକପ୍ରକାର ଅଭିନୟ ଢଙ୍ଗରେ ସମାହିତ ହୋଇଥାଏ। ଯାହା ଖୁବ୍ ହୃଦୟସ୍ପର୍ଶୀ ଓ ମନୋରଞ୍ଜନ ପୂର୍ଣ୍ଣ। ପରେ ଜୟ ବିଜୟ ଦ୍ୱାର ଫିଟିଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରିବା ସହ ମନାଇ ଥାନ୍ତି। ଯାହାକି ମହାପ୍ରଭୁଙ୍କ ମାନବୀୟ ଲୀଳା। ଏହାପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଭକ୍ତଙ୍କ ଘଣ୍ଟ ଘଣ୍ଟା ହରି ବୋଲ ହୁଳହୁଳି ଧ୍ୱନୀରେ ମହାପ୍ରଭୁ ହଲି ଝୁଲି ଧାଡ଼ି ପହଣ୍ଡିରେ ଯାଇ ବିଜେ ହୁଅନ୍ତି ନୀଳାଦ୍ରୀ ମଣ୍ଡପରେ। କବି ଗୌର ଚରଣ ଦାସ ରଥଯାତ୍ରାର ଏହି ଅନ୍ତିମ ପର୍ବକୁ ନୀଳାଦ୍ରୀ ବିଜେ ବର୍ଣ୍ଣନାରେ କହିଛନ୍ତି-

'ଲକ୍ଷ୍ମୀ ନାରାୟଣ ମିଳନ ହୋଇଲେ ସର୍ବଜନେ ବୋଲ ହରି /ନାରାୟଣ ନାମ ସୁମରିଲେ ତୁମ୍ଭେ ଭବସିନ୍ଧୁଁ ଯିବ ତରି। "

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋବାଇଲ୍: ୯୦୪୦୧୫୧୪୭୫

# ବିଭ୍ରାନ୍ତକର ନହେଉ ଭୋଟର ତାଲିକା ଯାଞ୍ଚ


ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏବେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଚାଲିଥିବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ (ଏସଆଇଆର) ଅଭିଯାନକୁ ବିରୋଧି ଦଳଗୁଡ଼ିକ ସମାଲୋଚନା କରିବା ଅଯର୍ଥାଥ ନୁହେଁ ବୋଲି କୁହାଯାଇପାରିବ। ବିଶେଷ କରି ଏହାର ସମୟ ଏବଂ କଠୋର ମାନଦଣ୍ଡ ସମାଲୋଚନାର ଶରବ୍ୟ ହେବା ସ୍ୱାଭାବିକ। ଏବେ ବର୍ଷା ଦିନ ଆରମ୍ଭ ହୋଇଯାଇଥିବାବେଳେ ବିହାର ଏକ ବନ୍ୟା ପ୍ରବଣ ରାଜ୍ୟ ଭାବେ ପରିଚିତ। ସ୍ୱଳ୍ପ ସମୟର ଅବଧି ଏବଂ ଘରଘର ବୁଲି ଭୋଟର ତାଲିକା ସଂଶୋଧନରେ ନିୟୋଜିତ କର୍ମଚାରୀଙ୍କପାଇଁ ଏକ ଜଟିଳ ବ୍ୟାପାର ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କେବଳ ଏତିକି ନୁହେଁ, ସ୍ୱଳ୍ପ ସମୟର ଅବଧି ଏବଂ ଭୋଟର ଯାଞ୍ଚ ପାଇଁ କଠୋର ମାନଦଣ୍ଡ ଭୂଲବସତଃ ଲକ୍ଷଲକ୍ଷ ଭୋଟଦାତା ବାଦ୍ ପଡ଼ିବା ଆଶଙ୍କା କରାଯାଏ। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ, କେବଳ ସାଧାରଣ ବାସିନ୍ଦା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଯାହାକି ବିରୋଧି ଦଳମାଦଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି। ସମାଲୋଚନା ତଥା ବିରୋଧିଦଳମାନଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, ଏସଆଇଆର ପ୍ରବାସୀ ବା ଦେଶାନ୍ତର ଭୋଟଦାତାଙ୍କ ପାଇଁ ଅତ୍ୟନ୍ତ ଜଟିଳ ହୋଇପାରେ। ଉଲ୍ଲେଖଯୋଗ୍ୟ ଯେ, ବିହାରର ମୋଟ ଭୋଟଦାତାଙ୍କ ସଂଖ୍ୟାର କେବଳ ୨୦ପ୍ରତିଶତ ହେଉଛନ୍ତି ଦେଶାନ୍ତର ବା ପ୍ରବାସୀ ଶ୍ରମିକ। ଯାଞ୍ଚ ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ। ଭୋଟର ତାଲିକା ଯାଞ୍ଚର ଅନ୍ତିମ ସମୟ ସୀମା ଚଳିତ ମାସ ୩୧ତାରିଖ ହୋଇଥିବାରୁ ପ୍ରବାସୀ ଶ୍ରମିକମାନେ ଭୋଟର ତାଲିକାରୁ ବାଦ୍ ପଡ଼ିବା ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଲୋକପ୍ରତିନିଧି ଆଇନ-୧୯୫୦ରେ ବ୍ୟବସ୍ଥା ରହିଛି ଯେ, ଜଣେ ଭୋଟର ସାମୟିକ ଭାବେ ତାଙ୍କ ବାସସ୍ଥାନରେ ଅନୁପସ୍ଥିତ ରହିଥିଲେ, ଭୋଟର ତାଲିକାରୁ ତାଙ୍କୁ ବାଦ୍ ଦିଆଯାଇପାରିବ ନାହିଁ। କିନ୍ତୁ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଏ କ୍ଷେତ୍ରରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକତା ରହିଛି। କିନ୍ତୁ ଏହା ନିସନ୍ଦେହ ଯେ, ଯେଉଁ ପ୍ରବାସୀ ଶ୍ରମିକମାନେ ନିଜ ବାସସ୍ଥାନର ଦିନ ଦିନ ଧରି ଅନୁପସ୍ଥିତ ରହିଛନ୍ତି, ସେମାନଙ୍କ ପାଇଁ ଏହା ଅଧିକ ଜଟିଳ ହେବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ବିହାରରେ ସଂଖ୍ୟାଧିକ ପ୍ରାପ୍ତ ବୟସ୍କ ଯେଉଁମାନେ ଭୋଟର ତାଲିକା ଅର୍ନ୍ତଭୁକ୍ତ, ବିଶେଷ କରି ପୁରୁଷ ଭୋଟର କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି। ଗତ ୨୦୨୪ ସାଧାରଣ ନିର୍ବାଚନରେ ଏହା ଜଣାପଡ଼ିଥିଲା। କହିବା ବାହୁଲ୍ୟ ଯେ, ବିହାର ହେଉଛି ଏକ ରାଜ୍ୟ, ଯେଉଁଠାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟଦାତାଙ୍କ ମତଦାନ ହାର ଅଧିକ ରହିଛି। ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାଯାଇଛି ଯେ, ପ୍ରତି ୧୦୦୦ ପୁରୁଷ ମତଦାତା ହାରରେ ମହିଳା ଭୋଟରଙ୍କ ମତଦାନ ହାର ୧୦୭୫.୫ ରହିଛି। କିନ୍ତୁ ରାଜ୍ୟରେ ପୁରୁଷଭୋଟରଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ ଅଧିକ ରହିଛି। ପ୍ରତି ୧୦୦୦ ପୁରୁଷ ଭୋଟର ସଂଖ୍ୟାରେ ମହିଳାଙ୍କ ସଂଖ୍ୟା ହେଉଛି ୯୧୫.୫। ଏହାର କାରଣ ହେଉଛି ଯେ, ନିଜ ଜନ୍ମସ୍ଥାନରେ ଭୋଟର ତାଲିକାରେ ନାମ ପଂଜୀକୃତ କରିଥିବା ଭୋଟଦାତା ରାଜ୍ୟ ବାହାରେ କାମ କରୁଥିବାରୁ ଭୋଟ ଗ୍ରହଣ ଦିନ ଫେରିବାକୁ ଅସମର୍ଥ ଥିବା ଜଣାଯାଏ। ଏହା ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ହାର ପ୍ରମାଣିତ କରୁଛି। ଏହା ନିସନ୍ଦେହ ଯେ, ନିଜ ଜନ୍ମ ସ୍ଥାନରେ ବର୍ଷ ବର୍ଷ ଧରି ଅନୁପସ୍ଥିତ ଥିବା ଏବଂ ସାମୟିକ ଅନୁପସ୍ଥିତ ଥିବା ଭୋଟଦାତାଙ୍କୁ ଚିହ୍ନଟ କରିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଭାବେ ଏକ ସହଜସାଧ କାର୍ଯ୍ୟ ନୁହେଁ। ଆହୁରି ମଧ ଦୀର୍ଘ ବର୍ଷ ବର୍ଷ ଧରି ଅନୁପସ୍ଥିତ ଥିବା ଭୋଟର ସେମାନଙ୍କ ନାମ ରହୁଥିବା ସ୍ଥାନରେ ପଂଜୀକରଣ କରିଛନ୍ତି କି ନାହିଁ, ସେ ନେଇ ନିର୍ବାଚନ କମିଶନ ନିଶ୍ଚିତ ହେବା ଆବଶ୍ୟକ। ନୀତିଗତ ଭାବେ ନିର୍ବାଚନ କମିଶନ ଏ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରିବା ଜରୁରୀ। ତେଣୁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତ ଅଭିଯାନ ବା ଚିହ୍ନଟ ପ୍ରକ୍ରୀୟା ପାଇଁ ମାତ୍ର ଗୋଟିଏ ମାସ ନୁହେଁ, ଅଧିକ ସମୟ ଆବଶ୍ୟକ। ଏ ନେଇ ନିର୍ବାଚନ କମିଶନ ଅଧିକ ସମୟ ସ୍ଥିର କରିବା ଜରୁରୀ। ଆହୁରି ମଧ ଭୋଟର ତାଲିକା ଯାଞ୍ଚ ପାଇଁ ବୁଥ୍ ସ୍ତରରେ ନିୟୋଜିତ କର୍ମଚାରୀ(ବିଏଲଓ)ମାନେ ଘରଘର ବୁଲି ଭୋଟରଙ୍କ ଆଇଡି ଯାଞ୍ଚ ସଂଗ୍ରହଣ କରିବା ଆବଶ୍ୟକ। କିନ୍ତୁ ସେଗୁଡ଼ିକୁ ସ୍କାନ କରି ଅପଲୋଡ କରିବା ପାଇଁ ମାତ୍ର ଏକ ସପ୍ତାହ ସମୟ ଦିଆଯାଇଥିବାରୁ ତାହା ଗରିବ, ପ୍ରବାସୀ ଶ୍ରମିକଙ୍କ ପାଇଁ ଆଦୌ ସମ୍ଭବ ନୁହେଁ, ଯାହାର ପରିଣତି ସ୍ୱରୁପ ୭କୋଟିରୁ ଅଧିକ ବିହାରର ସ୍ଥାୟୀ ବାସିନ୍ଦା ଭୋଟର ତାଲିକା ବାଦ୍ ପଡ଼ିପାରନ୍ତି ବୋଲି ଆକଳନ କରାଯାଏ। ଏହା ନିସନ୍ଦେହ ଯେ, ମାତ୍ର ମାସକ ଭୋଟର ତାଲିକା ଯାଞ୍ଚ ଆଦୌ ସମ୍ଭବ ନୁହେଁଃ ଏଥିଲାଗି ଅଧିକ ମାସ ଦରକାର। ଅନ୍ୟଥା ବିହାରର କୋଟି କୋଟି ମୂଳ ବାସିନ୍ଦା, ଯେଉଁମାନେ ଦେଶାନ୍ତର, ପ୍ରବାସୀ ଶ୍ରମିକ ଭାବେ ଜୀବିକା ନିର୍ବାହ କରନ୍ତି, ଗଣତାନ୍ତ୍ରୀକ ଅଧିକାରରୁ ବଞ୍ଚିତ ହେବା ସାର ହେବ। ତେଣୁ ନିର୍ବାଚନ କମିଶନର ବିହାର ଭୋଟର ତାଲିକା ସଂଶୋଧନ ଅଭିଯାନ। ନିର୍ଭୁଲ ପରିବର୍ତ୍ତେ ଅଧିକ ବିଭ୍ରାନ୍ତକର ହେବ, ଏଥିରେ ସନ୍ଦେହ ନାହିଁ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଅଧରପଣା ଲାଗି



ଡ଼ଃ.ଅରୁନ୍ଧତୀ ଦେବୀ

ମହାପ୍ରଭୁଙ୍କ ଅଧର ପଣା ଲାଗି ପରମ୍ପରା ଯେତିକି ଆନନ୍ଦ ଦେଇଥାଏ ସେତିକି କୌତୁହଳ ସୃଷ୍ଟି କରିଥାଏ ଭକ୍ତଜନଙ୍କ ଭିତରେ। ଏହାର ପରମ୍ପରା ଅନୁଯାୟୀ ସୁନାବେଶ ପରଦିନ ରଥରେ ଥିବା ଶ୍ରୀ ବିଗ୍ରହ ମାନଙ୍କୁ ରଥ ଉପରେ ଅଧରପଣା ଲାଗିର ବ୍ୟବସ୍ଥା ରହିଛି। ଠାକୁରଙ୍କ ଅଧର ଉଚ୍ଚତାର ଏକ ସ୍ୱତନ୍ତ୍ର ଶୈଳରେ ମାଟି ହାଣ୍ଡିରେ ବଡ଼ ବଡ଼ ଦିଶୁଥିବା ଏହି ପାତ୍ରରେ ପଣା ହେଉଛି ସମସ୍ତଙ୍କ ପାଇଁ ବଡ଼ ଆକର୍ଷଣ। ତିନି ରଥରେ ମୋଟ ନଅଟି ମାଟି ହାଣ୍ଡିର ପାତ୍ର ପ୍ରସ୍ତୁତ ରଖାଯାଏ। ଶ୍ରୀମନ୍ଦିର ସାମ୍ନାରେ ରହିଥିବା ଛାଉଣୀ ମଠର କୂଅରୁ ପାଣିଆ ଆପଟ ସେବକମାନେ ପିତଳ ହଣ୍ଡାରେ ପାଣି ଆଣି ରଖିଥାନ୍ତି। ବର୍ତ୍ତମାନ ଯଦିଓ ଛାଉଣୀ ମଠ ଆଉ ନାହିଁ ତେବେ ଏହି ଅଧର ହାଣ୍ଡି ଉପରେ ଜାଲି କପଡ଼ା ଘୋଡ଼ା ଯାଇ ପବିତ୍ର ଜଳକୁ ସଂଗ୍ରହ କରି ରଖାଯାଏ। ଏଥିରେ କଦଳୀ, ଛେନା, ସର, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଆଦି ମିଶାଇ ଏହି ଦିବ୍ୟ ଓ ଚମତ୍କାର ପଣା ପ୍ରସ୍ତୁତ କରାଯାଏ। ସର୍ବପ୍ରଥମେ ତିନିରଥରେ ଗରାବଡୁ, ସୁଆର ବଡୁ ଓ ପତ୍ରି ବଡୁ, ପାଳିଆ ସେବକ ପୂଜାପାଠ କରିଥାନ୍ତି। ଏହାପରେ ପାଳିଆ ପୂଜା ପଣ୍ଡା ପଞ୍ଚ ଉପଚାର ପୂଜା ନିର୍ବାହ କରିବା ପରେ ଏହି ତିନିରଥର ପଣା ହାଣ୍ଡିକୁ ଭାଙ୍ଗି ଦିଆଯାଏ। ବର୍ଷ ବର୍ଷର ପରମ୍ପରା ଓ ବିଶ୍ୱାସ ରହିଛି ଯେ ଏହି ପଣାକୁ ଅଶରୀରୀମାନଙ୍କ ଉଦ୍ଧାର ପାଇଁ ରଥ ଉପରେ ଅଧର ହାଣ୍ଡି ଭଙ୍ଗାଯାଇଥାଏ। ଅଧର ପଣା ପରମ୍ପରାର ସ୍ୱତନ୍ତ୍ରତା ହେଉଛି ଏହା ଠାକୁରଙ୍କୁ ସମର୍ପଣ କରାଯାଇ ନଥାଏ କେବଳ ସେମାନଙ୍କ ସାମ୍ନାରେ ଏହା ଉତ୍ସର୍ଗର ବିଧି ରହିଛି। ଅନ୍ୟ କେତେକ ପୌରାଣିକ କଥାବସ୍ତୁ ଅନୁଯାୟୀ ରଥର ପାର୍ଶ୍ୱ ଦେବଦେବୀ, ଚଣ୍ଡି, ଚାମୁଣ୍ଡାମାନଙ୍କ ପାଇଁ ପଣା ଭରପୁର ଅଧର ହାଣ୍ଡି ଭଙ୍ଗାଯାଇଥାଏ। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ରାଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଅଧର ପଣା ଲାଗି ହୋଇଥାଏ। ମହାସ୍ନାନ, ସର୍ବାଙ୍ଗ, ବେଶଶେଷ ହୋଇ ଅଧର ନୀତି ହେବାର ପରମ୍ପରା ରହିଛି। ଏହି ନୀତି ପରେ ମହାସ୍ନାନ, ମଇଲମ, ବେଶ, ସଂଧ୍ୟା ଆଳତୀ, ସନ୍ଧ୍ୟାଧୂପ, ବଡ଼ସିଂହାର ଭୋଗ ବଢ଼ି ତିନି ରଥରେ ପହୁଡ଼ ନୀତି ସମ୍ପନ୍ନ କରାଯାଇଥାଏ। ଏହି ଅଧରପଣା ନୀତି ପରଦିନ ହିଁ ଶ୍ରୀବିଗ୍ରହମାନେ ନୀଳାଦ୍ରି ବିଜେରେ ଶ୍ରୀମନ୍ଦିର ରତ୍ନସିଂହାସନରେ ଅଧିଷ୍ଠିତ ହେବାର ପରମ୍ପରା ରହିଛି।

କଟକ, ମୋବାଇଲ୍: ୯୯୩୭୧୭୨୮୧୦

ତହବୁର୍ ରାଣାର ବିସ୍ଫୋରକ ବୟାନ

# ୨୦୦୫ରୁ ପାକିସ୍ତାନ ସହଯୋଗରେ କରୁଥିଲା ମୁମ୍ବାଇ ଆକ୍ରମଣ ଯୋଜନା



**ନୂଆଦିଲ୍ଲୀ,୭।୭:** ସତ ଉଗାରିଲା ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡଯନ୍ତ୍ରକାରୀ ତହଓ୍ୱୁର ରାଣା । ୨୦୦୫ରୁ ପାକିସ୍ତାନ ସହ ମିଶି ମୁମ୍ବାଇ ଆକ୍ରମଣର ଯୋଜନା କରିଥିଲା। ମୁମ୍ବାଇ କ୍ରାଇମବ୍ରାଞ୍ଚର ଇଣ୍ଟେରଗେସନ ସମୟରେ ଏପରି ବିସ୍ଫୋରକ ବୟାନ ଦେଇଛି ପାକିସ୍ତାନ ଆତଙ୍କବାଦୀ।

ପାକିସ୍ତାନୀ ସେନାର ଜଣେ ବିଶ୍ୱସ୍ତ ଏଜେଣ୍ଟ ଥିବା ମାନିଛି ତହଓ୍ୱୁର । ଏହାସହ ୨୬/ ୧୧ ମୁମ୍ବାଇ ବିସ୍ଫୋରଣ ସମୟରେ ମୁମ୍ବାଇରେ ଉପସ୍ଥିତ ଥିଲା ତହଓ୍ୱୁର । ଏହା ସହିତ ତହଓ୍ୱୁର କହିଛି, ନିଜ ସାଙ୍ଗ ଡେଭିଡ ହେଡଲି ସହ ପାକିସ୍ତାନ ସ୍ଥିତ ଲସ୍କର ଏ ତୋଏବାର ବହୁ ଆତଙ୍କୀ ତାଲିମ ଶିବିରରେ ଟ୍ରେନିଂ ନେଇଥିଲେ ।


କେବଳ ମୁମ୍ବାଇ ନୁହେଁ ଏହା ସହିତ ଦିଲ୍ଲୀ ଏବଂ ଅନ୍ୟ ବଡ଼ ସହରକୁ ଟାର୍ଗେଟ କରିବାରୁ ଯୋଜନା କରାଯାଇଥିଲା ବୋଲି ମାନିଛି। ୨୦୦୮ ରେ ହୋଇଥିବା ମୁମ୍ବାଇ ଆକ୍ରମଣ ପୂର୍ବରୁ ମମ୍ବାଇର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ରେକି କରିଥିଲା ରାଣା । ରାଣା ନିଜ ଇମିଗ୍ରେସନ ବିଜନେସ୍ ମାଧ୍ୟମରେ ହେଡଲିକୁ ଏକ ନକଲି ଅଫିସ ଖୋଲିବାକୁ ମଧ୍ୟ ସାହାଯ୍ୟ କରିଥିଲା । ଯେଉଁ ଅଫିସରେ ମୁମ୍ବାଇ ଆକ୍ରମଣର ସମ୍ପୂର୍ଣ୍ଣ ପ୍ଲାନିଂ କରାଯାଇଥିଲା। ଏବେ ଏନଆଇଏର କଷ୍ଟଡିରେ ଅଛି ତହଓ୍ୱୁର । ୨୦୦୮ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟର ମାଇଣ୍ଡ ଥିଲା ତହଓ୍ୱୁର ରାଣା ଓ ଡେଭିଡ ହେଡଲି । ୪ ଏପ୍ରିଲରେ ଆମେରିକାର ସୁପ୍ରିମକୋର୍ଟ ପ୍ରତ୍ୟର୍ପଣ ବିରୋଧରେ ରାଣାଙ୍କ ସମୀକ୍ଷା ଆବେଦନକୁ ଖାରଜ କରିବା ପରେ ତାକୁ ଏପ୍ରିଲ ୧୦ରେ ଆମେରିକାରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଥିଲା । ଏବେ ମୁମ୍ବାଇରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣ ମାମଲାରେ ତାଙ୍କୁ ପଚରାଉଚରା କରାଯାଉଛି । ମୁମ୍ବାଇ ରାସ୍ତାରେ ଏବଂ ହୋଟେଲ ତାଜରେ ଘଟିଥିବା ଭୟଙ୍କର ରକ୍ତପାତରେ ଅତି କମରେ ୧୬୬ ଜଣଙ୍କର ମୃତ୍ୟୁ ହୋଇଥିଲା ।

# ହିମାଚଳ ପ୍ରଦେଶରେ ବର୍ଷା ଓ ଭୂସ୍ଖଳନରେ ୭୮ ମୃତ



**ଉତ୍ତରାଖଣ୍ଡ,୭।୭:** ଗତ ମାସରେ ହିମାଚଳ ପ୍ରଦେଶରେ ମୌସୁମୀ ଆରମ୍ଭ ହେବା ପରଠାରୁ, ରାଜ୍ୟର ଅନେକ ସ୍ଥାନରେ ବର୍ଷା ତାଣ୍ଡବ ସୃଷ୍ଟି କରିଛି । ହିମାଚଳ ପ୍ରଦେଶ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ପାଗ ସମ୍ବନ୍ଧୀୟ ଘଟଣାରେ ଏପର୍ଯ୍ୟନ୍ତ ରାଜ୍ୟରେ ୭୮ ଜଣଙ୍କର ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ୫୦ ଜଣଙ୍କର ବର୍ଷା ଯୋଗୁଁ ମୃତ୍ୟୁ ହୋଇଛି । ମୌସୁମୀ ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ହିମାଚଳ ପ୍ରଦେଶରେ ସାର୍ବଜନୀନ ସୁବିଧା ଏବେ ବି ବାଧାପ୍ରାପ୍ତ ହୋଇଛି । ହିମାଚଳ ପ୍ରଦେଶରେ ମୌସୁମୀ ସମୟରେ ପାଗ ସମ୍ବନ୍ଧୀୟ ଘଟଣା ଯୋଗୁଁ ମୃତ୍ୟୁ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି । ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ଅନେକ ସ୍ଥାନରେ ବନ୍ୟା, ବାଦଲ ଫଟା ବର୍ଷା, ଭୂସ୍ଖଳନ ଇତ୍ୟାଦି କାରଣରୁ ଲୋକଙ୍କ ମୃତ୍ୟୁ ହୋଇଛି। ଅଧିକାଂଶ ମୃତ୍ୟୁ ମଣ୍ଡିରେ ଘଟିଛି, ଯେଉଁଠାରେ ବାଦଲ ଫଟା ବର୍ଷା, ବନ୍ୟା ଏବଂ ଭୂସ୍ଖଳନର ୧୦ଟି ଘଟଣା ବିରାଟ କ୍ଷୟକ୍ଷତି ଘଟାଇଛି ।୨୦ ଜୁନରେ ହିମାଚଳ ପ୍ରଦେଶରେ ମୌସୁମୀ ଆସିଥିଲା। ସେବେଠାରୁ ପ୍ରଚୁର ବର୍ଷା, ବନ୍ୟା ଏବଂ ଭୂସ୍ଖଳନର ଘଟଣା ନିରନ୍ତର ଦେଖିବାକୁ ମିଳୁଛି । ହିମାଚଳ ପ୍ରଦେଶର ମଣ୍ଡିରେ ହୋଇଥିବା କ୍ଷୟକ୍ଷତି ଉପରେ ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ କହିଛନ୍ତି - ''ମଣ୍ଡି ଏକ ବଡ଼ ସଙ୍କଟରେ ଅଛି, ବାଦଲ ଫଟା ବର୍ଷା, ଅନେକ ସ୍ଥାନରେ ଜଳବନ୍ଦୀ ହୋଇଛି, ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସିରାଜ, ଥୁନାଗ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି କିନ୍ତୁ ପ୍ରଶାସନ କଡ଼ା ନଜର ରଖିଛି, ପ୍ରଭାବିତ ଲୋକଙ୍କ ପାଇଁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି । ଆମର ଦଳ ସବୁଠି ପହଞ୍ଚିଛି । ସିରାଜ, କାରସୋଗରେ କ୍ଷତି ହୋଇଛି ଏବଂ ନାଚନରେ କିଛି ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି, ଆମେ ଏହି ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରିବୁ।'' ହିମାଚଳ ପ୍ରଦେଶରେ ଭୂସ୍ଖଳନ, ଜଳବନ୍ଦୀ ଇତ୍ୟାଦି କାରଣରୁ ସାଧାରଣ ପରିବହନ ମଧ୍ୟ ପ୍ରଭାବିତ ହୋଇଛି । ରାଜ୍ୟରେ ଶହ ଶହ ରାସ୍ତା ବନ୍ଦ ରହିଛି । ଲୋକମାନଙ୍କୁ ଜଳ ଉତ୍ସ ଏବଂ ସମ୍ବେଦନଶୀଳ ଅଞ୍ଚଳରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

# ବ୍ରିକ୍ସ ସହିତ ସାମିଲ ଦେଶ ଉପରେ ଲାଗୁ ହେବ ୧୦% ଶୁଳ୍କ




**ୱାଶିଂଟନ୍,୭।୭:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନ ଶୁଳ୍କ ଲାଗୁ କରିବା ନେଇ ଖୋଲା ଧମକ ଦେଇଛନ୍ତି । ଯାହା ତାଙ୍କର ଏକ ସୋସିଆଲ ମିଡିଆ ଆକାଉଣ୍ଟ ପେଜରେ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି ଯେ, ବ୍ରିକ୍ସରେ ସାମିଲ ହେଉଥିବା ଦେଶଗୁଡ଼ିକ ଉପରେ ୧୦% ଅତିରିକ୍ତ ଶୁଳ୍କ ଲାଗୁ କରାଯିବ । ନିକଟରେ ପ୍ରଧାନମନ୍ତ୍ରୀ ମୋଦି ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାକୁ ବ୍ରାଜିଲରେ ପହଞ୍ଚିଥିଲେ । ଆମେରିକାର ଏପରି ଘୋଷଣା ଭାରତ ପାଇଁ ଚିନ୍ତାର ବିଷୟ ହୋଇପାରେ। ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ମଧ୍ୟ ହୋଇଥିଲା । ସେ କହିଛନ୍ତି ଯେ, ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ଜୁଲାଇ ୯ ତାରିଖ ପୂର୍ବରୁ ବାଣିଜ୍ୟ ଚୁକ୍ତି ପାଇଁ ଘୋଷଣା କରାଯିବ । ଏହି ମାମଲାରେ କୌଣସି ଛାଡ କରାଯିବ ନାହିଁ । ଏହା ଉପରେ ଧ୍ୟାନ ଦେବା ପାଇଁ ଶେଷରେ ସେ ଲେଖିଛନ୍ତି।

# କେରଳ ସରକାରଙ୍କ ଟଙ୍କାରେ ବୁଲୁଥିଲେ ଜ୍ୟୋତି

**ନୂଆଦିଲ୍ଲୀ,୭।୭:** ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ହରିୟାଣାର ଜ୍ୟୋତି ମାଲହୋତ୍ରାଙ୍କୁ ଗିରଫ କରାଯାଇଥିଲା। ଜ୍ୟୋତିଙ୍କ ବିରୋଧରେ ପାକିସ୍ତାନକୁ ଅନେକ ଗୁପ୍ତ ସୂଚନା ପଠାଉଥିବା ଅଭିଯୋଗ ହୋଇଥିଲା। ଏବେ ଏ ସମ୍ପର୍କରେ ଆଉ ଏକ ଆଶ୍ଚର୍ଯ୍ୟଜନକ ସୂଚନା ସାମ୍ନାକୁ ଆସିଛି। ଏକ ରିପୋର୍ଟ ଅନୁଯାୟୀ, କେରଳ ସରକାର ଜ୍ୟୋତିଙ୍କୁ ପ୍ରଚାର କାର୍ଯ୍ୟ ଦାୟିତ୍ୱ ଦେଇଥିଲେ। ସେ କେରଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଟଙ୍କା ପାଉଥିଲେ। ସୂଚନା ଅଧିକାର (ଆର୍‌ଟି ଆର୍‌ଟିଆଇ)ରୁ ଜାଣିବାକୁ ମିଳିଛି ଯେ କେରଳ ସରକାର ଜ୍ୟୋତିଙ୍କୁ ପାଣ୍ଠି ଯୋଗାଇଥିଲେ। ଜ୍ୟୋତିଙ୍କ ସହିତ, ସରକାର ପ୍ରଚାର ପାଇଁ ୪୧ ଜଣ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କୁ ଚୟନ କରିଥିଲେ। ଜ୍ୟୋତିଙ୍କ ସମେତ ଅନ୍ୟ ସମସ୍ତ ଲୋକଙ୍କୁ କେରଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏହି ସମୟରେ, ସେମାନଙ୍କ ରହଣି ଏବଂ ଯାତ୍ରାର ସମସ୍ତ ଖର୍ଚ୍ଚ କେରଳ ସରକାର ବହନ କରିଥିଲେ। ଜ୍ୟୋତି କେରଳ ଯିବା ପରେ ଅନେକ ସ୍ଥାନ ପରିଦର୍ଶନ କରିଥିଲେ। ସେ କୋଚି, ଆଲାପୁଝା, ମୁନ୍ନାର ଏବଂ କୋଝିକୋଡ ଯାଇଥିଲେ। ଏଗୁଡ଼ିକ ପରିଦର୍ଶନ କରିବା ପାଇଁ ବହୁତ ସୁନ୍ଦର ଅଞ୍ଚଳ। ଜ୍ୟୋତି ଏହି ସମୟରେ ଏକ ବ୍ଲଗ ମଧ୍ୟ ସୁଟ କରିଥିଲେ। ଜ୍ୟୋତିଙ୍କ ନ୍ୟାୟିକ ହାଜତକୁ ୧୪ ଦିନ ପାଇଁ ବୃଦ୍ଧି କରାଯାଇଥିଲା। ତାଙ୍କ ପରବର୍ତ୍ତୀ ଶୁଣାଣି ୭ ଜୁଲାଇରେ ହେବ ବୋଲି ଧାର୍ଯ୍ୟ କରାଯାଇଛି। 'ଟ୍ରାଭେଲ ୱିଥ ଜେଓ' ନାମକ ଏକ ୟୁଟ୍ୟୁବ ଚ୍ୟାନେଲ ଚଲାଉଥିବା ଜ୍ୟୋତିଙ୍କୁ ପୋଲିସ ମେ ୧୬ ତାରିଖରେ ଗିରଫ କରିଥିଲା। ତାଙ୍କ ବିରୁଦ୍ଧରେ ଅଫିସିଆଲ ସିକ୍ରେଟ୍ସ ଆକ୍ଟ ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା।



# ବିଶ୍ୱ ଜଳବାୟୁ ଆଲୋଚନାରେ ଅନୁଶାସନ ପାଇଁ ଚେତାବନୀ



**ନୂଆଦିଲ୍ଲୀ,୭।୭:** ପୃଥିବୀ ଜଳବାୟୁ ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଆଡ଼କୁ ଗତି କରୁଥିବା ବେଳେ, ଜର୍ମାନୀର ବନ୍ ରେ ସମ୍ପ୍ରତି ଅନୁଷ୍ଠିତ ଏସ୍‌ବି ୬୨ ଜଳବାୟୁ ଆଲୋଚନାର ଫଳାଫଳ କେବଳ ଏକ ମାଇଲଖୁଣ୍ଟ ନୁହେଁ ବରଂ ବିଶ୍ୱ ଜଳବାୟୁ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ବ୍ୟବସ୍ଥାଗତ ବିଫଳତାର ଏକ ସ୍ପଷ୍ଟ ପ୍ରତିଫଳନ ବୋଲି ପ୍ରମାଣିତ ହୋଇଛି। ୧୬ରୁ ୨୬ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ, ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ଫ୍ରେମୱାର୍କ କନଭେନସନ (ୟୁଏନ୍‌ଏଫ୍‌ସିସିସି) ଅଧୀନରେ ସହାୟକ ସଂସ୍ଥା (ଏସ୍‌ବିଏସ୍‌ଟିଏ ଏବଂ ଏସ୍‌ବିଆଇ)ର 62ତମ ଅଧିବେଶନ ସ୍ପଷ୍ଟ ଭାବେ ଏକ ବୈଷୟିକ ବୈଠକ ଥିଲା, କିନ୍ତୁ ଏହାର ପ୍ରଭାବ ପ୍ରକ୍ରିୟାଗତ ବିତର୍କଠାରୁ ବହୁ ଦୂରରେ ପ୍ରତିଧ୍ୱନିତ ହୋଇଥିଲା। ଏହା ଏକ ବ୍ୟବସ୍ଥାକୁ ପ୍ରକାଶ କରିଛି ଯେଉଁଠାରେ ପ୍ରତିଶ୍ରୁତି ଅନେକ, କିନ୍ତୁ ରାଜନୈତିକ ଇଚ୍ଛାଶକ୍ତି, ଦାୟିତ୍ୱ ଏବଂ ନ୍ୟାୟ ଅତ୍ୟନ୍ତ ବିରଳ। ରେକର୍ଡ ବ୍ରେକିଂ ତାପମାତ୍ରା, ବର୍ଦ୍ଧିତ ଖାଦ୍ୟ ଅସୁରକ୍ଷା ଏବଂ ଭୂରାଜନୈତିକ ଅସ୍ଥିରତାର ପୃଷ୍ଠଭୂମି ବିରୁଦ୍ଧରେ, ୧୯୮ଟି ଦେଶରୁ ୧୦,୦୦୦ ରୁ ଅଧିକ ଅଂଶଗ୍ରହଣକାରୀ ବାକୁରେ ସିଓପି୨୯ର ତ୍ରୁଟିକୁ ସମାଧାନ କରିବା ଏବଂ ବ୍ରାଜିଲର ବେଲେମରେ ସିଓପି୩୦ ପାଇଁ ମୂଳଦୁଆ ସ୍ଥାପନ କରିବା ପାଇଁ ବନ୍ ରେ ଏକତ୍ରିତ ହୋଇଥିଲେ। ତଥାପି, ଆଲୋଚନାର ଶବ୍ଦ ଏବଂ ଜଳବାୟୁ ପରିବର୍ତ୍ତନର ବାସ୍ତବତା ମଧ୍ୟରେ ବଢ଼ୁଥିବା ବ୍ୟବଧାନକୁ ଅଣଦେଖା କରିବା ଅସମ୍ଭବ ହୋଇପଡୁଥିବାରୁ, ଏହା ଫଳରେ କଠୋର କୂଟନୀତି, ନୈତିକତାବାଦୀ ମନୋଭାବ ଏବଂ ତୃଣମୂଳ ସ୍ତରରେ ପ୍ରତିରୋଧର ଏକ ପ୍ରକାଶିତ ମିଶ୍ରଣ ସୃଷ୍ଟି ହେଲା।

# ମହାକାଶରୁ ପୃଥିବୀର ଆକର୍ଷଣୀୟ ଫଟୋ ଉଠାଇଲେ ଶୁଭାଂଶୁ



**ନୂଆଦିଲ୍ଲୀ,୭।୭:** ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳା 'ଆକ୍ସିଅମ୍ ମିଶନ ୪'ରେ ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନ (ଆଇଏସ୍‌ଏସ୍) ଗସ୍ତ କରିଛନ୍ତି । ଶୁଭାଂଶୁ ଏବଂ ତାଙ୍କ ଦଳ ଜୁନ ୨୬ତାରିଖରେ ମହାକାଶ ଷ୍ଟେସନରେ ପହଞ୍ଚି ସେବେଠାରୁ, ଅନେକ ବୈଜ୍ଞାନିକ ଗବେଷଣା କରିଆସୁଛନ୍ତି। ଇତିମଧ୍ୟରେ ସେମାନଙ୍କର କିଛି ଲାଟେଷ୍ଟ ଫଟୋ ସାମ୍ନାକୁ ଆସିଛି, ଯେଉଁଥିରେ ମହାକାଶଚାରୀମାନେ କୁପୋଲା ୱିଣ୍ଡୋରୁ ପୃଥିବୀର ସୁନ୍ଦର ଫଟୋ କ୍ଲିକ୍ କରିଛନ୍ତି।

# ଚୀନକୁ ଝଟକା, ଦଲାଇ ଲାମାଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦି



**ନୂଆଦିଲ୍ଲୀ/ବେଜିଂ,୭।୭:** ଚାଇନାକୁ ପୁଣିଥରେ ବଡ଼ ଝଟକା ଲାଗିଛି। ସୋମବାର ଚାଇନା କହିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କୁ ତାଙ୍କ ୯୦ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ଏବଂ ଉତ୍ସବରେ ଭାରତୀୟ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ଭାରତ ନିକଟରେ ପ୍ରତିବାଦ ଜଣାଉଛି। ଚାଇନାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ ଏଠାରେ ଏକ ଗଣମାଧ୍ୟମ ବ୍ରିଫିଂରେ କହିଛନ୍ତି ଯେ ତିବ୍ବତ ସମ୍ବନ୍ଧୀୟ ପ୍ରସଙ୍ଗରେ ଚାଇନା ସ୍ଥିତି ସ୍ଥିର ଏବଂ ସ୍ପଷ୍ଟ ଏବଂ ସମସ୍ତଙ୍କ ସମ୍ମୁଖରେ ଅଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦଲାଇ ଲାମାଙ୍କୁ ତାଙ୍କ ୯୦ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ଏବଂ ତାଙ୍କ ଜନ୍ମଦିନ ଉତ୍ସବରେ ବରିଷ୍ଠ ଭାରତୀୟ ଅଧିକାରୀଙ୍କ ଉପସ୍ଥିତି ସମ୍ପର୍କରେ ପ୍ରଶ୍ନର ଉତ୍ତର ମାଓ ଦେଇଥିଲେ। ମାଓ ଅଭିଯୋଗ କରିଛନ୍ତି ଯେ ୧୪ତମ ଦଲାଇ ଲାମା ଜଣେ ରାଜନୈତିକ ନିର୍ବାସିତ। ସେ ଦୀର୍ଘ ସମୟ ଧରି ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପରେ ଜଡିତ ଅଛନ୍ତି ଏବଂ ଧର୍ମର ଆବରଣରେ ଜିଜାଙ୍ଗକୁ ଚାଇନାରୁ ପୃଥକ କରିବାକୁ ଚେଷ୍ଟା କରୁଛନ୍ତି। ଏହା ଉଲ୍ଲେଖନୀୟ ଯେ ଚାଇନା ତିବ୍ବତକୁ ଜିଜାଙ୍ଗ ବୋଲି କହୁଛି। ସେ କହିଛନ୍ତି, 'ଭାରତ ଜିଜାଙ୍ଗ ସହିତ ଜଡିତ ପ୍ରସଙ୍ଗଗୁଡ଼ିକର ସମ୍ବେଦନଶୀଳତାକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ଉଚିତ ଏବଂ ଚତୁର୍ଦ୍ଦଶ ଦଲାଇ ଲାମାଙ୍କ ବିଚ୍ଛିନ୍ନତାବାଦୀ ବିରୋଧୀ ସ୍ୱଭାବକୁ ଚିହ୍ନିବା ଉଚିତ ଏବଂ ଜିଜାଙ୍ଗ ସହିତ ଜଡିତ ପ୍ରସଙ୍ଗରେ ଚାଇନା ପ୍ରତି ଏହାର ପ୍ରତିବଦ୍ଧତାକୁ ସମ୍ମାନ କରିବା ଉଚିତ।'

# ବଦଳିବ ନୂଆଦିଲ୍ଲୀ ରେଳ ଷ୍ଟେସନର ନାମ




**ନୂଆଦିଲ୍ଲୀ,୭।୭:** ନୂଆଦିଲ୍ଲୀ ରେଲୱେ ଷ୍ଟେସନର ନାମ ପରିବର୍ତ୍ତନ କରିବା ଦାବି ଏବେ ତୀବ୍ର ହୋଇଛି। କିଛି ଦିନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପୁରୁଣା ଦିଲ୍ଲୀ ରେଳ ଷ୍ଟେସନର ନାମ ପରିବର୍ତ୍ତନ କରି 'ମହାରାଜା ଅଗ୍ରସେନ ରେଳ ଷ୍ଟେସନ' କରିବାକୁ ଦାବି କରିଥିଲେ । ଏବେ ଚାନ୍ଦନୀ ଚୌକର ବିଜେପି ସାଂସଦ ପ୍ରବୀଣ ଖଣ୍ଡେଲୱାଲ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଚିଠି ଲେଖି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନୂଆଦିଲ୍ଲୀ ରେଳ ଷ୍ଟେସନର ନାମ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପୂର୍ବରୁ ମଧ୍ୟ ଦିଲ୍ଲୀ ଜଙ୍କସନକୁ ମହାରାଜା ଅଗ୍ରସେନ ରେଳ ଷ୍ଟେସନ ନାମକରଣ କରିବାକୁ ସମର୍ଥନ କରିଥିଲେ।

ଚାନ୍ଦିନୀ ଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପତ୍ର ଲେଖି ନୂଆଦିଲ୍ଲୀ ରେଳ ଷ୍ଟେସନର ନାମ ''ଅଟଳ ବିହାରୀ ବାଜପେୟୀ ରେଳ ଷ୍ଟେସନ'' କରିବା ପାଇଁ ଦାବି କରିଛନ୍ତି । ସେ ଏହାକୁ ଦେଶର ରାଜଧାନୀରେ ଭାରତ ରତ୍ନ ଅଟଳ ଜୀଙ୍କ ସ୍ମୃତିକୁ ଅମର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଭାବପ୍ରବଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି । ଅନ୍ୟପକ୍ଷରେ, ସେ ଦିଲ୍ଲୀ ଜଙ୍କସନ ରେଳ ଷ୍ଟେସନର ନାମ ମହାରାଜା ଅଗ୍ରସେନ ରେଳ ଷ୍ଟେସନ କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି । ଖଣ୍ଡେଲୱାଲ କହିଛନ୍ତି ଯେ, ସେ ଏହି ସମ୍ପର୍କରେ ଖୁବ୍ ଶୀଘ୍ର ରେଳମନ୍ତ୍ରୀ ବୈଷ୍ଣବଙ୍କୁ ଭେଟିବେ ଏବଂ ସଂସଦର ଆଗାମୀ ଅଧିବେଶନରେ ଏହି ପ୍ରସଙ୍ଗ ସଂସଦରେ ମଧ୍ୟ ଉଠାଇବେ । ଖଣ୍ଡେଲୱାଲ ରେଳମନ୍ତ୍ରୀ ବୈଷ୍ଣବଙ୍କୁ ତାଙ୍କ ଚିଠିରେ ଲେଖିଛନ୍ତି ଯେ, ନୂଆଦିଲ୍ଲୀ ରେଳ ଷ୍ଟେସନ ଦେଶର ସବୁଠାରୁ ମୁଖ୍ୟ, ବ୍ୟସ୍ତବହୁଳ ଏବଂ ଐତିହାସିକ ରେଳ ଷ୍ଟେସନ, ଯାହା ରାଜଧାନୀର ପ୍ରବେଶ ପଥ ଭାବରେ କାର୍ଯ୍ୟ କରେ । ଏହାକୁ ଅଟଳ ଜୀଙ୍କ ଭଳି ଜଣେ ମହାନ ନେତାଙ୍କ ନାମରେ ନାମିତ କରିବା କେବଳ ଉପଯୁକ୍ତ ହେବ ନାହିଁ ବରଂ ଦିଲ୍ଲୀ ଏବଂ ଦେଶର ନାଗରିକଙ୍କ ଭାବନାକୁ ମଧ୍ୟ ସମ୍ମାନ କରିବ ।

# ପ୍ରବଳ ବର୍ଷା ଯୋଗୁଁ ବନ୍ଦ ହେଲା କେଦାରନାଥ ଯାତ୍ରା




**ଉତ୍ତରାଖଣ୍ଡ,୭।୭:** ପ୍ରବଳ ବର୍ଷାରେ ବେହାଲ ହୋଇପଡିଛି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଭଳି ରାଜ୍ୟ। ପ୍ରବଳ ବର୍ଷା ଯୋଗୁଁ କେଦାରନାଥ ଯାତ୍ରା ବନ୍ଦ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ଯାତ୍ରୀଙ୍କୁ ସୋନପ୍ରୟାଗ ଏବଂ ଗୌରୀକୁଣ୍ଡରେ ଅଟକାଯାଇଛି। ପାଣିପାଗ ବିଭାଗ ଆଜି ରୁଦ୍ରପ୍ରୟାଗ ଏବଂ ଚାମୋଲି ଜିଲ୍ଲା ପାଇଁ ପ୍ରବଳ ବର୍ଷା ହେବାର ସତର୍କତା ଜାରି କରିଛି । ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଏବଂ ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଅଳକନନ୍ଦା ନଦୀର ଜଳସ୍ତର ବୃଦ୍ଧି ପାଇଛି । ତଥାପି, ନଦୀ ଏବେ ବି ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ଭୂସ୍ଖଳନ ପରେ ବଦ୍ରିନାଥକୁ ଯିବା ରାସ୍ତା ମଧ୍ୟ ବନ୍ଦ ହୋଇଯାଇଛି । ଗୌରୀକୁଣ୍ଡରେ ରାସ୍ତା ସଫା କାର୍ଯ୍ୟ ଜାରି ରହିଛି, ଯାହା ଦ୍ୱାରା ଯାତ୍ରା ଶୀଘ୍ର ଆରମ୍ଭ ହୋଇପାରିବ। ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଜାରି ରହିଛି । ଏହି କାରଣରୁ ଭୂସ୍ଖଳନର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ନିକଟରେ ପ୍ରବଳ ବର୍ଷା ଯୋଗୁଁ ସୋନପ୍ରୟାଗରେ ଭୂସ୍ଖଳନ ହୋଇଥିଲା, ଯେଉଁଥିରେ କେଦାରନାଥରୁ ଫେରୁଥିବା ୪୦ ରୁ ଅଧିକ ଶ୍ରଦ୍ଧାଳୁ ଫସି ଯାଇଥିଲେ । ଏସଡିଆରଏଫ ଟିମ୍ ସୋନପ୍ରୟାଗ ଭୂସ୍ଖଳନ ଅଞ୍ଚଳ ନିକଟରେ ଫସି ରହିଥିବା ୪୦ ଜଣ ଶ୍ରଦ୍ଧାଳୁଙ୍କୁ ସଫଳତାର ସହ ଉଦ୍ଧାର କରିଛି।

# ତାଣ୍ଡବ ରଚିଲା ଡାନାସ, ୨ ମୃତ, ୫୦୦ ଆହତ

**ନୂଆଦିଲ୍ଲୀ,୭।୭:** ତାଇଓ୍ୱାନରେ ମାଡ଼ ହେଲା ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ଡାନାସ । ଆଇଲାଣ୍ଡର ଘନ ଜନବସତି ବିଶିଷ୍ଟ ପଶ୍ଚିମ ଉପକୂଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୫୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ରବିବାର ବିଳମ୍ବିତ ରାତିରେ ପଶ୍ଚିମ ଉପକୂଳରେ ଟାଇଫୁନ୍ ସ୍ଥଳଭାଗ ଛୁଇଁଥିଲା । ୧୪୪ କିଲୋମିଟର ବେଗରେ ପବନ ବହିଥିଲା । ଡାନାସ୍ ଯୋଗୁଁ ୫,୮୦,୦୦୦ରୁ ଅଧିକ ପରିବାର ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି । ତାଇଓ୍ୱାନର ଦକ୍ଷିଣ ଏବଂ କେନ୍ଦ୍ରୀୟ ଅଂଶରେ ସ୍କୁଲ ଏବଂ ଅଫିସ୍ ବନ୍ଦ ରହିଛି। ଜାତୀୟ ଅଗ୍ନିଶମ ସଂସ୍ଥା ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ସହର ତାଇଓ୍ୱାନରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି । ଜଣଙ୍କ ଉପରେ ଗଛରେ ପଡ଼ିବା ଯୋଗୁଁ ମୃତ୍ୟୁ ହୋଇଥିଲା । ସେହିପରି ଅନ୍ୟ ଜଣଙ୍କର ବିଦ୍ୟୁତ ଅଭାବରୁ ଭେଣ୍ଟିଲେଟର ଖରାପ ହୋଇଯିବାରୁ ମୃତ୍ୟୁ ହୋଇଥିଲା ।

# 'ଏକ ଦେଶ ଏକ ନିର୍ବାଚନ'କୁ କିଛି ସମର୍ଥନ, କିଛି ବିରୋଧ



**ନୂଆଦିଲ୍ଲୀ,୭।୭:** ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭାଗୁଡ଼ିକର ଭୋଟ ଏକସଙ୍ଗେ କରାଇବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ଭାରତର ୩ ଜଣ ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) କିଛି ସମର୍ଥନ କରିଥିବାବେଳେ ଏଥିରେ ଥିବା କେତେକ ପ୍ରସଙ୍ଗକୁ ବିରୋଧ ମଧ୍ୟ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବ ସିଜେଆଇମାନେ 'ଏକ ଦେଶ ଏକ ନିର୍ବାଚନ' ସମ୍ପର୍କିତ ବିଲ୍ ଉପରେ ଅନୁଧ୍ୟାନ ପାଇଁ ଗଢ଼ାଯାଇଥିବା ସଂସଦୀୟ କମିଟିକୁ ନିଜ ନିଜର ମତ ଜଣାଇଦେଇଛନ୍ତି। ତେବେ ଏଥିରେ ନିର୍ବାଚନ କମିଶନ(ଇସି)ଙ୍କୁ ପ୍ରଦତ୍ତ କ୍ଷମତା ସମେତ ବିଭିନ୍ନ ଦିଗକୁ ନେଇ ଚିନ୍ତା ପ୍ରକଟ କରିବା ସହ ଏକାଧିକ ପ୍ରସ୍ତାବ ଦେଇଛନ୍ତି। ପୂର୍ବତନ ସିଜେଆଇ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଯୁଗ୍ମ ସଂସଦୀୟ କମିଟିରେ ମତାମତ ଦାଖଲ କରିଛନ୍ତି। ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଏକସଙ୍ଗେ କରାଗଲେ ସମ୍ବିଧାନର ମୌଳିକ ଢାଞ୍ଚାଗତ ସିଦ୍ଧାନ୍ତର ଉଲ୍ଲଂଘନ ହେବ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ କରାଯାଇଥିବା ସମାଲୋଚନାକୁ ସେ ଖଣ୍ଡନ କରିଦେଇଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନ ପୃଥକ୍ ଭାବେ କରାଯିବ ବୋଲି ସମ୍ବିଧାନରେ ବାଧ୍ୟତାମୂଳକ କରାଯାଇ ନ ଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ତେବେ ପ୍ରସ୍ତାବିତ ସାମ୍ବିଧାନିକ ସଂଶୋଧନ ଆଇନରେ ଇସିଙ୍କୁ ଯେଉଁ କ୍ଷମତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି ତାକୁ ନେଇ ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇ ଉଠାଇଥିବା ପ୍ରଶ୍ନ ସହ ଚନ୍ଦ୍ରଚୂଡ଼ ସହମତି ପ୍ରକାଶ କରିଛନ୍ତି। ଇସିଙ୍କୁ ଏଭଳି ନିରଙ୍କୁଶ କ୍ଷମତା ପ୍ରଦାନ ଫଳରେ କମିଶନ ଏକକାଳୀନ ନିର୍ବାଚନ କରାଇବା ଆଳରେ କୌଣସି ବିଧାନସଭାର କାର୍ଯ୍ୟକାଳ ହ୍ରାସ କିମ୍ବା ବୃଦ୍ଧି କରାଇବା ବ୍ୟବହାରିକ ନୁହେଁ। ଇସିଆଇ କେଉଁ ପରିସ୍ଥିତିରେ ଏହି କ୍ଷମତା ପ୍ରୟୋଗ କରିପାରିବେ ତାହା ସମ୍ବିଧାନ ସ୍ପଷ୍ଟ କରିବା ଜରୁରୀ ବୋଲି ଚନ୍ଦ୍ରଚୂଡ଼ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାଜପା ଏମ୍‌ପି ପି.ପି. ଚୌଧରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ଜେ.ଏସ୍. ଖେହର ଜୁଲାଇ ୧୧ରେ ଉପସ୍ଥିତ ହୋଇ ବିଲ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ। ପ୍ୟାନେଲ ସଦସ୍ୟମାନଙ୍କ ପ୍ରଶ୍ନ ଉପରେ ନିଜ ନିଜ ମତାମତ ରଖିବେ। ଏହା ପୂର୍ବରୁ ୨ ପୂର୍ବତନ ସିଜେଆଇ ୟୁ.ୟୁ. ଲଳିତ ଏବଂ ରଞ୍ଜନ ଗୋଗୋଇ ଯଥାକ୍ରମେ ୨୦୨୫ ଫେବୃଆରୀ ଓ ମାର୍ଚ୍ଚରେ ଉକ୍ତ କମିଟି ସମ୍ମୁଖରେ ହାଜର ହୋଇସାରିଛନ୍ତି।

# ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ, ୩ ସୈନିକଙ୍କ ମୃତ୍ୟୁ



**ଇସ୍‌ଲାମାବାଦ,୭।୭ :** ପାକିସ୍ତାନର ବିଭିନ୍ନ ପ୍ରଦେଶରେ ଲଗାତାର ଆତଙ୍କବାଦୀ ଆକ୍ରମଣ ହେଉଛି । ଏଥି ସହ ସୈନିକ ଏବଂ ସାଧାରଣ ଲୋକ ନିହତ ମଧ୍ୟ ହେଉଛନ୍ତି । ପାକିସ୍ତାନରେ ବସିଥିବା ଆତଙ୍କବାଦୀମାନେ ନିରନ୍ତର ପାକିସ୍ତାନୀ ସେନା କର୍ମଚାରୀଙ୍କୁ ହତ୍ୟା କରୁଛନ୍ତି । ଏବେ, ଉତ୍ତର-ପଶ୍ଚିମ ଖାଇବର ପଖ୍ତୁନଖ୍ୱା ପ୍ରଦେଶରେ, ପାକିସ୍ତାନୀ ତାଲିବାନ ଆତଙ୍କବାଦୀମାନେ ପାକିସ୍ତାନର ଅର୍ଦ୍ଧସାମରିକ ବାହିନୀର ତିନି ଜଣ ସୈନିକଙ୍କୁ ହତ୍ୟା କରିଛନ୍ତି । ସୂଚନା ଅନୁଯାୟୀ, ପାକିସ୍ତାନୀ ତାଲିବାନର ଆତଙ୍କବାଦୀମାନେ ତିନି ଜଣ ଅର୍ଦ୍ଧସାମରିକ ବାହିନୀ ସୈନିକଙ୍କୁ ଦୁଇ ଦିନ ଧରି ବନ୍ଧକ ରଖିଥିବା ଅଭିଯୋଗ ହୋଇଛି । ଏହା ପରେ ଆତଙ୍କବାଦୀମାନେ ସୈନିକମାନଙ୍କୁ ହତ୍ୟା କରିଥିଲେ । ରବିବାର ସ୍ଥାନୀୟ ପୋଲିସ ପକ୍ଷରୁ ଏହି ସୂଚନା ଜାରି କରାଯାଇଛି । ପୋଲିସ କହିଛି ଯେ ପାହାଡ଼ି ଅଞ୍ଚଳରେ ତିନି ଜଣ ଅର୍ଦ୍ଧସାମରିକ ବାହିନୀ ସୈନିକଙ୍କ ମୃତଦେହ ମିଳିଛି।

# ସେପ୍ଟେମ୍ବରରୁ ଓସିଏ ପ୍ରୋ ଟ୍ୱେଣ୍ଟି-୨୦ ଲିଗ୍

**କଟକ, ୭।୭ (ସଂଚାର ବ୍ୟୁରୋ):** ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ଫ୍ରାଞ୍ଚାଇଜ୍ ଆଧାରିତ ଟ୍ୱେଣ୍ଟି-୨୦ ପ୍ରତିଯୋଗିତା 'ଓଡ଼ିଶା ପ୍ରୋ ଟ୍ୱେଣ୍ଟି-୨୦ ଲିଗ୍ (ଓପିଟିଏଲ୍)' ଚଳିତ ବର୍ଷ ସେପ୍ଟେମ୍ବର ମାସରୁ ଆରମ୍ଭ ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬ଟି ଦଳ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାର

**ଭାଗନେବେ ୬ ଦଳ**

**ଫ୍ରାଞ୍ଚାଇଜ୍ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ**



ସଫଳ ପରିଚାଳନା ପାଇଁ ଆରିଭା ସ୍ପୋର୍ଟସ୍ ସହିତ ସହଭାଗିତାରେ 'ଓସିଏ' କାର୍ଯ୍ୟ କରିବ। ଆରିଭା ସ୍ପୋର୍ଟସ୍ ପୂର୍ବରୁ ପଶ୍ଚିମବଙ୍ଗ, ବିଦର୍ଭ ଓ ସୌରାଷ୍ଟ୍ରରେ ଏହି ଭଳି ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିଥିବାରୁ 'ଓସିଏ' ଏହାକୁ ସହଯୋଗୀ ଭାବେ ଗ୍ରହଣ କରିଛି। ଆରିଭା ସ୍ପୋର୍ଟସ ସହପ୍ରତିଷ୍ଠାତା ରଜନୀଶ ଚୋପ୍ରା କହିଛନ୍ତି, 'ଓସିଏ' ପକ୍ଷରୁ ଓଡ଼ିଶାରେ ଅନୁଷ୍ଠିତ ଏଭଳି ପ୍ରତିଯୋଗିତା ଭବିଷ୍ୟତରେ ରାଜ୍ୟ କ୍ରିକେଟ୍ ବିକାଶର ମାଇଲଖୁଣ୍ଟ ସାଜିବ। ରାଜ୍ୟରେ ତୃଣମୂଳସ୍ତରରୁ କ୍ରିକେଟ୍ର ବିକାଶ, କ୍ରିକେଟ୍ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ସହ ଖେଳାଳିଙ୍କୁ ଉଚ୍ଚସ୍ତରୀୟ ପ୍ରତିଯୋଗିତା ଯୋଗାଇବା 'ଓପିଟିଏଲ୍'ର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି 'ଓସିଏ' ସଂପାଦକ ସଞ୍ଜୟ ବେହେରା। ପ୍ରଥମ ଥର ପାଇଁ ହେବାକୁ ଥିବା 'ଓପିଟିଏଲ୍'କୁ ସଫଳ କରିବା ପାଇଁ ଓସିଏ ଆପେକ୍ସ କାଉନସିଲ୍ ବୈଠକରେ ଶ୍ରୀ ବେହେରା କହିଲେ ଯେ, 'ଓପିଟିଏଲ୍'ର ସଫଳ ରୂପାୟନ ଦ୍ୱାରା ଓଡ଼ିଶା କ୍ରିକେଟ୍ରେ ସକାରାତ୍ମକ ପରିବର୍ତ୍ତନ ଘଟିବା ସହ ରାଜ୍ୟରେ ଉଚ୍ଚ ପ୍ରତିଭା ସଂପନ୍ନ କ୍ରିକେଟ୍ ଖେଳାଳି ସୃଷ୍ଟି ହେବେ। ଏହି ବୈଠକରେ 'ଓସିଏ' ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମସଂପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି ଓ ଗୀତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି 'ଓପିଟିଏଲ୍'ର ସଫଳ ଆୟୋଜନ ପାଇଁ ଆଲୋଚନା କରିଥିଲେ। 'ଓପିଟିଏଲ୍'କୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରିତା କରିବା ପାଇଁ ଓସିଏ ବିଭିନ୍ନ ସଂଗଠନ ବା ସଂସ୍ଥାମାନେ ଫ୍ରାଞ୍ଚାଇଜ୍ ନେବାକୁ ଆଗେଇ ଆସିବାକୁ ଆମନ୍ତ୍ରଣ କରିଛି। ଫ୍ରାଞ୍ଚାଇଜ୍ ରାଇଟ୍ ପାଇବା ପାଇଁ ଜୁଲାଇ ୭ରୁ ଜୁଲାଇ ୧୩ ତାରିଖ ପର୍ଯ୍ୟନ୍ତ 'ଓସିଏ' ଓ୍ୱେବସାଇଟ୍ www.odishacricket.in ରେ ସମସ୍ତ ତଥ୍ୟ ଉପଲବ୍ଧ ହେବ। ଆଗ୍ରହୀ ସଂସ୍ଥାମାନେ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ ଗାଇଡଲାଇନ୍ ଅନୁସାରେ ଆବେଦନ କରିବେ ଓ ଯୋଗ୍ୟତା ଆଧାରରେ ଫ୍ରାଞ୍ଚାଇଜ୍ ରାଇଟ୍ ପ୍ରଦାନ କରାଯିବ। ପ୍ରତିଯୋଗିତାର କାର୍ଯ୍ୟସୂଚୀ, ଦଳ ଗଠନ ଓ ବ୍ୟବସାୟିକ ସହଯୋଗିତା ବିଷୟରେ ପରବର୍ତ୍ତୀ ସମୟରେ 'ଓସିଏ' ପକ୍ଷରୁ ପ୍ରକାଶ କରାଯିବ ବୋଲି ଆପେକ୍ସ କାଉନସିଲ୍ ବୈଠକରେ ଚୂଡ଼ାନ୍ତ ହୋଇଛି।



## ସାଙ୍ଗମାନଙ୍କ ସହିତ ଜନ୍ମଦିନ ପାଳନ କଲେ କ୍ୟାପଟେନ୍ କୁଲ୍

**ନୂଆଦିଲ୍ଲୀ, ୭।୭:** ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ କ୍ୟାପଟେନ୍ କୁଲ୍ ୪୪ ତମ ଜନ୍ମଦିନ ପାଳନ କରିଛନ୍ତି। ଧୋନି ନିଜର ୪୪ ତମ ଜନ୍ମଦିନକୁ ଖାସ୍ ଅନ୍ଦାଜରେ ପାଳନ କରିଛନ୍ତି। ଧୋନି ନିଜ ସାଙ୍ଗମାନଙ୍କ ସହିତ କେକ୍ କାଟୁଥିବାର ଭିଡିଓ ଭାଇରାଲ ହେଉଛି। ମାହିଙ୍କ ଜନ୍ମଦିନରେ ପ୍ରଶଂସକ ଓ କ୍ରିକେଟପ୍ରେମୀ ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି। ଆଇପିଏଲକୁ ଛାଡ଼ି ଅନ୍ୟ ସବୁ କ୍ରିକେଟ୍ ଫର୍ମାଟରୁ ଅବସର ନେଇ ସାରିଛନ୍ତି ଧୋନି।

୨୦୦୭ ଟି-୨୦ ୱାର୍ଲ୍ଡ କପ୍ ଓ ୨୦୧୧ ଦିନିକିଆ ୱାର୍ଲ୍ଡ କପ୍ ଟିମ୍କୁ ନେତୃତ୍ୱ ଦେଇଥିଲେ ଏମଏସ୍ ଧୋନି। ତାଙ୍କ ନେତୃତ୍ୱରେ ଭାରତ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ମଧ ଜିତିଥିଲା। କ୍ରିକେଟ ପାଇଁ ଅବଦାନ ଯୋଗୁ ତାଙ୍କୁ ଏହି ସମ୍ମାନ ମିଳିଛି। ୧୬ ବର୍ଷର ଅନ୍ତର୍ଜାତୀୟ କ୍ୟାରିଅରରେ ଧୋନି ୫୩୮ଟି ମ୍ୟାଚ ଖେଳି ୧୭ ହଜାର ୨୬୬ ରନ କରିଛନ୍ତି।

## ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ପୁରସ୍କାର ଦୌଡ଼ରେ ଦୀପିକାଙ୍କ ଗୋଲ୍



**ନୂଆଦିଲ୍ଲୀ, ୭।୭:** ଭାରତୀୟ ମହିଳା ହକି ଦଳର ପୁରୋଭାଗ ଖେଳାଳି ଦୀପିକାଙ୍କ ଏକ ଗୋଲ୍ ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ପୁରସ୍କାର ଲାଗି ମନୋନୀତ ହୋଇଛି। ୨୦୨୪-୨୫ ଏଫଆଇଏଚ୍ ପ୍ରୋ ଲିଗ୍ ଋତୁରେ ଦୀପିକା ବିଶ୍ୱର ଏକ ନମ୍ବର ନେଦରଲାଣ୍ଡସ ବିପକ୍ଷରେ ଏକାକୀ ଦେଇଥିବା ଏକ ସୁନ୍ଦର ଫିଲ୍ଡ ଗୋଲ୍ ଯୋଗୁଁ ଦୀପିକା ଏହି ପୁରସ୍କାର ଦୌଡ଼ରେ ଅଛନ୍ତି। ପ୍ରୋ ଲିଗ୍ ପକ୍ଷରୁ ପୁରସ୍କାର ଲାଗି ଶୁକ୍ରବାର ପ୍ରକାଶିତ ମନୋନୀତ ଖେଳାଳିଙ୍କୁ ଭୋଟ୍ ଦେବାର ଶେଷ ସମୟ ଚଳିତ ମାସ ୧୪ ତାରିଖ ଭୋର୍ ୩.୨୯ (ଭାରତୀୟ ସମୟ) ରହିଛି। ଭୋଟିଂ ଶେଷ ପରେ ବିଜେତାଙ୍କ ନାଁ ଘୋଷଣା କରାଯିବ। ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ପୁରସ୍କାର ବିଜେତା ବିଶ୍ୱର ହକି ସମସ୍ତ ପ୍ରଶଂସକମାନେ ବାଛିବେ। ମନୋନୀତ ହୋଇଥିବା ଦୀପିକାଙ୍କ ଏହି ଗୋଲ୍ ଚଳିତ ବର୍ଷ ଫେବ୍ରୁଆରିରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ରେ କରିଥିଲେ। ନେଦରଲାଣ୍ଡ୍ସ ବିପକ୍ଷ ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୨-୨ରେ ଅମୀମାଂସିତ ହେବା ପରେ ଭାରତ ସୁଟ୍ଆଉଟ୍ରେ ଜିତିଥିଲା। ଭାରତ ୦-୨ରେ ପଛୁଆ ଥିଲା ବେଳେ ଦୀପିକା ୩୫ତମ ମିନିଟ୍ରେ ଏହି ଚମତ୍କାର ଗୋଲ୍ଟି ଦେଇଥିଲେ। ଦୀପିକାଙ୍କ ସହ ଏହି ପୁରସ୍କାର ଦୌଡ଼ରେ ସ୍ପେନ୍ର ପାଟ୍ରିସିଆ ଅଲ୍ଭାରେଜ ଏବଂ ଅଷ୍ଟ୍ରେଲିଆ ମହିଳା ହକି ଦଳ।

## ସେମିରେ ହାରିଲେ ଶ୍ରୀକାନ୍ତ

**ଓଣ୍ଟାରିଓ, ୭।୭:** କାନାଡା ଓପନ୍ ସୁପର ୩୦୦ ବ୍ୟାଡ୍ମିଣ୍ଟନ୍ ସେମିଫାଇନାଲ୍ରେ ଭାରତର କିଦାମ୍ବି ଶ୍ରୀକାନ୍ତ ହାରି ଯାଇଛନ୍ତି। ଫଳରେ ଏଠାରେ ଭାରତୀୟଙ୍କ ଅଭିଯାନ ଶେଷ ହୋଇଛି। ଜାପାନର କେଣ୍ଟା ନିଶିମୋଟୋଙ୍କ ବିପକ୍ଷ ଏହି ମୁକାବିଲାରେ ପୂର୍ବତନ ବିଶ୍ୱ ରୌପ୍ୟ ପଦକ ବିଜେତା ଶ୍ରୀକାନ୍ତ କଡ଼ା ଟକ୍କର ଦେଇଥିଲେ। ଶେଷରେ କିନ୍ତୁ ୨୧-୧୯, ୧୪-୨୧, ୧୮-୨୧ ସେଟ୍ରେ ହାରି ବିଦାୟ ନେଇଥିଲେ। ପ୍ରଥମ ସେଟ୍କୁ ୨ ପଏଣ୍ଟ୍ ବ୍ୟବଧାନରେ ଜିତି ଜମ୍ଦାର ଆରମ୍ଭ କରିଥିଲେ ମଧ ପରବର୍ତ୍ତୀ ଦୁଇ ସେଟ୍କୁ ୭ ଓ ୩ ପଏଣ୍ଟ୍ ବ୍ୟବଧାନରେ ହାରି ଫାଇନାଲ୍ ଖେଳିବାର ସୁଯୋଗ ହାତଛଡ଼ା କରିଥିଲେ ସେ। ତେବେ ଏହି ମ୍ୟାଚ୍କୁ ଜିତିବାକୁ ନିଶିମୋଟୋଙ୍କୁ ୭୮ ମିନିଟ୍ କାଳ ଲଢ଼ିବାକୁ ପଡ଼ିଥିଲା।

## ଜୋକୋଭିକ୍ଙ୍କ ଶତକୀୟ ବିଜୟ

**ଲଣ୍ଡନ, ୭।୭:** ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତା 'ୱିମ୍ବଲଡନ୍'ର ଅଲ୍ ଇଂଲଣ୍ଡ ଲନ୍ରେ ୭ଥର ବିଜେତା ସର୍ବିୟାର ନୋଭାକ ଜୋକୋଭିକ୍ ଶତକୀୟ ଏକକ ବିଜୟ ହାସଲ କରିଛନ୍ତି। ୨୫ତମ ଗ୍ରାଣ୍ଡସ୍ଲାମ୍ ବିଜୟ ଲକ୍ଷ୍ୟରେ ଥିବା ଏହି ମହାନ କ୍ରୀଡ଼ା ତାରକା ଚଳିତ ୱିମ୍ବଲଡନ୍ର ତୃତୀୟ ରାଉଣ୍ଡ୍ରେ ନିଜ ଦେଶର ମିଲୋମିର କେକମାନୋଭିକଙ୍କୁ ସିଧାସଳଖ ୬-୩, ୬-୦, ୬-୪ ସେଟ୍ରେ ପରାସ୍ତ କରି ଏହି

### ୱିମ୍ବଲଡନ୍ ଓପନ୍

ନିଆରା ରେକର୍ଡ କରିଛନ୍ତି। ଏଭଳି କରିବାରେ ଆମେରିକାର କିଂବଦନ୍ତି ମହିଳା ଟେନିସ୍ ତାରକା ମାର୍ଟିନା ନାଭ୍ରାତିଲୋଭା ଓ ସ୍ୱିଜରଲାଣ୍ଡର ସଫଳତମ ଟେନିସ୍ ଖେଳାଳି ରୋଜର ଫେଡେରରଙ୍କ ସହ ସମକକ୍ଷ ହୋଇଛନ୍ତି। ଏହି ରେକର୍ଡ ଛୁଇଁବା ପରେ ୩୮ବର୍ଷୀୟ ଜୋକୋଭିକ କହିଛନ୍ତି, ଏହି ଐତିହାସିକ ମାଇଲ୍ଖୁଣ୍ଟ ଛୁଇଁ ବହୁତ ଖୁସି ଲାଗୁଛି। ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ। ଏଭଳି ଏକ ସ୍ଥିତିରେ ଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ଟେନିସ୍ ମୋତେ ସବୁକିଛି ଦେଇଛି। ଏହା ମୋତେ ଆହୁରି ଭଲ କରିବା ଲାଗି ପ୍ରେରଣା ଦେଇଛି। ନିଜ ୭ବର୍ଷୀୟ ଝିଅ ତାରାର ଉପସ୍ଥିତିରେ ଏଭଳି ଏକ ରେକର୍ଡ କରିବା ନୋ କୋଭିକଙ୍କୁ ଅଧିକ ଉଲ୍ଲସିତ କରିଛି। ତାରା ମଧ ମ୍ୟାଚ୍ ସାରା ପିତାଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ଏଥିଲାଗି ସେ ହିଁ ଅଲ୍ ଇଂଲଣ୍ଡ ଲନ୍ରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସେହିଭଳି ରୁଷିଆର ସପ୍ତଦଶ ସିଡ୍ ଖେଳାଳି କାରେନ୍ ଖଚାନୋଭ ୬-୪, ୬-୨, ୬-୩ରେ ପୋଲାଣ୍ଡର କାମିଲ ମାଚଜକ୍ଙ୍କୁ ହରାଇ କ୍ୱାର୍ଟରଫାଇନାଲ୍ରେ ପ୍ରବେଶ କରିଛନ୍ତି। ସେହିଭଳି ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଜୋର୍ଡାନ୍ ଥମ୍ପସନ୍ ୬-୧, ୩-୦ରେ ପଛୁଆ ଥାଇ ତୃତୀୟ ରାଉଣ୍ଡ୍ ମୁକାବିଲାରୁ ଓହରିଯିବା ପରେ ପଞ୍ଚମ ସିଡ୍ ଆମେରିକାର ଟେଲର ଫ୍ରିଜ୍ ମଧ କ୍ୱାର୍ଟର ଫାଇନାଲ୍ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି।



**ପୁରୁଷ ଯୁଗଳ ତୃତୀୟ ରାଉଣ୍ଡ୍ରେ ଭାମ୍ବ୍ରି-ଗଲୋୱେ**

ୱିମ୍ବଲଡନ୍ ଓପନ୍ର ପୁରୁଷ ଯୁଗଳରେ ଭାରତର ଯୁକି ଭାମ୍ବ୍ରି ଓ ଆମେରିକାର ରୋବର୍ଟ ଗଲୋୱେ ତୃତୀୟ ରାଉଣ୍ଡ୍ରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ୍ରେ ଏହି ଭାରତ-ଆମେରିକା ଯୋଡ଼ି ପର୍ତ୍ତୁଗାଲର ନୁନୋ ବର୍ଗେସ୍ ଓ ଆମେରିକାର ମାର୍କୋସ୍ ଗିରନଙ୍କୁ ୬-୩, ୭-୬(୮-୬)ରେ ପରାସ୍ତ କରିଛନ୍ତି। ଭାମ୍ବ୍ରିଙ୍କ ମିଶ୍ରିତ ଯୁଗଳ ଅଭିଯାନ ମଧ ଜାରି ରହିଛି। ଚୀନର ଜିଆଙ୍ଗ ଜିନୟୁ ଓ ସେ ପ୍ରଥମ ରାଉଣ୍ଡ୍ରେ ଆମେରିକାର ନିକୋଲ ମେଲିଚାର ମାର୍ଟିନେଜ୍ ଓ କ୍ରିଷ୍ଟିଆନ ହାରିସନଙ୍କୁ ୬-୩, ୧-୬, ୭-୬ (୧୦-୬)ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡ୍ରେ ପ୍ରବେଶ କରିଛନ୍ତି।

## ଶ୍ୱେତପଦ୍ମା, ଜିଜ୍ଞାଶୁ, ଶ୍ୱେତାଙ୍କୁ ଦ୍ୱିମୁକୁଟ

**ରାଜ୍ୟ ମାନ୍ୟତା ଟିଟି**

**ଭୁବନେଶ୍ୱର, ୭।୭ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଟେବୁଲ୍ ଟେନିସ୍ ସଂଘ (ବିଟିଟିଏ) ପକ୍ଷରୁ ଆୟୋଜିତ ରାଜ୍ୟ ମାନ୍ୟତା ଟେବୁଲ୍ ଟେନିସ୍ ଚାମ୍ପିୟନସିପ୍ ରବିବାର ଲକ୍ଷ୍ମୀସାଗରସ୍ଥିତ ବିଜୁ ପଟ୍ଟନାୟକ ସରକାରୀ ଇନ୍ଡୋର୍ ହଲ୍ରେ ଉଦ୍ଯାପିତ ହୋଇଯାଇଛି। ରାଜ୍ୟର ଉଦୀୟମାନ ଖେଳାଳି ଶ୍ୱେତପଦ୍ମା ଦଳାଇ, ଜିଜ୍ଞାଶୁ ସାହୁ ଓ ଶ୍ୱେତା ବର୍ମା ୨ଟି ଲେଖାଏଁ ବର୍ଗରେ ବିଜେତା ହୋଇ ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ବାରମ୍ବାର ପ୍ରତ୍ୟାବର୍ତ୍ତନ କରିଥିବା ଶ୍ୱେତପଦ୍ମା ମହିଳା ଏକକ ଫାଇନାଲ୍ରେ ଏଜି ଓଡ଼ିଶାର ଅଭିଜ୍ଞା ଖେଳାଳି ନେହା କୁମାରୀଙ୍କୁ ଅନ୍ତିମ ୩ ଗେମ୍ ସହ ୪-୩ରେ ବିଜୟୀ ହୋଇଥିଲେ। ବେଷ୍ଟ୍ ଅଫ୍ ସେଭେନ୍ ଗେମ୍ରେ ଶ୍ୱେତା ୩-୧୧, ୧୧-୮, ୧୧-୧୩, ୭-୧୧, ୧୧-୮, ୧୧-୪, ୧୧-୯ରେ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ଶ୍ୱେତପଦ୍ମା ୧୯ ବର୍ଷରୁ କମ୍ ବାଳିକା ଫାଇନାଲ୍ରେ କଟକର ସାକ୍ଷୀ ଭଗତଙ୍କୁ ୩-୦ରେ ପରାସ୍ତ କରିଥିଲେ। କଟକର ଜିଜ୍ଞାଶୁ ସାହୁ ୧୭ ଓ ୧୯ ବର୍ଷରୁ କମ୍ ବାଳକର ଉଭୟ ଫାଇନାଲ୍ରେ ଖୋର୍ଦ୍ଧାର ଅନିନ୍ଦ ଅନୁପମ ଦାସଙ୍କୁ ୩-୦ରେ ମାତ୍ ଦେଇଥିଲେ। ଖୋର୍ଦ୍ଧାର ଶ୍ୱେତା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ଫାଇନାଲ୍ରେ ମଧ ସମାନ ପ୍ରତିଦ୍ୱନ୍ଦ୍ୱୀ ଆରାଧା ସାହୁଙ୍କୁ ୩-୧ରେ ପରାସ୍ତ କରି ଦ୍ୱିମୁକୁଟ ଅର୍ଜନ କରିଥିଲେ।

ପୁରୁଷ ଏକକ ଫାଇନାଲ୍ରେ ଦୁଇ ଏଜି ଖେଳାଳି ପରସ୍ପରକୁ ଭେଟିଥିବା ବେଳେ ମୈନକ ଦାସ ୪-୧ରେ ତୁଷାର ଚୌହାନଙ୍କୁ ହରାଇ ବିଜେତା ହୋଇଥିଲେ। ୧୭ ବର୍ଷରୁ କମ୍ ବାଳିକାରେ ଖୋର୍ଦ୍ଧାର ଉର୍ଜା ବର୍ମା ୩-୦ରେ ଆରାଧା ସାହୁଙ୍କୁ ହରାଇଥିଲେ। ୧୩ ବର୍ଷରୁ କମ୍ ବାଳକ ବର୍ଗରେ ବିଡିଟିଏର ଅଭିଷେକ ଦାସ ୩-୦ରେ ରୀତମ ଭୂୟାଁଙ୍କୁ ଏବଂ ୧୫ ବର୍ଷରୁ କମ୍ ବାଳକ ଫାଇନାଲ୍ରେ ଜିଜ୍ଞାଶୁ କିରଣ ପ୍ରଧାନ ୩-୦ରେ ସୋମନାଥ ସୁବୁଦ୍ଧିଙ୍କୁ ହରାଇ ଟ୍ରଫି ହାସଲ କରିଛନ୍ତି। ୧୧ ବର୍ଷରୁ କମ୍ ବାଳକରେ ପୁରୀର ଗାୟତ୍ରୀ ପଟ୍ଟନାୟକ ବିଜେତା ଓ କଟକର ସିଦ୍ଧିକ୍ଷା ଭଗତ ଉପବିଜେତା ଏବଂ ବାଳକରେ କଟକର ରୁଦ୍ର ରଣବୀର ବିଜେତା ଓ ପୁରୀର ଆର୍ଯ୍ୟନ ମହାନ୍ତି ଉପବିଜେତା ହୋଇଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତୃପ୍ତ ହେଲେ...

ବୁନ୍ଦେ ପାଇବାକୁ ଅପେକ୍ଷା କରିଥିଲେ।

ଆଜି ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଓ ସନ୍ଧ୍ୟା ଆଳତି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ପଣା ସବୁକୁ ରଥ ଉପରେ ରଖାଯାଇଥିଲା। ପ୍ରତି ରଥରେ ୩ ହାଣ୍ଡି ହିସାବରେ ମୋଟ ୯ ହାଣ୍ଡି ଅଧରପଣା ଭୋଗ କରାଯାଇଥିଲା। ଏହି ୯ ହାଣ୍ଡି ପଣାକୁ ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରିଥିଲେ।

ମୁଖ୍ୟତଃ କଦଳୀ, କ୍ଷୀର, ମହୁ, ଚନ୍ଦନ, କର୍ପୂର ଓ ଅନ୍ୟାନ୍ୟ ଶୁଦ୍ଧ ଉପାଦାନ ମିଶାଇ ପ୍ରସ୍ତୁତ ହୋଇଥିଲା ଅଧରପଣା। ହାଣ୍ଡିଗୁଡ଼ିକର ବର୍ଣ୍ଣ ଈଷତ୍ ଲାଲ ରଙ୍ଗର ହୋଇଥିଲା ବେଳେ ଶ୍ରୀଜଗନ୍ନାଥଙ୍କ ଅଧର ହାଣ୍ଡିର ଉଚ୍ଚତା ୫ ଫୁଟ, ଶ୍ରୀବଳଭଦ୍ରଙ୍କର ୪.୧/୨ ଫୁଟ, ସୁଭଦ୍ରା ଦେବୀଙ୍କର ୪ ଫୁଟ। ହାଣ୍ଡିର ମୁହଁ ବା ଫାନ୍ଦ ୧୫ ଇଞ୍ଚ ବିଶିଷ୍ଟ ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବା ସମୟରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇନଥିବାରୁ ସେ ରାଗିଛନ୍ତି। ତେଣୁ ଆସନ୍ତାକାଲି ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇ ତାଙ୍କ ମାନଭଞ୍ଜନ କରିବେ। ତା'ପରେ ଶ୍ରୀଜିଉମାନେ ନିଳାଦ୍ରୀ ବିଜେ କରିବେ।

### ଲୋକଙ୍କ ସହ...

ପାତ୍ର, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଓ ଅନ୍ୟ ବିଭାଗଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶ ଏବଂ ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପହଲଗାମ୍...

ନିଶ୍ଚିତ କରିବାକୁ ଦାବି କରୁଛୁ ଓ ଆତଙ୍କବାଦର ମୁକାବିଲା ଦିଗରେ ଦୋମୁହାଁ ନୀତିକୁ ଖାରଜ କରୁଛୁ।

ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଜାତିସଂଘ ଫ୍ରେମଓ୍ୱାର୍କ ଅଧିନରେ ଅନ୍ତର୍ଜାତୀୟ ଆତଙ୍କବାଦ ସମ୍ପର୍କିତ ବ୍ୟାପକ ସନନ୍ଦକୁ ଶୀଘ୍ର ଚୂଡ଼ାନ୍ତ ଓ କାର୍ଯ୍ୟକାରୀ କରିବା ପାଇଁ ସଂଗଠନ ଆହ୍ୱାନ କରୁଛି। ଏଥିସହ ଜାତିସଂଘ ପକ୍ଷରୁ ଘୋଷିତ ସମସ୍ତ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ବ୍ରିକ୍ସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଅନ୍ୟ ପକ୍ଷରେ ବ୍ରିକ୍ସ ୟୁଏନ୍ଏସ୍ସିର ସଂସ୍କାର ପାଇଁ ଦୃଢ଼ ଦାବି ଜଣାଇଛି। ବ୍ରିକ୍ସ ମିଳିତ ଘୋଷଣାନାମାର ପାରା ୬ରେ କୁହାଯାଇଛି ଯେ ପରିଷଦର ସଂସ୍କାରକୁ ସଂଗଠନ ସମର୍ଥନ କରୁଛି, ଯେପରିକି ଏହା ଅଧିକ ଗଣତାନ୍ତ୍ରିକ, ପ୍ରତିନିଧିମୂଳକ, ପ୍ରଭାବୀ ଓ ଦକ୍ଷ ହୋଇପାରିବ । ଆହୁରି ମଧ୍ୟ ଏଥିରେ ଯେପରି ବିକାଶଶୀଳ ଦେଶମାନଙ୍କ ଅଧିକ ପ୍ରତିନିଧିତ୍ୱ ରହିପାରିବ ଯେପରିକି ତାହା ବର୍ତ୍ତମାନର ବୈଶ୍ୱିକ ଆହ୍ୱାନର ମୁକାବିଲା କରିପାରିବ ଓ ବ୍ରିକ୍ସ ଦେଶମାନଙ୍କ ସମେତ ଆଫ୍ରିକା, ଏସିଆ ଓ ଲାଟିନ ଆମେରିକାର ଦେଶମାନଙ୍କର ନ୍ୟାୟୋଚିତ ଆକାଂକ୍ଷାକୁ ପୂରଣ କରିପାରିବ। ସେହିପରି ବ୍ରିକ୍ସ ପକ୍ଷରୁ ପରିଷଦର ସଂସ୍କାର ବିଶ୍ୱ ଦକ୍ଷିଣର ସ୍ୱରକୁ ମଜବୁତ କରିବ କୁହାଯିବା ସହ ପରିଷଦ ସମେତ ସମଗ୍ର ଜାତିସଂଘରେ ଭାରତ ଓ ବ୍ରାଜିଲର ଅଧିକ ଭୂମିକା ନିର୍ବାହକୁ ସମର୍ଥନ କରାଯାଇଛି।

ସେହିପରି ଏହି ସମ୍ମିଳନୀରେ ଯୋଗଦେଇଥିବା ଭାରରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ଲୋବାଲ୍ ସାଉଥ୍ର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଗ୍ଲୋବାଲ୍ ସାଉଥ୍ ବିନା ବିଶ୍ୱ ସଂସ୍ଥାଗୁଡ଼ିକ କୌଣସି ମୋବାଇଲରେ ନେଟଓ୍ୱାର୍କ ବିନା ସିମ୍ କାର୍ଡ ପରି। ଏଥିସହ ସେ ୟୁଏନ୍ଏସ୍ସି, ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ଓ ବହୁପାକ୍ଷିକ ବିକାଶ ବ୍ୟାଙ୍କ ଭଳି ସଂସ୍ଥାଗୁଡ଼ିକରେ ସଂସ୍କାରର ଆବଶ୍ୟକତା ଉପରେ ମଧ୍ୟ ଜୋର ଦେଇଛନ୍ତି।

ଶ୍ରୀ ମୋଦି ଆହୁରି କହିଛନ୍ତି ଯେ ବିଂଶ ଶତାବ୍ଦୀରେ ଗଠିତ ବିଶ୍ୱ ସଂସ୍ଥାଗୁଡ଼ିକ ଆଜି ପର୍ଯ୍ୟନ୍ତ ବିଶ୍ୱର ଦୁଇ-ତୃତୀୟାଂଶ ଜନସଂଖ୍ୟାର ଉପଯୁକ୍ତ ପ୍ରତିନିଧିତ୍ୱ ଦେଇପାରିନାହାନ୍ତି। ବିଶ୍ୱ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଦେଶମାନଙ୍କୁ ନିଷ୍ପତ୍ତି ଗ୍ରହଣର ମଞ୍ଚରେ ସ୍ଥାନ ମିଳିନାହିଁ ବୋଲି ଶ୍ରୀ ମୋଦି କହିବା ସହ ବ୍ରିକ୍ସର ସମ୍ପ୍ରସାରଣକୁ ଏକ ସକାରାତ୍ମକ ପରିବର୍ତ୍ତନର ଉଦାହରଣ ଭାବେ ବର୍ଣ୍ଣନା କରିଛନ୍ତି। ଏଥିସହ ବ୍ରିକ୍ସରେ ଇଣ୍ଡୋନେସିଆର ନୂତନ ସଦସ୍ୟତାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସ୍ୱାଗତ କରିଛନ୍ତି। ସେହିପରି ଶ୍ରୀ ମୋଦି ଭାରତର ବିଶ୍ୱ କଲ୍ୟାଣ ପ୍ରତି ପ୍ରତିବଦ୍ଧତା ଉପରେ ଜୋର ଦେଇ କହିଛନ୍ତି ଯେ ଭାରତ ସବୁବେଳେ ନିଜର ସ୍ୱାର୍ଥକୁ ଅତିକ୍ରମ କରି ମାନବ ଜାତିର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ନିଜର ଦାୟିତ୍ୱ ଭାବେ ବିବେଚନା କରିଆସିଛି। ଆମେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରମାନଙ୍କ ସହ ସମସ୍ତ ବିଷୟରେ ରଚନାତ୍ମକ ଯୋଗଦାନ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଶ୍ରୀ ମୋଦି ମତ ବ୍ୟକ୍ତ କରିଛନ୍ତି। ବ୍ରିକ୍ସ ସମ୍ମିଳନୀର ମୁଖ୍ୟ ବିଷୟ 'ଗ୍ଲୋବାଲ୍ ସାଉଥ୍ ସହଯୋଗ ଜରିଆରେ ସମାବେଶୀ ଓ ସ୍ଥାୟୀ ଶାସନ' ଉପରେ ଆଧାରିତ ହୋଇଥିବା ବେଳେ ଏଥିରେ ଗ୍ଲୋବାଲ୍ ଶାସନ ସଂସ୍କାର, ଶାନ୍ତି ଓ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଛି।

### ପୁଣି ବିଜେପିକୁ...

ସକ୍ଷମ ହୋଇଥିବା ବେଳେ ସେ ନିଜେ ପରାସ୍ତ ହୋଇଥିଲେ। ଏବେ ମଧ୍ୟ ସମାନ ଢଙ୍ଗରେ ୨୦୨୪ ନିର୍ବାଚନରେ ତାଙ୍କ ଦଳ ନିଜସ୍ୱ ଦମରେ ସରକାର ଗଢ଼ିଛି ସତ, କିନ୍ତୁ ଶ୍ରୀ ସାମଲଙ୍କୁ ପରାଜିତ ହେବାକୁ ପଡ଼ିଛି। ୨୦୦୦ରେ ଧାମନଗର ଓ ଏବେ ଚାନ୍ଦବାଲି ଆସନରୁ ସେ ପରାସ୍ତ ହୋଇଛନ୍ତି। ଅବଶ୍ୟ ଦଳ ତାଙ୍କୁ ୨୦୦୦ରେ ରାଜ୍ୟସଭା ପଠାଇ ଦଳ ପ୍ରତି ଅନବଦ୍ୟ ଅବଦାନ ପାଇଁ ପୁରସ୍କୃତ କରିଥିଲା। ଏବେ ଆସନ୍ତା ବର୍ଷ ମାର୍ଚ୍ଚରେ ମଧ୍ୟ ଦଳ ତାଙ୍କୁ ଅନୁରୂପ ପୁରସ୍କାର ଦେଇପାରେ ବୋଲି ଚର୍ଚ୍ଚା ହେଉଛି ।

ରାଜ୍ୟରେ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ସହ ନିର୍ବାଚନୀ ମେଣ୍ଟ ସମ୍ଭାବନାକୁ ଯେଉଁ କେତେକ ଆଗଧାଡ଼ିର ନେତା ତୀବ୍ର ବିରୋଧ କରୁଥିଲେ, ସେମାନଙ୍କ ମଧ୍ୟରେ ମନମୋହନ ଆଗରେ ଥିଲେ। କେନ୍ଦ୍ରୀୟ ନେତୃତ୍ୱଙ୍କୁ ରାଜ୍ୟର ବାସ୍ତବ ସ୍ଥିତି ସମ୍ପର୍କରେ ବାରମ୍ବାର ବୁଝାଇ ବିଜେଡି ସହ ନିର୍ବାଚନୀ ମେଣ୍ଟ ବୁଝାମଣାରୁ ନିବୃତ୍ତ କରାଇବାରେ ସେ ସକ୍ଷମ ହୋଇଥିଲେ। ଆଉ ରାଜ୍ୟରେ ବିଜେପି ଏକାକୀ ୭୫ଟି ଆସନ ଜିତିବାରେ ସକ୍ଷମ ହୋଇ ପ୍ରଥମ ଥର ପାଇଁ ନିଜର ସରକାର ଗଢ଼ିଲା। ବିଜେପିର ଏହି ଐତିହାସିକ ସଫଳତା ଓ ରାଜ୍ୟରେ ପୂର୍ଣ୍ଣ ବହୁମତ ସହ ଦଳର ସରକାର ଗଠନରେ ମନମୋହନଙ୍କ ନେତୃତ୍ୱ ଓ ସାଙ୍ଗଠନିକ ଦକ୍ଷତା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

### ଆଉ ୩୭...

ଯାଞ୍ଚ ପ୍ରକ୍ରିୟା ଚାଲିଛି। ତା'ଛଡ଼ା ଅଫଲାଇନ ଆବେଦନଗୁଡ଼ିକର ଯାଞ୍ଚ ଖୁବ୍ଶୀଘ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଯୋଜନା ଓଡ଼ିଶାର ଗ୍ରାମୀଣ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରା ଉନ୍ନତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ଜଗନ୍ନାଥଙ୍କ...

ସାଧାରଣରେ ପ୍ରଶ୍ନ ଉଠୁଛି।

ଏଥିସହ ଏହି ଘଟଣାରେ ଓଏଏସ ଓ ଓଆରଏସ ଅଫିସର ସଂଘର ଆଭିମୁଖ୍ୟ ମଧ୍ୟ ସନ୍ଦେହ ଘେରରେ। ବିଏମସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ହେବା ପୂର୍ବରୁ ବ୍ୟାସନଗର ଘଟଣା ଘଟିଥିଲା। ହେଲେ ଏଯାଏଁ ସଂଘ ଏହାକୁ ନେଇ ସରକାରଙ୍କୁ ପ୍ରଶ୍ନ ପଚାରୁନାହିଁ। ଜିଲ୍ଲାପାଳ ଏକ ଟିମ ଗଠନ କରି ତଦନ୍ତ କରୁଛନ୍ତି। ହେଲେ ସଂଘ କାହିଁକି ସରକାରଙ୍କ ନିକଟରେ ସମ୍ପୃକ୍ତ କାଉନସିଲମାନଙ୍କ ଗିରଫଦାରୀ ନେଇ ଦାବି କରୁନାହିଁ?

ଚର୍ଚ୍ଚା ହେଉଛି ଯେ ବ୍ୟାସନଗର ଘଟଣାରେ ଯେଉଁ କାଉନସିଲରମାନଙ୍କ ବିରୋଧରେ ଅଭିଯୋଗ ହେଉଛି, ସେମାନେ ସମସ୍ତେ ସଂଘର ଗଡଫାଦର ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଲୋକ। ଯେଉଁଥିପାଇଁ ସଂଘ ଏହି କାଉନସିଲରଙ୍କ ଗିରଫଦାରୀ ଦାବି କରୁନାହିଁ। ସଂଘର ନେତା ସାଜିଥିବା ଓଏଏସ ଅଫିସରମାନେ ଏବେ ବି କ୍ରୀତଦାସଙ୍କ ଆନୁଗତ୍ୟ ଭୁଲିପାରୁନାହାଁନ୍ତି। ଗତ ୨୪ ବର୍ଷ ମଧ୍ୟରେ କ୍ରୀତଦାସଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଅନୁଗୃହୀତ ହୋଇଥିବାରୁ ସେମାନେ ତାଙ୍କ ସମର୍ଥିତ କାଉନସିଲଙ୍କ ଗିରଫଦାରୀ ଦାବି କରୁନାହାଁନ୍ତି କିମ୍ବା କଲମଛାଡ ଆନ୍ଦୋଳନ କରୁନାହାଁନ୍ତି। ଓଆରଏସ ସଂଘ ମଧ୍ୟ ନିଜ ସହକର୍ମୀଙ୍କୁ ଦିଆଯାଇଥିବା ନିର୍ଯାତନାର ପ୍ରତିବାଦ କରୁନାହିଁ। ଆଜି ଭୁବନେଶ୍ୱରରେ ଓଆରଏସ ସଂଘର ଏକ ବୈଠକ ବସିଥିଲା। ଏହି ବୈଠକରେ ମଧ୍ୟ ଆନ୍ଦୋଳନତ୍ମକ ପଦକ୍ଷେପ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ବିଜେପି ନେତାଙ୍କ ଅଭିଯୋଗ ଉଭୟ ଓଆରଏସ ଏବଂ ଓଏଏସ ସଂଘ ବିଜେଡି ଇଙ୍ଗିତରେ ପରିଚାଳିତ ହେଉଥିବାରୁ ସେମାନେ ବିଜେପି ନେତାଙ୍କ ବିରୋଧରେ କଲମ ଛାଡ ଆନ୍ଦୋଳନ କଲେ, କିନ୍ତୁ ବିଜେଡି କାଉନସିଲଙ୍କ ବିରୋଧରେ କହିବାକୁ ସେମାନଙ୍କ ଜୁ' ପାଉନାହିଁ।

### ରତ୍ନାକରଙ୍କ...

ହେଉଛି। ଏଯାଏଁ ତାହାର ବି ତଦନ୍ତ ହୋଇନି। ରତ୍ନାକରଙ୍କ ବିରୋଧରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୁହାରି ଜଣାଇଛି ନୟାପଲ୍ଲୀ ୱେଲଫେୟାର କମିଟି।

## ୟୁପି ସରକାରଙ୍କୁ ହାଇକୋର୍ଟଙ୍କ ଆଶ୍ୱସ୍ତି, ୫୦୦୦ ସ୍କୁଲ ବିଲୟ ବିରୋଧୀ ଆବେଦନ ଖାରଜ

**ଲକ୍ଷ୍ନୌ,୭।୭:** ଉତ୍ତର ପ୍ରଦେଶ ସରକାରଙ୍କୁ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି । ୫୦୦୦ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଦାୟର ଆବେଦନଗୁଡ଼ିକୁ ହାଇକୋର୍ଟର ଏକକ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ବିଚାରପତି ଜଷ୍ଟିସ୍ ପଙ୍କଜ ଭାଟିଆଙ୍କ ଅଧ୍ୟକ୍ଷତାରେ ଗଠିତ ଏକକ ଖଣ୍ଡପୀଠ ୪ ଜୁଲାଇରେ ଏହି ମାମଲାରେ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ ଏବଂ ଆଜି ସରକାରଙ୍କ ନିଷ୍ପତ୍ତିକୁ ବୈଧ ରଖିଛନ୍ତି । ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ଏହି ନୀତିଗତ ନିଷ୍ପତ୍ତି ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ। ଯଦି ଏହା ଅସାମ୍ବିଧାନିକ ନହୁଏ ତେବେ ଏହାକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସରକାରଙ୍କ ଏହି ପଦକ୍ଷେପ ଶିକ୍ଷାର ଗୁଣବତ୍ତା ଉନ୍ନତ କରିବାକୁ ଏବଂ ସମ୍ବଳର ଉତ୍ତମ ବ୍ୟବହାର ପାଇଁ ନିଆଯାଇଛି ।

ଉତ୍ତର ପ୍ରଦେଶର ପ୍ରାଥମିକ ଶିକ୍ଷା ବିଭାଗ ଜୁନ୍୧୬, ୨୦୨୫ରେ ଏକ ନିର୍ଦ୍ଦେଶ ଜାରି କରିଥିଲା । ଏଥିରେ ଛାତ୍ର ସଂଖ୍ୟା ଆଧାରରେ ହଜାର ହଜାର ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ଉଚ୍ଚ ପ୍ରାଥମିକ କିମ୍ବା କମ୍ପୋଜିଟ୍ ସ୍କୁଲରେ ମିଶ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସରକାର ଯୁକ୍ତି ଦେଇଥିଲେ, ଛାତ୍ର ସଂଖ୍ୟା କମ ଥିବା ସ୍କୁଲଗୁଡ଼ିକରେ ସମ୍ବଳ ନଷ୍ଟ ହେଉଛି । ମିଶ୍ରଣ ଦ୍ୱାରା ଶିକ୍ଷକ ଏବଂ ଭିତ୍ତିଭୂମିର ଉତ୍ତମ ବ୍ୟବହାର ହୋଇପାରିବ। ଏହା ଦ୍ୱାରା ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରିବ। ସେପଟେ ଶିକ୍ଷକ ସଂଗଠନ ଏବଂ କିଛି ଅଭିଭାବକ ଏହି ନିର୍ଦ୍ଦେଶ ବିରୋଧରେ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ । ଆବେଦନକାରୀଙ୍କ ଅଭିଯୋଗ ଅନୁସାରେ, ସ୍କୁଲଗୁଡ଼ିକର ମିଶ୍ରଣ ଗ୍ରାମାଞ୍ଚଳର ପିଲାମାନଙ୍କ ଶିକ୍ଷାକୁ ପ୍ରଭାବିତ କରିବ । କାରଣ ସେମାନେ ସ୍କୁଲରେ ପହଞ୍ଚିବାରେ ଅସୁବିଧାର ସମ୍ମୁଖୀନ ହେବେ। ବିଦ୍ୟାଳୟର ମିଶ୍ରଣ ଶିକ୍ଷକଙ୍କ ଚାକିରିକୁ ପ୍ରଭାବିତ କରିପାରେ । ତେବେ ଏହି ଯୁକ୍ତିଗୁଡ଼ିକୁ ଖାରଜ କରି ହାଇକୋର୍ଟ କହିଛନ୍ତି ଯେ, ସରକାରଙ୍କ ଏହି ନୀତିଗତ ନିଷ୍ପତ୍ତି ପିଲାମାନଙ୍କ ବୃହତ୍ତର ସ୍ୱାର୍ଥକୁ ଧ୍ୟାନରେ ରଖି ନିଆଯାଇଛି। ଯଦି ସରକାରଙ୍କ ଏଭଳି ନିଷ୍ପତ୍ତିରେ କୌଣସି ସ୍ପଷ୍ଟ ନୀତିଗତ ତ୍ରୁଟି ନଥିବ ତେବେ କୋର୍ଟ ଏପରି ମାମଲାରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି ।

## କେତେବେଳେ ବି ହୋଇପାରେ ତୃତୀୟ ବିଶ୍ୱଯୁଦ୍ଧ: ଗଡକରୀ

**ନାଗପୁର,୭।୭:** ନାଗପୁରରେ ଅନୁଷ୍ଠିତ 'ବିୟଣ୍ଡ ବର୍ଡର୍ସ' ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ବିଶ୍ୱ ସଂଘର୍ଷ ଏବଂ ମାନବିକ ସଙ୍କଟ ବିଷୟରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ସମୟରେ ବିଶ୍ୱରେ ସଂଘର୍ଷର ବାତାବରଣ ରହିଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ, ରୁଷିଆ-ୟୁକ୍ରେନ ମଧ୍ୟରେ ଯାହା ଘଟୁଛି ତାହାର ପୃଷ୍ଠଭୂମିରେ, ଯେକୌଣସି ସମୟରେ ବିଶ୍ୱ ଯୁଦ୍ଧ ଆରମ୍ଭ ହୋଇପାରେ। ଆଜିର ଯୁଦ୍ଧ କେବଳ ସୈନିକଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ମିଶାଇଲ, ଡ୍ରୋନ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସାଧାରଣ ନାଗରିକଙ୍କୁ ସିଧାସଳଖ ଟାର୍ଗେଟ କରାଯାଉଛି। ଗଡକରୀ ତାଙ୍କ ଭାଷଣରେ ମହାଶକ୍ତିର ଏକଛତ୍ରବାଦୀ ଏବଂ ସର୍ବସତ୍ତ୍ୱବାଦୀ ପ୍ରକୃତି ଉପରେ ସିଧାସଳଖ ଆକ୍ରମଣ କରିଥିଲେ। ସେ କହିଛନ୍ତି, ସମନ୍ୱୟ, ସଦ୍ଭାବ ଏବଂ ପ୍ରେମର ଭାବନା ହ୍ରାସ ପାଉଛି। ମାନବତାକୁ ସୁରକ୍ଷା ଦେବା କଷ୍ଟକର ହେଉଛି, କାରଣ ସାଧାରଣ ନାଗରିକ ମଧ୍ୟ ଯୁଦ୍ଧର ଟାର୍ଗେଟ ହେଉଛନ୍ତି। ମିଶାଇଲ୍ ଆକ୍ରମଣ ଏବେ ନାଗରିକ ବସତିରେ ପହଞ୍ଚିଛି। ଯୁଦ୍ଧ କେବଳ ସାମରିକ ନୁହେଁ, ଏବେ ନୈତିକ ଏବଂ ସାମାଜିକ ଯୁଦ୍ଧ ମଧ୍ୟ ଲଢ଼ାଯାଉଛି। ଗଡକରୀଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ଏବଂ ୟୁରୋପରେ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି। ବିଶ୍ୱରେ ଯୁଦ୍ଧର ବର୍ତ୍ତମାନର ପରିସ୍ଥିତି ଉପରେ, ଗଡକରୀ ଭାରତକୁ ବୁଦ୍ଧଙ୍କ ଭୂମି ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ, ଭାରତ ସର୍ବଦା ସତ୍ୟ, ଅହିଂସା ଏବଂ ଶାନ୍ତିର ବାର୍ତ୍ତାବହ ହୋଇଆସିଛି। ଏପରି ପରିସ୍ଥିତିରେ, ଭାରତ ବିଶ୍ୱସ୍ତରୀୟ ମଞ୍ଚରେ ଶାନ୍ତି ଏବଂ ସମନ୍ୱୟ ପାଇଁ ପ୍ରୟାସର ନେତୃତ୍ୱ ନେବା ଆବଶ୍ୟକ। ବିଶ୍ୱସ୍ତରୀୟ ସଂଘର୍ଷର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭାରତ ଏହାର ରଣନୈତିକ ଆଭିମୁଖ୍ୟ ସମୀକ୍ଷା କରିବା ଉଚିତ। ଅନ୍ତର୍ଜାତୀୟ କୂଟନୀତିରେ ଶାନ୍ତି ପଦକ୍ଷେପକୁ ପ୍ରାଥମିକତା ଦିଆଯିବା ଉଚିତ।

## ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ

**ବ୍ରହ୍ମପୁର, ୭।୭ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଗତ କିଛି ମାସ ହେବ ଦୁଷ୍କର୍ମ,ଗଣ ଦୁଷ୍କର୍ମ, ଅପହରଣ,ହତ୍ୟା ଭଳି ଖବର ବାରମ୍ବାର ସାମ୍ନାକୁ ଆସୁଛି। ପୁଣି ରବିବାର ରାତିରେ ବ୍ରହ୍ମପୁର ପୁଲିସ୍ ଜିଲ୍ଲା ଅଧିନ ଗୋଳନ୍ଥରା ଥାନା ଅଞ୍ଚଳରେ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଦୁର୍ବୃତ୍ତମାନେ ଘର ସମ୍ମୁଖରେ ଖଣ୍ଡାରେ ହାଣି ହତ୍ୟା କରିଥିବା ଜଣାପଡିଛି। ମୃତ ବ୍ୟକ୍ତି ଜଣକ ଶିଙ୍ଗାବାଡ଼ି ଗ୍ରାମର ଦିଲ୍ଲୀପ ପାତ୍ର। ସୂଚନା ଅନୁଯାୟୀ, ଦିଲ୍ଲୀପ ଘରେ ଥିବା ବେଳେ ରାତି ପ୍ରାୟ ୧୧ଟାରେ କିଛି ଦୁର୍ବୃତ୍ତ ଘରେ ପଶିଥିଲେ। ପରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଘଟଣା ଉଗ୍ରରୂପ ନେବାରୁ ଦୁର୍ବୃତ୍ତ ମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କର ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ଘଟଣା ସ୍ଥଳରେ ପୋଲିସ୍ ପହଁଚିଥିଲା। ଗୁରୁତର ଅବସ୍ଥାରେ ଉକ୍ତ ବ୍ୟକ୍ତିଙ୍କୁ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ପରଠାରୁ ଦୁର୍ବୃତ୍ତମାନେ ଫେରାର ଅଛନ୍ତି। ଅନ୍ୟପଟେ ଅଭିଯୁକ୍ତଙ୍କୁ ଧରିବା ପାଇ ପୋଲିସ ପକ୍ଷରୁ ଟିମ୍ ଗଠନ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି।

## ନାଉଗାଁ ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ



**ନାଉଗାଁ, ୭।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡିଓ ଭାବେ ନିରଞ୍ଜନ ପରିଡ଼ା ସୋମବାର ଯୋଗଦାନ କରିଛନ୍ତି। ବିଡିଓ ପରିଡ଼ା ଯୋଗଦାନ କରିବା ପରେ ବ୍ଲକର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ପ୍ରଶାସନିକ କର୍ମଚାରୀ ଓ ଜନସାଧାରଣଙ୍କ ସହଯୋଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ପରିଡ଼ା ପୂର୍ବରୁ ଢେଙ୍କାନାଳ ଜିଲ୍ଲା ରେଙ୍ଗାଲି ରାଇଟ କେନାଲର ଜୋନାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ ଯେ ଉକ୍ତ ବ୍ଲକରେ ଫେବୃଆରୀ ୨୦୨୫ ରେ ବିଡିଓ ତପନ କୁମାର ମହାପାତ୍ରଙ୍କ ଅନ୍ୟତ୍ର ବଦଳି ହେବା ପରେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର ଦୀର୍ଘ ୫ ମାସ ହେବ ଭାରାପ୍ରାପ୍ତ ଦାୟିତ୍ୱରେ ରହିଥିଲେ। ବହୁ ସମୟ ମିଶ୍ର ବ୍ଲକକୁ ନ ଆସିବା ଫଳରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ବିଡିଓ ପରିଡ଼ା ଯୋଗଦାନ କରିବା ପରେ ବ୍ଲକର କର୍ମଚାରୀଙ୍କ ସହ ନାଉଗାଁ ଅଞ୍ଚଳର ସାଂସଦଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡ଼ା, ବିଜେପି ମଣ୍ଡଳ ସଭାପତି ନିଗମାନନ୍ଦ ପରିଡ଼ା, ଭିକାରୀ ସ୍ୱାଇଁ, ଅକ୍ଷୟ କୁମାର ବିଶ୍ୱାଳ ଆଦି ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ୭ଦଫା ଦାବିରେ ଆଜି ଓଡିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ



**କାକଟପୁର/ଅସ୍ତରଙ୍ଗ, ୭।୭ (ସଂଚାର ବ୍ୟୁରୋ) :** ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବୀ ନେଇ ମଙ୍ଗଳବାର ଦିନ ରାଜ୍ୟ ବ୍ୟାପି ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରା ଦିଆଯାଇଛି। ଯାହାକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ପକ୍ଷରୁ ସ୍ୱତନ୍ତ୍ର ବୈଠକ କରାଯାଇଛି। ଜନସାଧାରଣ ସହଯୋଗ କାମନା କରାଯିବା ସହିତ ସରକାର ଙ୍କୁ ଦାବି ପୂରଣ କରିବାକୁ ଅନୁରୋଧ ଜଣାଯାଇଛି। ଡ୍ରାଇଭର ସଙ୍ଘ ରଖିଥିବା ୭ଦଫା ଦାବୀ ମଧ୍ୟରେ ୱେଲ ଫେୟାର ବୋର୍ଡ ରେ ଅଟୋ ଡ୍ରାଇଭର ଙ୍କୁ ସାମିଲ କରିବା, ଡ୍ରାଇଭରଙ୍କ ସୁରକ୍ଷା ପାଇଁ ଆଇନି ଆଣିବା, ପ୍ରତ୍ୟେକ ଶହେ କିମିରେ ଡ୍ରାଇଭରଙ୍କ ପାଇଁ ପାର୍କିଂ, ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା କରାଇବା, ସେପ୍ଟେମ୍ବର ୧ତାରିଖକୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରିବା, ଗାଡି କାଗଜ ଯାଞ୍ଚ ଦାୟିତ୍ୱ ପୁଲିସକୁ ଦିଆନଯିବା ଆଦି ରହିଛି। ଏହି ବୈଠକରେ ଅସ୍ତରଙ୍ଗ ବ୍ଲକ ଡ୍ରାଇଭର ମହାସଙ୍ଘ ସଭାପତି କୃପାସିନ୍ଧୁ ବସ୍ତିଆ, ଜିଲ୍ଲା କମିଟି ମେମ୍ବର ସତ୍ୟବ୍ରତ ଲେଙ୍କା, ଉପସଭାପତି ବସନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ଦଫା ଦାବିନେଇ କଳାବ୍ୟାଜ ପିନ୍ଧି ଅମଲା ସଂଘର ପ୍ରତିବାଦ



**କାକଟପୁର/ଅସ୍ତରଙ୍ଗ, ୭।୭ (ସଂଚାର ବ୍ୟୁରୋ):** ରାଜ୍ୟରେ ସମସ୍ତ ରାଜସ୍ୱ ଅମଲା ସଂଘ ଦଶ ଦଫା ଦାବି ନେଇ କଳା ବ୍ୟାଚ ପିନ୍ଧି ପ୍ରତିବାଦ କରିଛନ୍ତି। ସଙ୍ଘର ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ଯଦି ସରକାର ଉଚିତ ପଦକ୍ଷେପ ନ ନିଅନ୍ତି ତେବେ ସଂଘ ଆଗକୁ ଆନ୍ଦୋଳନାତ୍ମକ ପଦକ୍ଷେପ ନେବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି। ଯଦି ଦାବି ପୂରଣ ନ ହୁଏ ଆସନ୍ତା ୧୪ ତାରିଖ ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ହେବ ବୋଲି ସଙ୍ଘ ପକ୍ଷରୁ ଏକ ପ୍ରେସ ରିଲିଜ ଜରିଆରେ କୁହାଯାଇଛି। ଏହି କ୍ରମରେ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ରାଜସ୍ୱ କର୍ମଚାରୀ ରାଜେନ୍ଦ୍ର ପାତ୍ର, ବୁଦ୍ଧିରାମ ସାହୁ ଓ ଚନ୍ଦନ କୁମାର ପାତ୍ର ପ୍ରମୁଖ କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ।

### ସରିଲା ଇ-କେୱାଇସି ଯାଞ୍ଚ ଅବଧି

# ବାଦ୍ ପଡିବେ ୩ହଜାରରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ

### ୧୨୬୫ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ଚାଉଳ, ଯାଞ୍ଚରେ ଧରାପଡ଼ି କଟିଲେ



**କାକଟପୁର/ଅସ୍ତରଙ୍ଗ, ୭।୭ (ସଂଚାର ବ୍ୟୁରୋ) :** ରାସନ କାର୍ଡର ଇ-କେୱାଇସି ଯାଞ୍ଚର ଅବଧି ଶେଷ ହୋଇଛି। ସରକାର ବାରମ୍ବାର ସୁଯୋଗ ଦେବା ପରେ ମଧ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୯୪. ୬ପ୍ରତିଶତ ତଥା ୬୩ହଜାର ୭ଶହ ୪୭ଜଣ ଇ-କେୱାଇସି ଯାଞ୍ଚ କରିଛନ୍ତି। ଅବଶିଷ୍ଟ ୫ପ୍ରତିଶତରୁ ଉର୍ଦ୍ଧ ତଥା ୩ହଜାର ୫୫ଜଣ ହିତାଧିକାରୀ ଇ-କେୱାଇସି ଯାଞ୍ଚ କରିନାହାନ୍ତି ବୋଲି ଜଣା ପଡିଛି। ଯାହା ଅଯୋଗ୍ୟ ଓ ଭୂତ ହିତାଧିକାରୀ ବୋଲି କୁହାଯାଉଛି। ଜୁଲାଇ ମାସରୁ ଏମାନଙ୍କ ଚାଉଳ ବନ୍ଦ କରାଯିବ। ୩ମାସ ମଧ୍ୟରେ ଯଦି ଏମାନେ ଇ-କେୱାଇସି ଅପଡେଟ ନ କରନ୍ତି, ତେବେ ତାଲିକରୁ ସମ୍ପୂର୍ଣ୍ଣ ବାଦ ପଡିବେ ବୋଲି ସରକାର ଚେତାଇ ଦେଇଛନ୍ତି।

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଓ ମୃତବ୍ୟକ୍ତି ସାମିଲ ଥିବା ଅଭିଯୋଗ ହୋଇଆସୁଥିଲା। ନୂଆ ଯୋଗ୍ୟ ବ୍ୟକ୍ତି ଚାଉଳ ପାଇବାରୁ ବଂଚିତ ହେଉଥିଲେ। ନୂଆ ସରକାର ଆସିବା ପରେ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ୨୦୨୪ ଅଗଷ୍ଟ ୨୨ତାରିଖରୁ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ଯେଭଳି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରିବେ ସେଥିପାଇଁ ସରକାର ପ୍ରାୟ ୫ଥର ଏହାର ଅବଧି ବୃଦ୍ଧି କରିଥିଲେ। ଏପରିକି ବାହାରେ ଥିବା ବ୍ୟକ୍ତିଙ୍କୁ ବି କରିବାକୁ ଇ-କେୱାଇସି ଅପଡେଟ କରିବାର ସୁଯୋଗ ଦିଆଯାଇଥିଲା। ସବୁ ପରେ ଶେଷରେ ଅବଧିକୁ ବନ୍ଦ କରାଯାଇଛି। ଜୁନ ଶେଷ ସୁଦ୍ଧା ଯେଉଁମାନେ ଇ -କେୱାଇସି କରିନାହାନ୍ତି ସେମାନଙ୍କୁ ବାଦ ଦିଆଯିବା ଏକ ପ୍ରକାର ନିଶ୍ଚିତ ହୋଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଟି ପଂଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୬୭ହଜାର ୩ଶହ ୯୬ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇ ରାସନ ସାମଗ୍ରୀ ପାଉଛନ୍ତି। ବଳକା ୩ହଜାର ୫୫ଜଣ ଜଣଙ୍କୁ ବାରମ୍ବାର ସୁଯୋଗ ଦେବା ପରେ ମଧ ଇ-କେୱାଇସି କରିନାହାନ୍ତି। ଏମାନଙ୍କ ମଧ୍ୟରେ ପ୍ରାୟ ୧ହଜାର ୨ଶହ ୬୫ ଜଣ ମୃତବ୍ୟକ୍ତି ବା ଭୂତ ହିତାଧିକାରୀ ଚିହ୍ନଟ ହୋଇ ବାଦ ଦିଆଯାଇଥିବା ଜଣାଯାଇଛି।ବର୍ଷ ବର୍ଷ ଧରି ଏହି ମୃତ ବ୍ୟକ୍ତିଙ୍କ ନାଁରେ ମଧ ଚାଉଳ ଉଠୁଥିବା ସ୍ପଷ୍ଟ ହୋଇଛି।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ



**ନବରଙ୍ଗପୁର, ୭।୭ (ସଂଚାର ବ୍ୟୁରୋ) :** ଆଜି ଠାରୁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ ମୂତ୍ରନଳିଜନିତ ରୋଗ (ୟୁରୋଲୋଜି), କିଡନୀ ଜନିତ ରୋଗ, ହୃଦରୋଗ, ପେଟଜନିତ ଜଟିଳ ରୋଗ, ଥାଏରୋଇଡ଼, ମଧୁମେହ, ଗଳଗଣ୍ଡ, ଜଟିଳ ଅନ୍ତନଳୀ ରୋଗ, ସ୍ନାୟୁ ଜନିତ ରୋଗ ଆଦିର ଚିକିତ୍ସା କରାଯାଉଥିବା ବେଳେ ଓଡିଶାର ବିଭିନ୍ନ ବଡ଼ ବଡ଼ ମେଡିକାଲର ସୁପର ସ୍ପେସିଆଲିଷ୍ଟ ଡକ୍ଟର ଆସି ଚିକିତ୍ସା ସେବା ଯୋଗାଉଛନ୍ତି । ସିଟି ସ୍କାନ, ଆଲଟ୍ରା ସାଉଣ୍ଡ, ଇସିଜି, ଲେପ୍ରୋସ୍କପି, ରଞ୍ଜନ ରଶ୍ମୀ, ଆଇକ ମାଧ୍ୟମରେ ଦ୍ୱାରା ରୋଗ ନିରୂପଣ କରି ଆବଶ୍ୟକ ଅସ୍ତ୍ରୋପଚାର କରାଯିବ। ଏନେଇ ଗ୍ରାମାଞ୍ଚଳ ସ୍ତରରେ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଡାକ୍ତରଙ୍କୁ ପରାମର୍ଶକରି ରୋଗୀମାନେ ନାମ ପଞ୍ଜୀକରଣ କରିଛନ୍ତି। କେବଳ ପଞ୍ଜୀକୃତ ହୋଇଥିବା ସମସ୍ତ ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ସମସ୍ତ ଚିକିତ୍ସା ସୁବିଧା ବିନା ମୂଲ୍ୟରେ ଯୋଗାଇ ଦିଆଯିବ। ସରକାର ପରିବର୍ତ୍ତନର ପରେ ପ୍ରଥମ ଥର ପାଇଁ ଏହି ବାୟୁ ସ୍ୱାସ୍ଥ୍ୟ ସେବା ଆରମ୍ଭ ହୋଇଛି ।

ଏହି ଶିବିରରେ ହଜାରରୁ ଉର୍ଦ୍ଧ୍ୱ ରୋଗୀ ପଞ୍ଜିକରଣ କରିଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ନବରଙ୍ଗପୁର ଭଳି ଉପାନ୍ତ ଅଞ୍ଚଳରେ ବିଶେଷ କରି ଅଶିକ୍ଷିତ ଓ ଆଦିବାସୀ ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବା ସହିତ ଚିକିତ୍ସା କ୍ଷେତ୍ରରେ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ।

## ୫ ଜଣଙ୍କୁ ଜୟଦେବ ପରିବେଶବିତ ସମ୍ମାନ



**ବାଲିଅନ୍ତା, ୭।୭ (ସଂଚାର ବ୍ୟୁରୋ) :** କାଞ୍ଚନ ଫାଉଣ୍ଡେସନ, ଗ୍ରୀନ ଜୟଦେବ ଫାଉଣ୍ଡେସନ, ଉତ୍କଳ ଜୟଦେବ ଫାଉଣ୍ଡେସନର ମିଳିତ ସହଯୋଗରେ ସପ୍ତାହ ବ୍ୟାପୀ ଚାଲିଥିବା ୭୬ତମ ବନ ମହୋତ୍ସବ ସପ୍ତାହ ଆଜି ଉଦଯାପିତ ହୋଇଯାଇଛି। ଏହି ଅବସରରେ ଆଜି ପ୍ରତାପଶାସନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯିବା ସହ ଛାତ୍ରଛାତ୍ରୀମାନଙ୍କୁ ଚାରା ବଣ୍ଟନ କରଯାଇଥିଲା। ଆୟୋଜିତ ସଭାରେ କାଞ୍ଚନ ଫାଉଣ୍ଡେସନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମାଜସେବୀ ଚକ୍ରଧର ନାୟକ, ସୁବ୍ରତ ମହାନ୍ତି, ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ ସିଦ୍ଧେଶ୍ୱର ମହାନ୍ତି, ଅଳକା ମିଶ୍ର ଓ ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତିଙ୍କୁ ଜୟଦେବ ପରିବେଶବିତ ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଏବଂ ପକ୍ଷାଘାତ ରୋଗ ବିଶାରଦ ହୋମିଓପ୍ୟାଥିକ ଡାକ୍ତର ନେତ୍ରାନନ୍ଦ ଭୋଇ, ପ୍ରଧାନ ଶିକ୍ଷକ ନାରାୟଣ ବେହେରା, କାହ୍ନୁଦାଶ,ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାଶ, ଯୁବନେତା ପ୍ରଦୀପ୍ତ କୁମାର ମହାନ୍ତି, ଟେମ୍ପୁଲସିଟି ଇନର ହ୍ୱିଲ ସଭାନେତ୍ରୀ ପିଙ୍କି ମହାନ୍ତି, କ୍ୟାପଟେନ ସୁବାଷ ଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରିବେଶ ସଂକ୍ରାନ୍ତୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ଲେଙ୍କା, ବିନୋଦ କୁମାର ସାହୁ, କୃଷ୍ଣପ୍ରିୟା ମାହାରି, ଦିପ୍ତିମୟୀ ପଣ୍ଡା,ଦିପ୍ତିମୟୀ ପୃଷ୍ଟି,ତପସ୍ୱିନୀ ଜେନା, ଡଲି ମଞ୍ଜରୀ ବରିହା, ଧରିତ୍ରୀ ସାହୁ, ଶକୁନ୍ତଳା ରାଉତ, ସାଗରିକା ମିଶ୍ର, ରତିବାଳା ନାୟକ, ସୌଦାମିନୀ ଖଟୁଆ,ହୃଷିକେଶ ସାହୁ, ମଞ୍ଜୁଶ୍ରୀ ଦାସ,ଅଶୋକ ଭୋଇ,ସତ୍ୟଭାମା ଦାସ, ଗୀତା ସାହୁ, ପ୍ରଭା ସାହୁ, ରଶ୍ମିତା ସାହୁ, ଓ ମିନତୀ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ସାନଖେମୁଣ୍ଡି କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ



**ବ୍ରହ୍ମପୁର, ୭।୭ (ସଂଚାର ବ୍ୟୁରୋ) :** ସାନଖେମୁଣ୍ଡି କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାଟପୁର ସ୍ଥିତ ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଆଗାମୀ ୧୧ ତାରିଖରେ କଂଗ୍ରେସର ଶୀର୍ଷ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ସଭାପତି , ଯୁବ ଓ ଛାତ୍ର କଂଗ୍ରେସର ସଦସ୍ୟ ସମେତ ବରିଷ୍ଠ କଂଗ୍ରେସ ନେତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ କିପରି ସଫଳ କରାଇବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସାନଖେମୁଣ୍ଡି କଂଗ୍ରେସ କମିଟିର ବହୁ ପଦାଧିକାରୀ ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ଦଫା ଦାବି ନେଇ ନାଉଗାଁ ରାଜସ୍ୱ ଅମଲା ସଂଘର କଳାବ୍ୟାଚ ପରିଧାନ



**ନାଉଗାଁ, ୭।୭ (ସଂଚାର ବ୍ୟୁରୋ) :** ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ୧୦ ଦଫା ଦାବି ନେଇ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ରାଜସ୍ୱ ଅମଲା ସଂଘର କର୍ମଚାରୀମାନେ ସୋମବାର କଳା ବ୍ୟାଚ ପରିଧାନ କରିଛନ୍ତି। କର୍ମଚାରୀମାନେ ଜୁଲାଇ ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପରିଧାନ କରିବେ ବୋଲି ନିଷ୍ପତି ହୋଇଛି। ଦାବି ପୂରଣ ନ ହେଲେ ଜୁଲାଇ ୧୪ ମଧ୍ୟରେ ଧର୍ମଘଟ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଉକ୍ତ ବ୍ଲକରେ ବିଭିନ୍ନ କାର୍ଯ୍ୟାଳୟରୁ ୧୩ ଜଣ କାଳ ବ୍ୟାଚ ପରିଧାନ କରିଥିବା ଜଣାଯାଇଛି। ସେଥିମଧ୍ୟରୁ ତହସିଲ କାର୍ଯ୍ୟାଳୟରେ ୮ଜଣ, ବ୍ଲକ କାର୍ଯ୍ୟାଳୟରେ ୪ ଜଣ ଓ ସିଡିପିଓ କାର୍ଯ୍ୟାଳୟରୁ ଜଣେ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣାଯାଇଛି।

### ଶିକ୍ଷକ ବଦଳି ପ୍ରତିବାଦ

## ସ୍କୁଲରେ ତାଲା ଠୁଙ୍କିଲେ ଗ୍ରାମବାସୀ





**ରାଇଘର, ୭।୭ (ସଂଚାର ବ୍ୟୁରୋ):** ସ୍କୁଲରୁ ବଦଳି ହୋଇଥିବା ପ୍ରଧାନ ଶିକ୍ଷକଙ୍କୁ ପୁନର୍ବାର ଯୋଗଦେବାକୁ ଦିଆନଯିବା ନେଇ ତୁରୁଡି ଗ୍ରାମବାସୀ ସ୍କୁଲରେ ତାଲା ମାରି ମୁଖ୍ୟ ଫାଟକ ସାମ୍ନାରେ ବିକ୍ଷୋଭ କରିଥିଲେ। ନୂଆରେ ଆସିଥିବା ପ୍ରଧାନ ଶିକ୍ଷକ ଯେ କି ଗତ ମାସ ୨୫ତାରିଖରେ ଯୋଗ ଦେଇଥିଲେ ସେହିଁ ଏଠାରେ ରହିବେ ଏହାଥିଲା ଗ୍ରାମବାସୀ ତଥା ଛାତ୍ରଛାତ୍ରୀଙ୍କ ଦାବି। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ ସ୍ଥାନୀୟ ବିଇଓ ବିକାଶ ଚନ୍ଦ୍ର ସରକାର। ଗ୍ରାମବାସୀ ତଥା ଛାତ୍ରୀଙ୍କୁ ବୁଝାଇବାକୁ ଚେଷ୍ଟା କରିବା ସହ ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଥିଲା ପୂର୍ବରୁ ଥିବା ପ୍ରଧାନ ଶିକ୍ଷକ ଦେଓ ଦାସ ଶତନାମି ସବୁବେଳେ ସ୍କୁଲକୁ ନିଶା ସେବନ କରି ଆସୁଥିଲେ। ସ୍କୁଲ ପରିବେଶ ଠିକ ରଖୁନଥିଲେ। ଗତବର୍ଷ ପିଲାମାନଙ୍କୁ ଡ୍ରେସ ଦେଇନଥିଲେ। ଏହିପରି ଅଭିଯୋଗ ମାନ ଆଣିବା ସହ ବର୍ତମାନ ନୂତନ ଭାବେ ଗତ ମାସ୨୫ ତାରିଖରେ ଯୋଗଦେଇଥିବା କ୍ରିଷ୍ଣା ପଦ ମଣ୍ଡଳ ହିଁ ଏଠାରେ ରୁହନ୍ତୁ। ମାତ୍ର କେଇଟାଦିନରେ କିପରି ପୁଣି ଥରେ ବଦଳି ତାଲିକା ବାହାରି ନିଜ ନିଜ ଜାଗାକୁ ଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିଠିକଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଥାଉକି ଗତ ମାସ ଅର୍ଥାତ ଜୁନ ମାସ ୧୬ ତାରିଖରେ ତୁରୁଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଚନ୍ଦାହାଣ୍ଡି ୟୁଜି ଉଚ୍ଚ ବିଦ୍ୟାଳୟ ବେହେରାମୁଣ୍ଡାକୁ ବଦଳି ନିର୍ଦ୍ଦେଶ ହୋଇଥିବା ବେଳେ ତେନ୍ତୁଳୀଖୁଣ୍ଟି ବ୍ଲକ ସ୍ଥିତ ଝରିଗୁମା କାଶୀ ପ୍ରସାଦ ସାହୁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ କୃଷ୍ଣପଦ ମଣ୍ଡଳଙ୍କୁ ତୁରୁଡି ଉଚ୍ଚ ବିଦ୍ୟଳୟକୁ ବଦଳି ନିର୍ଦ୍ଦେଶ ହୋଇଥିଲା। ଏହାପରେ ପ୍ରଧାନ ଶିକ୍ଷକ କୃଷ୍ଣପଦ ଜୁନ ୨୫ ତାରିଖରେ ତୁରୁଡ଼ି ଉଚ୍ଚ ବିଦ୍ୟାଳୟରେ ଯୋଗଦାନ କରି ପ୍ରଧାନ ଶିକ୍ଷକ ଭାବେ କାମ କରିଆସୁଥିଲେ। ପୁନର୍ବାର ଆଉ ଆଉ ଏକ ନିର୍ଦ୍ଦେଶ ଜିଲ୍ଲା ଶିକ୍ଷାଧିକାରୀ ଜୁଲାଇ ୩ ତାରିଖରେ କରିଥିଲେ ଯେ ପୂର୍ବରୁ ଥିବା ସ୍ଥାନକୁ ଯାଇ ଯୋଗ ଦେବାପାଇଁ। ଏହି ଖବର ପାଇ ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ଫାଟକରେ ତାଲା ପକାଇଥିବା ଜଣାପଡିଛି।

### ବର୍ଷା ଆଣିଲା ଉତ୍ସାହ

## ବେଉଷଣ ପାଇଁ ଚାଷୀ ତତ୍ପର



**କାକଟପୁର/ଅସ୍ତରଙ୍ଗ, ୭।୭ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ରଜ ଆରମ୍ଭରୁ ମୌସୁମୀ ବାୟୁର ପ୍ରଭାବରେ ସ୍ୱାଭାବିକ ବର୍ଷା ଆରମ୍ଭ ହୋଇଛି। ରଜ ଠାରୁ ପ୍ରାୟ ୧ମାସ ବ୍ୟାପି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଭଲ ବର୍ଷା ଲାଗି ରହିଥିବାରୁ ଅଞ୍ଚଳର ଚାଷୀ ମନରେ ହସ ଭରିଥିବା ଦେଖିବାକୁ ମିଳୁଛି। ସୂଚନା ଯୋଗ୍ୟ ଯେ ଗତବର୍ଷ ରଜ ପରେ ବର୍ଷା ଅଭାବରୁ ଚାଷ ଜମି ଶୁଖିଲା ପଡିବାରୁ ଚାଷୀ ମନରେ ଆଶଙ୍କା ବଢ଼ିଥିଲା। ମାତ୍ର ଚଳିତ ବର୍ଷ ଏଭଳି ପରିସ୍ଥିତିରୁ ଚାଷୀ ମୁକ୍ତି ପାଇଛି। ଯେଉଁ ଜମିଗୁଡିକରେ ବୁଣାବୁଣି ସରିଥିଲା ସେହି ଜମିରେ ଏବେ ସପ୍ତାହକ ମଧ୍ୟରେ ବିହୁଡା ଓ ବେଉଷଣ କାର୍ଯ୍ୟ କରାଯିବ ବୋଲି ଚାଷୀ ଏବେ ଠାରୁ ଅଣ୍ଟା ଭିଡିଛି। ସେହିପରି ଯେଉଁ ଜମିରେ ବୁଣାବୁଣି କାର୍ଯ୍ୟ ହୋଇ ପାରି ନଥିଲା ଲଗାଣ ବର୍ଷାରେ ହୁଡ଼ାକୁ ପାଣି ଲାଗିବାରୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୧୫ଗୋଟି ପଂଚାୟତରେ ଟ୍ରାକ୍ଟର ଯୋଗେ ଜମିକୁ ହଳ କରି ଧାନ ରୋଇବା ପାଇଁ ପ୍ରସ୍ତୁତ ହୋଇଛି। ଅନେକ ଚାଷ ଜମିରେ ଚାଷୀ ରୁଆ ପୋତା ମଧ ଆରମ୍ଭ କରିଛି। ଏକ ସମୟରେ ସମସ୍ତ ଜମି ଚାଷ ହୋଇ ରୁଆ ପୋତା ଆରମ୍ଭ ହୋଇଗଲେ ଧାନ ରୋଇବା ପାଇଁ ଶ୍ରମିକଙ୍କ ଅଭାବ ପରିଲକ୍ଷିତ ହେବ ବୋଲି ଚାଷୀ ମାନେ ଅନୁରୂପ ଭାବେ ଚିନ୍ତାରେ ଅଛନ୍ତି।

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତର ଲୋକେ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଚଳିତ ବର୍ଷାରେ ଧାନ ଚାଷ ପାଇଁ ପାଗ ଅନୁକୂଳ ହୋଇଥିଲା ବେଳେ ଯେଉଁ ତଳିଆ ଅଂଚଳରେ ବାଇଗଣ, କଖାରୁ, କଞ୍ଚାଲଙ୍କା, ଭେଣ୍ଡି, ଜହ୍ନି ଆଦି ପନିପରିବା ଚାଷ କରାଯାଇଥିଲା ବର୍ଷାର ପ୍ରଭାବରେ ସେହି ସବୁ ଚାଷ ଉଜୁଡି ପରିବା ଚାଷୀଙ୍କୁ କ୍ଷତି ପହଞ୍ଚାଇଛି। ଏଣୁ ବାଇଗଣ, ଭେଣ୍ଡି ଆଦି କଞ୍ଚା ପରିବା ଦର ଆକାଶଛୁଆଁ ହୋଇଛି। କେବଳ ଢିପ ସ୍ଥାନ ଅଂଚଳରେ ଉତ୍ପାଦିତ ପନିପରିବା ଖାଉଟିଙ୍କ ପାଖରେ ଖୁବ କମ୍ ପହଂଚୁଥିବାରୁ ଦର ଆକାଶ ଛୁଆଁ ହୋଇଛି। ଧାନ ଚାଷ ପାଇଁ ପର୍ଯ୍ୟାପ୍ତ ଜଳ ଆବଶ୍ୟକତା ଥିବା ହେତୁ ଏହି ବର୍ଷା ଧାନ ଚାଷୀଙ୍କୁ ଫାଇଦା ଦେଉଥିବା ପୁରୁଖା ଚାଷୀ ମାନେ କହିଛନ୍ତି।

## ରାଜସ୍ୱ ଅମଲା ସଂଘର କଳାବ୍ୟାଜ ପରିଧାନ



**ନବରଙ୍ଗପୁର, ୭।୭ (ସଂଚାର ବ୍ୟୁରୋ) :** ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତି ଅନୁସାରେ ଗତ ଜୁନ ୨୫ ତାରିଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ନବରଙ୍ଗପୁର ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତିଙ୍କ ନେତୃତ୍ୱରେ ଦଶଦଫା ଦାବି ସମ୍ବଳିତ ଦାବି ପତ୍ର ନବରଙ୍ଗପୁର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଯଦି ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ଦାବି ଗୁଡିକ ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରନ୍ତି, ତାହାହେଲେ ଜୁଲାଇ ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବ ବୋଲି ନିଷ୍ପତ୍ତି ହୋଇଥିଲା । ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଆଜି ନବରଙ୍ଗପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା କଳା ବ୍ୟାଜ୍ ପରିଧାନ କରି ସରକାରଙ୍କ ଚରମ ଅବହେଳାକୁ ବିରୋଧ କରିଥିଲେ । ପ୍ରକାଶଥାଉ କି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସଂଚାର
THE SANCHAR

# ବନ ମହୋତ୍ସବ: ଏବର୍ଷ ଲାଗିବ ସାଢ଼େ ୭ କୋଟି ଚାରା




**ଭୁବନେଶ୍ୱର,୭।୭ (ସଂଚାର ବ୍ୟୁରୋ):** ରାଜ୍ୟରେ ଜଙ୍ଗଲ ସମ୍ପଦର ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଆସୁଛି। ଏହି କାର୍ଯ୍ୟରେ କ୍ଷେତ୍ର କର୍ମଚାରୀ ଓ ଜନସାଧାରଣଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଏହି ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ କରାଯାଇଛି। ଆଜି ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନ ମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏହି ନୂତନ ପୁରସ୍କାର ଆଜିଠାରୁ ହିଁ ଲାଗୁ ହୋଇଛି। କାର୍ଯ୍ୟକ୍ରମରେ ଚଳିତ ବର୍ଷ ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ ପୁରସ୍କାର ଯୁଗ୍ମ ଭାବେ ପାଇଛନ୍ତି କଳାହାଣ୍ଡିର 'ତୁଲଙ୍ଗପଦର ବନ ସୁରକ୍ଷା ସମିତି' ଓ କରଞ୍ଜିଆ ଫରେଷ୍ଟ ଡିଭିଜନର 'ପାହାଡ଼ପୁର ବନ ସୁରକ୍ଷା ସମିତି'। ଉଭୟଙ୍କୁ ମିଳିତ ଭାବେ ୪ ଲକ୍ଷ ଟଙ୍କା ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି।

କଳାହାଣ୍ଡି ନର୍ଥ ଫରେଷ୍ଟ ଡିଭିଜନର ତୁଲଙ୍ଗପଦର ବନ ସୁରକ୍ଷା ସମିତି ବଜାରଗଡ ଜଙ୍ଗଲର ୫୦ ହେକ୍ଟର ଅଞ୍ଚଳରେ ଚାରା ରୋପଣ ମାଧ୍ୟମରେ ଏହି ଅବକ୍ଷୟପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର କରିପାରିଛନ୍ତି। ଏହି ସମିତିର ଉଦ୍ୟମ ଯୋଗୁଁ ଗତ ତିନି ବର୍ଷରେ ଏହି ଜଙ୍ଗଲରେ ବନାଗ୍ନି ଘଟଣା ଶୂନ ରହିଛି। ସେହିପରି କରଞ୍ଜିଆ ଫରେଷ୍ଟ ଡିଭିଜନର ପାହାଡ଼ପୁର ବନ ସୁରକ୍ଷା ସମିତି ବୁଢ଼ିପାଟ ଜଙ୍ଗଲର ୧୫୯ ହେକ୍ଟର ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରି ଜଙ୍ଗଲର ସୁରକ୍ଷା କରିଛନ୍ତି। ଗତ ୫ବର୍ଷ ମଧ୍ୟରେ ଏହି ଜଙ୍ଗଲରେ ଗୋଟିଏ ବି ବନାଗ୍ନି ଘଟଣା ଘଟିନାହିଁ। ଏଥିସହ ମନୁଷ୍ୟ-ହାତୀ ସଂଘର୍ଷ ଘଟଣା ମଧ୍ୟ ନିୟନ୍ତ୍ରଣକୁ ଆସିପାରିଛି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଏକ ସୁନ୍ଦର ଓ ସବୁଜ ଓଡ଼ିଶା ଗଠନ ସମ୍ପର୍କରେ କହିଛନ୍ତି ଯେ ୨୦୩୬ ସୁଦ୍ଧା ଭିଜନ ଓଡ଼ିଶା କାର୍ଯ୍ୟକ୍ରମରେ 'ସବୁଜ ଓଡ଼ିଶା' ଗଠନ ଏକ ପ୍ରମୁଖ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ ଓ ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ। ସବୁଜ ଓଡ଼ିଶା ଯୋଜନାରେ ଆଦିବାସୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଉଁଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣାରେ ଗତ ବର୍ଷ 'ଏକ୍ ପେଡ୍ ମା' କେ ନାମ' ଅଭିଯାନରେ ୬.୬୯ କୋଟି ଚାରା ରୋପଣ କରାଯାଇଥିଲା ଓ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତ ବର୍ଷ ଏହି ଅଭିଯାନରେ ସାଢ଼େ ୭ କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ବର୍ଷ ସରକାର ୧୯ ଲକ୍ଷ ତାଳଗଛ ରୋପଣ କରିଥିଲେ ଓ ଚଳିତ ବର୍ଷ ୧୮ ଲକ୍ଷ ତାଳ ଗଛ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିବା ପରେ ଆମ ଶିମିଳିପାଳ ଯୋଜନାରେ ରାଜ୍ୟ ସରକାର ଏଠାରେ ୫୦ କୋଟି ଟଙ୍କା ବ୍ୟୟରେ ବନ୍ୟପ୍ରାଣୀ ଓ ଉଦ୍ଭିଦର ସଂରକ୍ଷଣ ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ କରିଛନ୍ତି। ଶିମିଳିପାଳ ଭଳି ଜଙ୍ଗଲମାନଙ୍କରେ ନିଆଁ ଲାଗିବାକୁ ରୋକିବା ପାଇଁ ଏଆଇ ଆଧାରିତ ବନାଗ୍ନି ଚିହ୍ନଟ ବ୍ୟବସ୍ଥା କାର୍ଯ୍ୟକାରୀ କରିଯାଇଛି। ବନ୍ୟପ୍ରାଣୀ ସଂଘର୍ଷରେ ଲୋକଙ୍କ ମୃତ୍ୟୁ ହେଲେ ସହାୟତା ରାଶି ୬ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅନ୍ୟାନ୍ୟ କ୍ଷତିପୂରଣ ରାଶି ମଧ୍ୟ ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ ୨୦୨୫ ବନ ମହୋତ୍ସବର ବିଷୟବସ୍ତୁ ଚାରାରୋପଣ ପ୍ରୟାସକୁ ସେମାନଙ୍କର ମା'ଙ୍କ ପ୍ରତି ଉତ୍ସର୍ଗ କରିବାକୁ ଉତ୍ସାହିତ କରୁଛି। ପରିବେଶ, ଅର୍ଥନୀତି ଓ ମାନବ କଲ୍ୟାଣ ପାଇଁ ଜଙ୍ଗଲ ବହୁମୁଖୀ ହିତ ସାଧନ କରେ। ଜଳବାୟୁ ନିୟନ୍ତ୍ରଣ, ଜଳ ବିଶୋଧନ ଓ ଜୈବ ବିବିଧତା ସଂରକ୍ଷଣରେ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜୀବିକା ନିର୍ବାହରେ ସହାୟକ ହେବା ସଙ୍ଗେ ସଙ୍ଗେ କାଠ ଓ ଖାଦ୍ୟ ଭଳି ସମ୍ବଳ ପ୍ରଦାନ କରିଥାଏ। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ସ୍ୱାଗତ ଭାଷଣ ଦେଇଥିଲେ ଓ ବିଏମ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସୀତାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

● ମାଓ ବିରୋଧୀ ଅଭିଯାନରେ କନ୍ଧମାଳ ପୁଲିସକୁ ସଫଳତା

# ଆତ୍ମସମର୍ପଣ କଲେ ୩ ହାର୍ଡକୋର୍ ମାଓବାଦୀ



**ଫୁଲବାଣୀ,୭।୭(ସଂଚାର ବ୍ୟୁରୋ):** ମାଓ ବିରୋଧୀ ଅଭିଯାନରେ କନ୍ଧମାଳ ପୁଲିସକୁ ଆଉ ଏକ ସଫଳତା। ପୁଲିସ ନିକଟରେ ଆତ୍ମସମର୍ପଣ କଲେ ଦୁଇ ମହିଳା କ୍ୟାଡରଙ୍କ ସମେତ ତିନି ଜଣ ହାର୍ଡକୋର ମାଓବାଦୀ। ଏନେଇ ଆଜି ସ୍ଥାନୀୟ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ବିଜିଏନ ସଙ୍ଗଠନର ଡିଭିଜନାଲ କମିଟି ମେମ୍ବର ମାଦେ ବେତି ଓରଫ ଚମ୍ପା, କେକେବିଏନ ସଙ୍ଗଠନର ଏରିଆ କମିଟି ମେମ୍ବର ରାଜୁ ଦୋଡି ଓରଫ ଅଜୟ ଏବଂ ଆଡମେ ମାଧବୀ ଓରଫ ମଞ୍ଜୁ। ଚମ୍ପା ୨୦୦୯ରୁ ମାଓ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ଅଜୟ ୨୦୧୬ ଏବଂ ମଞ୍ଜୁ ୨୦୧୧ରେ ସାମିଲ ହୋଇଥିଲେ। ଏମାନେ ସମସ୍ତେ ଛତିଶଗଡ଼ କ୍ୟାଡରର ଏବଂ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ସକ୍ରିୟ ଥିଲେ। ଲାଲବାହିନୀର ଝାଡ଼ଖଣ୍ଡ-ଛତିଶଗଡ଼ କରିଡରକୁ ପୁନଃ ସକ୍ରିୟ କରିବା ଦିଗରେ ଏମାନେ କାମ କରୁଥିଲେ। ଅତୀତରେ ଘଟିଥିବା ଏକାଧିକ ମାଓ କାର୍ଯ୍ୟକଳାପରେ ଏମାନଙ୍କ ସମ୍ପୃକ୍ତି ଥିବା ଆଇଜି ସୂଚନା ଦେଇଛନ୍ତି। ସୁରକ୍ଷା ବାହିନୀ ପକ୍ଷରୁ ଲଗାତାର ମାଓ ବିରୋଧୀ ଅଭିଯାନ ଦ୍ୱାରା ହତୋତ୍ସାହିତ ହେବା ସାଙ୍ଗକୁ ସଙ୍ଗଠନର ଆଭିମୁଖ୍ୟ ପ୍ରତି ବିତସ୍ପୃହ ହୋଇ ପୁଲିସ ପାଖରେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି ତିନି ମାଓବାଦୀ। ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ପ୍ୟାକେଜ ମଧ୍ୟ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିବା ସେମାନେ କହିଛନ୍ତି। ଏମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ବାଲିଗୁଡ଼ା ଥାନା ଅଞ୍ଚଳରେ ପୁଲିସ ସହିତ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଜିଲ୍ଲାରେ ଲଗାତାର ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ଏବଂ ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୫୦ ତଳକୁ ଖସି ଆସିଥିବା ଆଇଜି ପ୍ରକାଶ କରିଛନ୍ତି। ଏହି ଅବସରରେ, ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ସହିତ ସରକାରଙ୍କ ଥଇଥାନ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସପି ହରିଶ ବି ସି ଏବଂ ୧୨୭ ସିଆରପିଏଫ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା ଉପସ୍ଥିତ ଥିଲେ।

## ମତ୍ସ୍ୟ ସେବା ଓ ଉଦ୍ୟାନ-କୃଷି ସେବା କ୍ୟାଡରର ପୁନର୍ବିନ୍ୟାସକୁ ଅନୁମୋଦନ

### ୨୮୪ ନୂତନ ପଦବୀ ସୃଷ୍ଟି

**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ମତ୍ସ୍ୟଚାଷ ସେବା ଓ ଓଡିଶା ଉଦ୍ୟାନ କୃଷି ସେବା କ୍ୟାଡରର ବିଭିନ୍ନ ପଦବୀଗୁଡ଼ିକର ପୁନଃବିନ୍ୟାସ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ରାଜ୍ୟ ସରକାର ମତ୍ସ୍ୟଚାଷ ଓ ଉଦ୍ୟାନ କୃଷି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧିର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ୨ଟି ସେବା କ୍ୟାଡରରେ ଅଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ, ମତ୍ସ୍ୟଚାଷ ସେବା କ୍ୟାଡରର ସମୁଦାୟ ପଦବୀ ସଂଖ୍ୟା ୮୩୫କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ପଦବୀ ସଂଖ୍ୟା ୬୧୮ ଥିବା ବେଳେ ଏହାଦ୍ୱାରା ୨୧୭ଟି ନୂତନ ପଦବୀ ସୃଷ୍ଟି ହୋଇଛି। ମତ୍ସ୍ୟ ସେବା କ୍ୟାଡରର ଅଧିକାଂଶ ପଦବୀଗୁଡ଼ିକ କ୍ଷେତ୍ର ସ୍ତରରେ ରହିଥାଏ। ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରି ୨୦୩୬ ସୁଦ୍ଧା ବାର୍ଷିକ ମତ୍ସ୍ୟ ଉତ୍ପାଦନ ୩୩ ଲକ୍ଷ ମେଟ୍ରିକ୍ ଟନ ହାସଲ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ମତ୍ସ୍ୟ ସେବା କ୍ୟାଡରର ଏହି ପୁନଃବିନ୍ୟାସ ଫଳରେ କ୍ଷେତ୍ରସ୍ତରଠାରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟ ସ୍ତରରେ ମତ୍ସ୍ୟଚାଷର ଅଭିବୃଦ୍ଧି ପାଇଁ ଅଧିକ ଅଧିକାରୀ ଉପଲବ୍ଧ ହୋଇପାରିବେ। ସେହିଭଳି ଉଦ୍ୟାନ କୃଷି ବିଭାଗରେ ପୁନଃବିନ୍ୟାସ କରାଯାଇ ୬୭ଟି ପଦବୀ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ପଦବୀ ସଂଖ୍ୟା ୪୦୩ ଥିଲା, ପୁନଃବିନ୍ୟାସ ପରେ ଏହା ୪୭୦କୁ ବୃଦ୍ଧି ପାଇଛି। ଏହାଦ୍ୱାରା ଉଦ୍ୟାନ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ଅଭିବୃଦ୍ଧି ହୋଇପାରିବ ବୋଲି ଆଶା କରାଯାଉଛି।

## ବ୍ରାହ୍ମଣୀ ନଦୀରେ ଫସିଲା ଗୋଠଛଡ଼ା ଦନ୍ତା

**ଢେଙ୍କାନାଳ,୭।୭ (ସଂଚାର ବ୍ୟୁରୋ) :** ନଦୀରେ ଫସିଗଲା ହାତୀ। ଢେଙ୍କାନାଳ ଡିହଡୋଳ ଫରେଷ୍ଟ ସେକ୍ସନ ବ୍ରାହ୍ମଣୀ ନଦୀରେ ଫସିଲା ଗୋଠଛଡା ଦନ୍ତା । ହଠାତ ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ପ୍ରଖର ସୁଅ ଆସିବାରୁ ଦନ୍ତାଟି ନଦୀରେ ଫସି ରହିଥିଲା । ଆଜି ଭୋର ସମୟରୁ ଏକ ୪୦ ଟିକିଆ ହାତୀପଲ ପରଜଙ୍ଗ ଅଞ୍ଚଳରୁ ନଦୀପାର ହୋଇ ହିନ୍ଦୋଳ ଅଞ୍ଚଳକୁ ଯାଉଥିଲେ । ସେହି ସମୟରେ ବ୍ରାହ୍ମଣୀ ନଦୀରେ ହଠାତ ଜଳସ୍ତର ବୃଦ୍ଧି ପାଇବା ସହ ପ୍ରଖର ସୁଅ ଆସିବାରୁ ଗୋଠରୁ ଦନ୍ତାଟି ଅଲଗା ହୋଇ ନଦୀ ସୁଅରେ ଫସିଯାଇଥିଲା। ହାତୀଟି କୂଳକୁ ଆସିବା ପାଇଁ ଚେଷ୍ଟା କରୁଥିବା ବେଳେ ସୁଅ ମୁହଁରେ ଥିବାରୁ ନଦୀର ଗଭୀର ଜଳରେ ଅଟକି ରହିଥିଲା। ତେବେ ହାତୀଟି ସୁରକ୍ଷିତ ବାହାରିକୁ ଚାଲିଆସିଥିଲା। ଏପଟେ ମାତିଲେ ହାତୀ, ଭାଙ୍ଗିଲେ ଘର। କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ୍‌ରେ ହାତୀପଲଙ୍କ ଉପଦ୍ରବରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବାଲିବନ୍ଧ ସେକ୍ସନରେ ୫୦, ଯୋଡ଼ାରେ ୨୦, ଚମ୍ପୁଆରେ ୨୬ ଓ ବାମେବାରୀ ସେକ୍ସନରେ ୪ଟି ହାତୀ ଥିବା ସୂଚନା ମିଳିଛି। ବିଭିନ୍ନ ସମୟରେ ହାତୀ ଗାଁଗଣ୍ଡାରେ ପଶି ଘର ଭାଙ୍ଗୁଛନ୍ତି। ପୁଣି କେତେବେଳେ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ୨୦ଟିକିଆ ହାତୀପଲ ବିଚାକୁଣ୍ଡି ଜଙ୍ଗଲରୁ ଆସି ଯୋଡ଼ା ପୌରାଞ୍ଚଳର ୯ ନମ୍ବର୍ ୱାର୍ଡ ବୁଲା ସାହିରେ ପଶି ୩ ଜଣଙ୍କ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏଥିସହ ଘରେ ଥିବା ଚାଉଳ, ଡାଲି ଆଦି ବି ହାତୀ ଖାଇ ଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ବିଚାକୁଣ୍ଡି ଜଙ୍ଗଲରୁ ଆସିଥିବା ହାତୀ ପଲରେ ୪ ଦନ୍ତା, ୯ ମାଈ ଓ ୭ଟି ଛୁଆ ହାତୀ ରହିଛନ୍ତି। ତେଣେ ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ପର୍ଯ୍ୟଟକଙ୍କୁ ବଞ୍ଚାଇବାକୁ ଯାଇ ଯୁବକ ମୃତ

● ଡ୍ରାଇଭର ସମେତ ୭ ଗୁରୁତର




**କୋଣାର୍କ , ୭।୭ (ସଂଚାର ବ୍ୟୁରୋ) :** କୋଣାର୍କ ରାମଚଣ୍ଡୀ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ୧୧ କେଭି ବିଦ୍ୟୁତ ଖୁଣ୍ଟିରେ ପିଟି ହୋଇଗଲା ପର୍ଯ୍ୟଟକଙ୍କ ଟ୍ରାଭେରା ଗାଡ଼ି। ଘଟଣା ଘଟିବା ପରେ ସଙ୍ଗେ ସଙ୍ଗେ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଚାଲିଗଲା ଜଣକର ଜୀବନ। ଅନ୍ୟପଟେ ଦୁର୍ଘଟଣାରେ ଗୁରୁତର ୬ ଜଣ ପର୍ଯ୍ୟଟକଙ୍କୁ ଗୋପ ମେଡିକାଲ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ମହାରାଷ୍ଟ୍ର ଓ ବିଶାଖାପାଟଣାରୁ ୧୧ ଜଣ ପର୍ଯ୍ୟଟକ ପରିବାର ସହ ମହାପ୍ରଭୁ ଜଗନ୍ନାଥଙ୍କ ସୁନାବେଶ ଦେଖିବାକୁ ଆସିଥିଲେ। ଆଜି ସକାଳୁ ପୁରୀରୁ ଏକ ଟ୍ରାଭେରା ଗାଡ଼ିକୁ ଭଡ଼ାରେ ନେଇ କୋଣାର୍କ ଅଭିମୁଖେ ବୁଲିବାକୁ ଆସୁଥିଲେ। ତେବେ ପୂର୍ବାହ୍ନ ପ୍ରାୟ ୧୦ ଟା ସମୟରେ ଉକ୍ତ ଯାତ୍ରୀବାହୀ ଟାଭେରା ଗାଡ଼ି ଚନ୍ଦ୍ରଭାଗା ନିକଟ ଇକୋରିଟ୍ରିଟ୍‌ରେ ଥିବା ବିଦ୍ୟୁତ୍ ଖୁଣ୍ଟ ସହ ପିଟି ହୋଇଯାଇଥିଲା। ଫଳରେ ଗାଡ଼ିରେ ଥିବା ୧୧ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ଡ୍ରାଇଭର ଓ ୬ ଜଣ ଯାତ୍ରୀ ଆହତ ହୋଇଥିଲେ। ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ଯୁବକ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସିବା ଫଳରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ଜଗତସିଂପୁର ଜିଲ୍ଲା ନାଉଗାଁର ରଞ୍ଜିତ ପଡ଼ିଆରୀ। ଡ୍ରାଇଭର ଜଣଙ୍କ ଗାଡ଼ିରେ ଫସି ରହିଥିବା ବେଳେ ନାଉଗାଁରୁ କୋଣାର୍କ ବୁଲିବାକୁ ଆସିଥିବା ତିନି ଜଣ ସାଙ୍ଗଙ୍କ ମଧ୍ୟରୁ ରଞ୍ଜିତ ତାଙ୍କୁ ଉଦ୍ଧାର କରିବା ବେଳେ ହଠାତ୍ ବିଦ୍ୟୁତ୍ ଖୁଣ୍ଟି ସଂସ୍ପର୍ଶରେ ଆସି ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ଡ୍ରାଇଭର ଓ ରଞ୍ଜିତଙ୍କୁ ଆଣି କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗୋପ ମେଡିକାରେ ଭର୍ତ୍ତି ହୋଇଥିବା ଅନ୍ୟ ୬ ଜଣ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ କୋଣାର୍କ ପୁଲିସ ଖବର ପାଇଁ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ।


## ଯୁକ୍ତ ଦୁଇ ପ୍ରଥମ ମେଧା ତାଲିକା ପ୍ରକାଶିତ, ଆଗରେ ରେଭେନ୍ସା



**ଭୁବନେଶ୍ୱର, ୭।୭ (ସଂଚାର ବ୍ୟୁରୋ) :** ପ୍ରକାଶ ପାଇଲା ଯୁକ୍ତ ଦୁଇ ପ୍ରଥମ ମେଧା ତାଲିକା। କଟ୍ ଅଫ୍ ମାର୍କରେ ରେଭେନ୍ସା ଆଗରେ ରହିଛି। କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଆଗରେ ରହିଛି। କଳାରେ ୮୧.୩୩ ପ୍ରତିଶତ, ବିଜ୍ଞାନରେ ୯୧.୮୩ ପ୍ରତିଶତ କଟ୍ ଅଫ୍ ମାର୍କ ରହିଛି। ସେହିପରି ବାଣିଜ୍ୟରେ ୮୦.୨୦ ପ୍ରତିଶତ କଟ୍ ଅଫ୍ ମାର୍କ ରହିଛି। ଆସନ୍ତାକାଲିଠାରୁ ୧୪ ତାରିଖ ମଧ୍ୟରେ ନାମଲେଖା ହେବ। ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରଛାତ୍ରୀମାନେ ନାଁ ଲେଖାଇପାରିବ। ଦୁଇଟି ପର୍ଯ୍ୟାୟ ନାମଲେଖା ପରେ ଖୁବ୍‌ଶୀଘ୍ର ପାଠପଢ଼ା ଆରମ୍ଭ କରିବାକୁ ପୂର୍ବରୁ ବିଭାଗ ନିଷ୍ପତ୍ତି ନେଇଥିଲା। ସେଇ ଆଧାରରେ ଆସନ୍ତା ଜୁଲାଇ ୨୪ରୁ ହେବ ପାଠ ପଢା। ଯୁକ୍ତ ୩ରୁ ଯୁକ୍ତ୨ କ୍ୟାମ୍ପସ ଅଲଗା ହେବା ନେଇ ଏବେ ବି ନିଷ୍ପତ୍ତି ହୋଇପାରିନାହିଁ। ଗଣଶିକ୍ଷା ବିଭାଗ ଉଚ୍ଚଶିକ୍ଷା ବିଭାଗ ସହ କଥା ହୋଇ କ୍ୟାମ୍ପସ୍ ଅଲଗା କରିବା ପାଇଁ ବ୍ୟବସ୍ଥା ଜାରି ରଖିଛି। ଶୀଘ୍ର ସମାଧାନ କରି ପଦକ୍ଷେପ ନିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

# ରତ୍ନ ଭଣ୍ଡାର ମରାମତି କାମ ଶେଷ:ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ





**ପୁରୀ,୭।୭ (ସଂଚାର ବ୍ୟୁରୋ) :** ମହାପ୍ରଭୁଙ୍କ ଅପାର କରୁଣା ,ଆଶୀର୍ବାଦ ଯୋଗୁଁ ଧାର୍ଯ୍ୟ ନୀଳାଦ୍ରି ବିଜେ ପୂର୍ବରୁ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି । ସର୍ବ ନିମ୍ନରେ ଏହା ଆସନ୍ତା ୨୦୦ ବର୍ଷ ପାଇଁ ସଂରକ୍ଷିତ । ମୋଟ ୯୫ ଦିନ ବା ୩୩୨ ଘଣ୍ଟା ୪୭ ମିନିଟ କାର୍ଯ୍ୟ କରାଯାଇଛି । ପୁରୁଣା ବିମ୍ କୁ ମିଶାଇ ମୋଟ ୨୧ ଟି ବିମ ଲଗାଯାଇଛି। ଆଜି ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ସମାପ୍ତ ହୋଇଛି ।ଗ୍ରାନାଇଟ ଚଟାଣ ନିର୍ମାଣ ସହ ଛାତରେ ୧୫ ଗୋଟି ଷ୍ଟେନଲେସ ଷ୍ଟିଲ ୱିମ ଲଗାଯାଇଛି। ବର୍ମାଟିକ କାଠରେ ଦ୍ୱାର ହୋଇଥିବା ବେଳେ ବାହାର ଭଣ୍ଡାର ଘର ଦୁଆର ରୁପା ଛାଉଣୀ କରାଯିବ। ଗଜପତି ମହାରାଜାଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ସମସ୍ତ କାର୍ଯ୍ୟ କରାଯାଇଅଛି । ପ୍ରାଥମିକ ଭାବେ ଅସ୍ଥାୟୀ ଭଣ୍ଡାର ଘରୁ ରତ୍ନ ଗୁଡିକୁ ସ୍ଥାନନ୍ତର କରାଯିବ। ଏହା ପରେ ରାଜ୍ୟ ସରକାରଙ୍କ ଉଚ୍ଚ ସ୍ଥରୀୟ କମିଟି ଗଠନ କରାଯାଇ ସ୍ୱତନ୍ତ୍ର ଏସଓପି ମାଧ୍ୟମରେ ରତ୍ନ ଭଣ୍ଡାର ର ରତ୍ନ ଗୁଡିକର ଗଣତି ମଣତି କାର୍ଯ୍ୟ କରାଯିବ ।

୧୪ଜୁଲାଇ ୨୦୨୪ ରତ୍ନ ଭଣ୍ଡାର ଖୋଲାଯାଇଥିଲା । ପ୍ରାଥମିକ ଭାବେ ପ୍ରଥମେ ବାହାର ରତ୍ନ ଭଣ୍ଡାରର ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା । ୨୦୨୪ ଅଗଷ୍ଟ ୨୩ତାରିଖରେ ଆଇରନ ସିନ୍ଦୁକ ସ୍ଥାନାନ୍ତର ହୋଇଥିଲା। ପରେ ସେପ୍ଟେମ୍ବର ୨୪ତାରିଖ ରେ ଏ ଏସ ଆଇ ଅଧିକାରୀ ମାନଙ୍କ ସ୍ୱତନ୍ତ୍ର ଟିମ ଯାଞ୍ଚ କରିଥିଲା । ଏହା ପରେ ରିପୋର୍ଟ ଆଧାରରରେ ୧୭ ଡିସେମ୍ବର ର କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହାକି ୨୮ ଏପ୍ରିଲ୨୦୨୫ ପର୍ଯ୍ୟନ୍ତ ଜାରି ରହିଥିଲା। ତେବେ ଭଣ୍ଡାର ମରାମତି କାର୍ଯ୍ୟା କରିବାକୁ ପ୍ରାୟ ୦୬ ମାସରୁ ଅଧିକ ସମୟ ଲାଗିଥିଲା।

ଲେଜର ସ୍କାନିଂ ଓ ଜିପିଆରଏସ ସର୍ଭେରୁ ମିଳିଥିବା ତଥ୍ୟ ଅନୁଯାୟୀ ସଂପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତି ଓ ଆଧାରରେ ଏଏସଆଇ ପକ୍ଷରୁ ସଂରକ୍ଷଣ ଓ ମରାମତି କାର୍ଯ୍ୟ କରାଯାଇଛି । ଦୁର୍ବଳ ଓ ଖରାପ ହୋଇଯାଇଥିବା ବାହାର୍ ରତ୍ନଭଣ୍ଡାର ପୁରୁଣା କବାଟ କଢ଼ାଯାଇ ବର୍ମା ଟିକ୍ କାଠରେ ଦ୍ୱାର କରାଯାଇଛି ।

ଏହି ଦ୍ୱାରକୁ ରୂପା ଛାଉଣୀ କରାଯିବ। ସେହିପରି ଭିତର ରତ୍ନଭଣ୍ଡାର ଦ୍ୱାରକୁ ସୁନା ଛାଉଣୀ କରାଯିବ ।ଉଭୟ ଭିତର ଓ ବାହାର୍ ରତ୍ନଭଣ୍ଡାରରେ ତିନୋଟି ଲେଖାଏଁ ତାଲା ପକାଇ ଜଉମୁଦ ଦିଆଯାଇ ଚାବି ଉପଯୁକ୍ତ ସ୍ଥାନରେ ରଖାଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ସ୍ୱତନ୍ତ୍ର ଏସଓପି ଅନୁଯାୟୀ ଅସ୍ଥାୟୀ ଖଟ ଓ ଫୁଲ ଶେଯ ଘରେ ଥିବା ରତ୍ନ ଅଳଙ୍କାର ବାହାର ଓ ଭିତର ରତ୍ନଭଣ୍ଡାରକୁ ଅଣାଯିବ। ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ।

## ବିଲରେ କାମ କରୁଥିବା ବେଳେ ବଜ୍ରାଘାତ, ଦୁଇ ଚାଷୀଙ୍କ ମୃତ୍ୟୁ

**ଚାନ୍ଦବାଲି,୭।୭(ସଂଚାର ବ୍ୟୁରୋ):** ବଜ୍ରାଘାତ ଘଟି ଦୁଇ ଚାଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ମୃତ ଦୁଇ ଚାଷୀ ଭଦ୍ରକ ଜିଲ୍ଲା ପୀରହାଟ ଥାନା ହରସିଂପୁର ଚଣ୍ଡିସାହିର ବୋଲି ଜଣାପଡ଼ିଛି। ୫ ଜଣ ଚାଷୀ ବିଲରେ କାମ କରୁଥୁବା ସମୟରେ ହଠାତ ବଜ୍ରାଘାତ ଘଟିଥିଲା। ୫ ଜଣଙ୍କ ଭିତରୁ ୩ ଜଣ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଡିହିଡ଼ି ମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ଦୁଇ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ଗୁରୁତରଙ୍କୁ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ମୃତକଦ୍ୱୟ ହେଲେ ହରସିଂପୁର ଚଣ୍ଡିସାହିର ନାଲୁ ମହାରଣା ଓ ରୁଗୁଣା ମହାରଣା।

## କଇଁଛ ପିଠିରେ ଜଗନ୍ନାଥଙ୍କ ଚିତ୍ର ଆଙ୍କି ଅଡୁଆରେ ୟୁଟ୍ୟୁବର



**ବରଗଡ/ଭୁବନେଶ୍ୱର,୭।୭ (ସଂଚାର ବ୍ୟୁରୋ) :** ଭିୟୁଜ ନିଶାରେ ୟୁଟ୍ୟୁବର। ଅଧିକ ଭିୟୁଜ ପାଇଁ ଜଗନ୍ନାଥଙ୍କୁ ବି ଛାଡିଲେନି । କଇଁଛ ପିଠିରେ ଜଗନ୍ନାଥଙ୍କ ଚିତ୍ର ଆଙ୍କି ସୋସିଆଲ ମିଡିଆରେ ଭିଡିଓ ଅପଲୋଡ କଲେ । ଭିଡିଓ ଭାଇରାଲ ହେବା ପରେ ବିବାଦରେର ବରଗଡ଼ ଜିଲ୍ଲା ବିଜେପୁରର ୟୁଟ୍ୟୁବର ଆଶିଷ ମେହେର। ତାଙ୍କ ନାମରେ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ୍‌ଙ୍କ ନିକଟରେ ଅଭିଯୋଗ ହୋଇଛି ।

ସେ ଇଣ୍ଡିଆନ୍ ଫ୍ଲାପ୍ ସେଲ୍ କଇଁଛ ପିଠିରେ ରଙ୍ଗ ଓ ତୂଳୀରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଆଙ୍କି ଏକ ପୋଖରୀ ରେ ଛାଡୁଥିବାର ଦୃଶ୍ୟ ଭିଡିଓ ନିଜ ଫେସବୁକ ଆକାଉଣ୍ଟରେ ସେୟାର କରିଥିଲେ । ଏହାକୁ ଦେଖିବା ପରେ ଭୁବନେଶ୍ୱର ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ୍‌ଙ୍କ ନିକଟରେ ଅଭିଯୋଗ କରିଥିଲେ । ଏପରି କରିବା ବନ୍ୟପ୍ରାଣୀ ସୁରକ୍ଷା ଆଇନର ଖୋଲା ଉଲ୍ଲଂଘନ ବୋଲି ସୁଭେନ୍ଦୁ ମଲ୍ଲିକ ଅଭିଯୋଗ କରିଛନ୍ତି। ଦୋଷୀଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରିବା ପାଇଁ ସେ ଅନୁରୋଧ କରିଛନ୍ତି । ଅଭିଯୋଗ ପତ୍ରର ଏକ ନକଲ ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ର ଅତିରିକ୍ତ ମହାନିର୍ଦ୍ଦେଶକଙ୍କୁ ମଧ୍ୟ ଦେଇଛନ୍ତି । ଏହି ଘଟଣାକୁ ନେଇ ବରଗଡ଼ ଡିଏଫ୍‌ଓଙ୍କୁ ପଚରାଯିବାରୁ ଏହା ବିରୋଧରେ କୌଣସି ପ୍ରକାରର ଅଭିଯୋଗ ଆମ ପାଖକୁ ଆସିନାହିଁ ବୋଲି ସେ କହିଛନ୍ତି ।

ଇଣ୍ଡିଆନ୍ ଫ୍ଲାପ୍ ସେଲ୍ କଇଁଛ ବନ୍ୟପ୍ରାଣୀ ଆଇନରେ ସିଡ୍ୟୁଲ ୧ ତାଲିକାରେ ସଂରକ୍ଷିତ ଅଟେ। ଏହି ତାଲିକାରେ ସଂରକ୍ଷିତ ଜୀବ ଜନ୍ତୁଙ୍କୁ ଧରିବା ଓ ତାଙ୍କ ପ୍ରତି କ୍ରୁରତା ପ୍ରଦର୍ଶନ କରିବା ଏକ ଅପରାଧ ଅଟେ ଏବଂ ଏପରି ଅପରାଧ ପାଇଁ ୭ ବର୍ଷ ଯାଏଁ ଜେଲ ଦଣ୍ଡ , ଏକ ଲକ୍ଷ ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ଅଛି । ସ୍ନେକ ହେଲ୍ପ ଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, "ଫେସବୁକର ଗୋଟିଏ ରିଲ ଭିଡିଓ ମୋ ବନ୍ଧୁ ମୋତେ ପଠାଇଥିଲେ । ଜଣେ ଲୋକ କଇଁଛକୁ କେମିକାଲ କଲର ଦେଇ ଜଗନ୍ନାଥଙ୍କ ଚିତ୍ର କରିଛନ୍ତି । ପରେ କଇଁଛଟିକୁ ପୋଖରୀରେ ଛାଡି ଦେଉଥିବା ଭିଡିଓରେ ଦେଖିଥିଲି । ଏଇଟା ହେଉଛି ଏକ ଗୁରୁତର ଅପରାଧ । ଯାହା ଇଣ୍ଡିଆନ୍ ଫ୍ଲାପ୍ ସେଲ୍ କଇଁଛ ବନ୍ୟପ୍ରାଣୀ ଆଇନରେ ସିଡ୍ୟୁଲ 1 ତାଲିକାରେ ସଂରକ୍ଷିତ ଅଟେ । ଏନେଇ ମୁଁ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ୍‌ଙ୍କ ନିକଟରେ ଅଭିଯୋଗ କରିଛି ।"

# ପ୍ରଶାସନରେ ଏଆଇର ଉପଯୋଗ ତାଲିମ କର୍ମଶାଳା ଆରମ୍ଭ



**ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ):** ରାଜ୍ୟର ସରକାରୀ ଅଧିକାରୀମାନଙ୍କୁ 'କୃତ୍ରିମ ବୁଦ୍ଧିମତ୍ତା (ଏଆଇ)'ର ପ୍ରୟୋଗ ଉପରେ ବ୍ୟାବହାରିକ ତାଲିମ ଦେବା ନିମନ୍ତେ ଆଜିଠାରୁ ରାଜ୍ୟ କନଭେନ୍‌ସନ ସେଣ୍ଟରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ୱାଧୱାନି ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବେ

**ସରକାରୀ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ସରକାରଙ୍କ ଲକ୍ଷ୍ୟ**

ଏକ ୪ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ସରକାରୀ ଅଧିକାରୀମାନଙ୍କୁ ଏଆଇ'ର ପ୍ରୟୋଗ ଉପରେ ତାଲିମ ସମ୍ବନ୍ଧିତ ଏହା ଦ୍ୱିତୀୟ କର୍ମଶାଳା ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ଅଧିକାରୀମାନଙ୍କୁ ଏଆଇ ତାଲିମ ପ୍ରଦାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଓ ୱାଧୱାନି ଫାଉଣ୍ଡେସନର ଲକ୍ଷ୍ୟ ରହିଛି।

ଏଆଇ ସାହଯ୍ୟରେ ଡାଟା-ସମର୍ଥିତ ଦୃଷ୍ଟିଭଙ୍ଗୀ ଆପଣାଇ ବିଭିନ୍ନ ସରକାରୀ ବିଭାଗ ଜନସେବା ବିତରଣ ବ୍ୟବସ୍ଥାକୁ କିଭଳି ପ୍ରଭାବୀ ଢଙ୍ଗରେ ପରିଚାଳିତ କରିପାରିବେ, ତାହା ଥିଲା ଏହି କର୍ମଶାଳାର ମୌଳିକ ଲକ୍ଷ୍ୟ। ପ୍ରମୁଖ ଶାସନ ସଚିବ ଶ୍ରୀ ଦେବଙ୍କ ଉପସ୍ଥିତିରେ ସିଏମ୍‌ଜିଆଇ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ସମସ୍ତ ବିଭାଗୀୟ ଅଧିକାରୀ, ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା ଓ ୱାଧୱାନି ଫାଉଣ୍ଡେସନର ପ୍ରତିନିଧି ପ୍ରମୁଖ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।

ଶାସନ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ ସହ ସାଧାରଣ ଜନତାଙ୍କ ଯୋଗାଯୋଗ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ପାଇଁ ଏଆଇ ସକ୍ଷମ ବୋଲି ଉଲ୍ଲେଖ କରି ପ୍ରମୁଖ ଶାସନ ସଚିବ ଶ୍ରୀ ଦେବ କହିଥିଲେ ଯେ ଆଜି ଯାହା କଷ୍ଟକର ମନେ ହେଉଛି, ଏଆଇ'ର ପ୍ରୟୋଗ ମାଧ୍ୟମରେ ଆସନ୍ତାକାଲି ତାହା ସହଜସାଧ୍ୟ ହେବ। ଏଥିସହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଘଟୁଥିବା ଦ୍ରୁତ ନବସୃଜନ ଯୋଗୁଁ ଏଆଇ ସମ୍ପର୍କରେ ସରକାରୀ ଅଧିକାରୀମାନେ ଜାଣିବା ଓ ବୁଝିବା ନିତାନ୍ତ ଜରୁରୀ। ଏଆଇ ସାହାଯ୍ୟରେ ସରକାରୀ ବ୍ୟବସ୍ଥାକୁ ଅଧିକ ଉନ୍ନତ, ଦ୍ରୁତ ଓ ଅଧିକ ପାରଦର୍ଶୀ କରାଯାଇପାରିବ ବୋଲି ସେ କହିଥିଲେ। ଓଡ଼ିଶାକୁ ଜାତୀୟ ସ୍ତରରେ ଏକ ନେତୃସ୍ଥାନୀୟ ସ୍ଥିତିକୁ ଆଣିବା ପାଇଁ ରାଜ୍ୟ ସରକାର ବହୁ ସିଦ୍ଧାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଇତିମଧ୍ୟରେ ରାଜ୍ୟ ନିଜର ସ୍ୱତନ୍ତ୍ର ଏଆଇ ପଲିସି ନେଇ ବିଜ୍ଞପ୍ତି ପ୍ରକାଶ କରିଛି। ଏଥିସହ ବିଭିନ୍ନ କ୍ଷେତ୍ର ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ 'ଓଡ଼ିଶା ଏ.ଆଇ. ମିଶନ' ମଧ୍ୟ ଆରମ୍ଭ କରାଯିବାକୁ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ନାସ୍‌କମ୍ ଓ ୱାଧୱାନି ଫାଉଣ୍ଡେସନ ସହ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରରେ ଏକ ଏଆଇ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ମଧ୍ୟ ପଦକ୍ଷେପ ନେବା ସହ ଇଣ୍ଡିଆ ଏଆଇ ମିସନ୍ ସହଯୋଗରେ ବିଭିନ୍ନ ବିଭାଗରେ ଏଆଇ ସମାଧାନର ବ୍ୟବସ୍ଥା କରାଯାଉଛି।

ସରକାରୀ ଅଫିସରମାନଙ୍କୁ ଏଆଇ ପ୍ରୟୋଗର ବ୍ୟାବହାରିକ ଜ୍ଞାନ ଦେବା ପାଇଁ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। କର୍ମଶାଳାର ବିଭିନ୍ନ ଅଧିବେଶନରେ ଜେନେରେଟିଭ ଏଆଇ ଟୁଲ୍ସ, ଜଟିଳ ବିଶ୍ଳେଷଣ ଓ କଣ୍ଟେଣ୍ଟ ଜେନେରେସନ୍‌ର ଉପଯୋଗିତା ଓ କାର୍ଯ୍ୟାନ୍ୱୟନ ନମୁନା ସମ୍ପର୍କରେ ଗଭୀର ଚିନ୍ତନ କରାଯାଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀ ଅଧିକାରୀମାନେ ବହୁ ଉପାଦେୟ ବାସ୍ତବତାଧର୍ମୀ ପ୍ରକଳ୍ପ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଦୁଇ ବିଦ୍ୟୁତ୍ ପ୍ରକଳ୍ପକୁ ପରିବେଶ ମଞ୍ଜୁରି

ନୂଆଦିଲ୍ଲୀ, ୭।୭: କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବିଶେଷଜ୍ଞ ଅନୁଶୀଳନ କମିଟି ପକ୍ଷରୁ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା। ଓଡ଼ିଶାରେ

## ଏନ୍ଏଲ୍ସି ଇଣ୍ଡିଆର ତଲାବୀରା, ଜିଏମ୍ଆର୍ ପାୱାର୍ର ସମ୍ପ୍ରସାରଣ




ରାଷ୍ଟ୍ରାୟତ୍ତ ଏନ୍ଏଲ୍ସି ଇଣ୍ଡିଆ ଓ ଘରୋଇ କମ୍ପାନି ଜିଏମ୍ଆର୍ ପାୱାର୍ର ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏନ୍ଏଲ୍ସି ଇଣ୍ଡିଆ ପକ୍ଷରୁ ଓଡ଼ିଶାରେ ସ୍ଥାପନ କରାଯାଉଥିବା ୮୦୦ ମେଗାୱାଟ୍ ବିଶିଷ୍ଟ ତଲାବୀରା ତାପଜ ବିଦ୍ୟୁତ୍ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ ପରିବେଶ ମଞ୍ଜୁରି ପ୍ରଦାନ କରାଯାଇଛି। ତଲାବୀରା ପ୍ରକଳ୍ପର ଉତ୍ପାଦନ କ୍ଷମତା ୨୪୦୦ ମେଗାୱାଟ୍ ଧାର୍ଯ୍ୟ କରାଯାଇଥିଲା। ଏହାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପରେ ପ୍ରକଳ୍ପର ଉତ୍ପାଦନ କ୍ଷମତା ୩୨୦୦ ମେଗାୱାଟ୍କୁ ବୃଦ୍ଧି ପାଇବ। ଏହା ହେଉଛି ଖଣି ପାଖାପାଖି ସ୍ଥାପନ କରାଯାଉଥିବା ଏକ ଅଲ୍ଟ୍ରା ସୁପରକ୍ରିଟିକାଲ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ। କାରଖାନାକୁ ସ୍ଥାପନ କରିବାର କାର୍ଯ୍ୟବରାଦ ଅନ୍ୟତମ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭେଲ୍ ହାସଲ କରିଛି। ସେହିପରି, ଜିଏମ୍ଆର୍ ଗ୍ରୁପ୍ ଅଧୀନରେ ପରିଚାଳିତ ହେଉଥିବା ଜିଏମ୍ଆର୍ ପାୱାର୍ର ସମ୍ପ୍ରସାରଣ ପ୍ରକଳ୍ପକୁ ମଧ ପରିବେଶ ମଞ୍ଜୁରି ପ୍ରଦାନ କରାଯାଇଛି। ଓଡ଼ିଶାରେ ଥିବା ଜିଏମ୍ଆର୍ ପାୱାର୍ର ଉତ୍ପାଦନ କ୍ଷମତା ୧୦୫୦ ମେଗାୱାଟ୍ ରହିଛି। ସେଥିରେ ଆଉ ୩୫୦ ମେଗାୱାଟ୍ କ୍ଷମତା ଯୋଡ଼ିବା ଲାଗି କମ୍ପାନି ପରିବେଶ ମଞ୍ଜୁରି ନିମନ୍ତେ ଆବେଦନ କରିଥିଲା। ଆମଦାନି କୋଇଲାକୁ ଏହି ପ୍ରକଳ୍ପରେ ବ୍ୟବହାର କରିବାକୁ ଜିଏମ୍ଆର୍ ଯୋଜନା ରଖିଛି।

ଗତ ଜୁନ୍ ୨୦ରେ ଅନୁଷ୍ଠିତ ହୋଇଥିବା ବିଶେଷଜ୍ଞ କମିଟି ବୈଠକରେ ଓଡ଼ିଶାରେ ରାଷ୍ଟ୍ରାୟତ୍ତ ଏନ୍ଟିପିସି ଲିମିଟେଡ୍ର ଦର୍ଲିପାଲି ସୁପର ଥର୍ମାଲ୍ ବିଦ୍ୟୁତ୍ ପ୍ରକଳ୍ପର ୮୦୦ ମେଗାୱାଟ୍ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକଳ୍ପ ଉପରେ ମଧ ଆଲୋଚନା ହୋଇଥିଲା। ତେବେ କମିଟି କମ୍ପାନିର ଆବେଦନକୁ ଫେରାଇ ଦେଇଥିଲା। ଟର୍ମ ଅଫ୍ ରେଫରେନ୍ସ (ଟିଓଆର୍)ରେ ସଂଶୋଧନ କରି ପୁଣି ଥରେ ଆବେଦନ କରିବାକୁ କମ୍ପାନିକୁ କୁହାଯାଇଥିଲା।

# ଆପଲ୍-ମାଇକ୍ରୋସଫ୍ଟକୁ ପଛରେ ପକାଇଲା ଏନଭିଡିଆ କମ୍ପାନୀ

ନୂଆଦିଲ୍ଲୀ, ୭।୭: ଚିପ୍ ନିର୍ମାଣକାରୀ କମ୍ପାନୀ ଏନଭିଡିଆ, ଆପଲ ଏବଂ ମାଇକ୍ରୋସଫ୍ଟକୁ ପଛରେ ପକାଇ ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀରେ ପରିଣତ ହୋଇଛି।ଏନଭିଡିଆର ବଜାର ମୂଲ୍ୟ ୩.୯୨ ଟ୍ରିଲିୟନ ଡଲାରରେ ପହଞ୍ଚିଛି, ଯାହା ଆପଲର ପୂର୍ବ ରେକର୍ଡ ୩.୯୧୫ ଟ୍ରିଲିୟନ ଡଲାର ଏବଂ ମାଇକ୍ରୋସଫ୍ଟର ବର୍ତ୍ତମାନର ମୂଲ୍ୟ ୩.୭ ଟ୍ରିଲିୟନ ଡଲାର ଠାରୁ ଅଧିକ। ପ୍ରଥମ ଥର ପାଇଁ ଏନଭିଡିଆ ବିଶ୍ୱସ୍ତରରେ ଶୀର୍ଷ ସ୍ଥାନ ହାସଲ କରିଛି। କୃତ୍ରିମ ବୁଦ୍ଧିମତା (ଏଆଇ)ର ବର୍ଦ୍ଧିତ ଚାହିଦା ଏନଭିଡିଆକୁ ନୂତନ ଶିଖରରେ ପହଞ୍ଚାଇଛି। ଏଆଇ ପ୍ରତି ନିବେଶକଙ୍କ ଉତ୍ସାହ ଶୀର୍ଷରେ ଅଛି ଏବଂ ଏନଭିଡିଆ ଏହି ଦୌଡ଼ର ସୁପରଷ୍ଟାର ଭାବରେ ଉଭା ହୋଇଛି। କମ୍ପାନୀର ହାଇ-ଟେକ୍ ଚିପ୍ସ ବଡ଼ ଏଆଇ ମଡେଲଗୁଡ଼ିକୁ ତାଲିମ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି କାରଣରୁ ମାଇକ୍ରୋସଫ୍ଟ, ଆମାଜନ, ମେଟା, ଆଲ୍ଫାବେଟ ଏବଂ ଟେସ୍ଲା ଭଳି ଟେକ୍ ଜାଏଣ୍ଟମାନେ ସେମାନଙ୍କର ଏଆଇ ଡାଟା ସେଣ୍ଟର ପାଇଁ ଏନଭିଡିଆର ପ୍ରୋସେସର ଉପରେ ନିର୍ଭର କରନ୍ତି। ଏହି କମ୍ପାନୀଗୁଡ଼ିକର ଚାହିଦା ଏନଭିଡିଆର ଚିପ୍ସର ଚାହିଦାକୁ ଆକାଶଛୁଆଁ କରିଛି। ୨୦୨୧ ରେ ଏନଭିଡିଆର ମୂଲ୍ୟ ପ୍ରାୟ ୫୦୦ ବିଲିୟନ ଡଲାର ଥିଲା। କିନ୍ତୁ ଚାରି ବର୍ଷ ମଧ୍ୟରେ କମ୍ପାନୀ ଆଠ ଗୁଣ ବୃଦ୍ଧି ସହ ୪ ଟ୍ରିଲିୟନ୍ ଡଲାର ଛୁଇଁବାକୁ ଯାଉଛି। ଏହି ମୂଲ୍ୟ କାନାଡା ଏବଂ ମେକ୍ସିକୋର ଷ୍ଟକ୍ ବଜାରର ମୋଟ ମୂଲ୍ୟଠାରୁ ଅଧିକ। କେବଳ ସେତିକି ନୁହେଁ, ଏନଭିଡିଆର ବଜାର ମୂଲ୍ୟ ବ୍ରିଟେନର ସମସ୍ତ ତାଲିକାଭୁକ୍ତ କମ୍ପାନୀର ମୋଟ ମୂଲ୍ୟଠାରୁ ମଧ୍ୟ ଅଧିକ ହୋଇଛି। ଏନଭିଡିଆ ର ସେୟାର ୨.୨% ବୃଦ୍ଧି ପାଇ ପ୍ରତି ସେୟାର ୧୬୦.୬ ଡଲାରରେ ପହଞ୍ଚିଛି। ଏହି ବୃଦ୍ଧି କମ୍ପାନୀକୁ ଏହାର ଆମେରିକୀୟ ଟେକ୍ ପ୍ରତିଦ୍ୱନ୍ଦ୍ୱୀ ଆପଲ ଏବଂ ମାଇକ୍ରୋସଫ୍ଟଠାରୁ ଆଗରେ ରଖିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଶ୍ୱସ୍ତରୀୟ ଶୁଳ୍କ ଘୋଷଣା ପରେ ଏପ୍ରିଲ ୪ରେ ଷ୍ଟକ୍ ବଜାରରେ କ୍ଷତି ସହିବା ପରେ ଏନଭିଡିଆ ବଡ଼ ପ୍ରତ୍ୟାବର୍ତ୍ତନ କରିଛି। କମ୍ପାନୀର ସେୟାର ସେହି ସମୟର ସର୍ବନିମ୍ନ ସ୍ତରରୁ ୬୮% ରୁ ଅଧିକ ଉପରକୁ ଉଠିଛି।




# ଚାଷୀଙ୍କ ସ୍ୱାର୍ଥ ସହ ସାଲିସ କରିବନି ଭାରତ

ନୂଆଦିଲ୍ଲୀ, ୭।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୬ ପ୍ରତିଶତ ପାଲଟା ଶୁଳ୍କ ଲଗାଇବାର ଧମକ ଦେଇ ଭାରତକୁ ଚାପରେ ରଖି ରାଜିନାମା କରିବାକୁ ଚାହୁଁଛନ୍ତି। କିନ୍ତୁ କୌଣସି ଚାପ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ। ଚାଷୀଙ୍କ ସ୍ୱାର୍ଥ ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି। କିଛି ଦିନ ପୂର୍ବେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ମଧ ସମାନ କଥା କହିଥିଲେ। ଗୋୟଲ କହିଥିଲେ ଯେ କୌଣସି ସମୟ ସୀମାକୁ ଦୃଷ୍ଟିରେ ରଖି ତରବରିଆ ଭାବେ ଭାରତ କିଛି କରିବାକୁ ଚାହୁଁନାହିଁ। ମୁକ୍ତ ବାଣିଜ୍ୟ ରାଜିନାମା ଉଭୟ ପକ୍ଷ ଲାଭ ଲାଭଦାୟକ ହେବା ଦରକାର। କେବଳ ଯୁକ୍ତିଯୁକ୍ତ ଓ ଭାରତକୁ ଲାଭ ମିଳୁଥିବା ରାଜିନାମା ଉପରେ ଆମେ ଧାନ ଦେଉଛୁ ବୋଲି ସେ କହିଥିଲେ। ଯେହେତୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି, ତେଣୁ ନିକଟ ଭବିଷ୍ୟତରେ ଆମେରିକା ଗସ୍ତ କରି ଆଲୋଚନା କରିବାର କୌଣସି ଯୋଜନା ନାହିଁ ବୋଲି ସେ କହିଥିଲେ। ପାଲଟା ଶୁଳ୍କ ଲଗାଇବା ଲାଗି ଚଳିତ ମାସ ୯ ପର୍ଯ୍ୟନ୍ତ ଟ୍ରମ୍ପ ସମୟ ଦେଇଥିଲେ। ସେହି ତାରିଖ ଦ୍ରୁତ ଗତିରେ ପାଖେଇ ଆସୁଥିବା ବେଳେ ସମ୍ଭାବ୍ୟ ଚଢ଼ା ଟିକସକୁ ଏଡ଼ାଇବା ଲାଗି ନିକଟରେ ଭାରତର ଏକ ପ୍ରତିନିଧି ଦଳ ନିର୍ଧାରିତ ସମୟଠାରୁ ଅଧିକ ଦିନ ୱାସିଂଟନରେ ରହି ଆମେରିକୀୟ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ କୌଣସି ନିଷ୍ପତ୍ତି ହୋଇନପାରିବାରୁ ସେହି ପ୍ରତିନିଧି ଦଳ ଭାରତ ଫେରିଆସିଥିଲେ। ଶିଳ୍ପ ସାମଗ୍ରୀ, ଇଲେକ୍ଟ୍ରିକ ଯାନ (ଇଭି), ମଦ, ପେଟ୍ରୋରସାୟନ, ଦୁଗ୍ଧ ଓ କୃଷିଜାତ ଉତ୍ପାଦ ଉପରୁ ଭାରତ ଟିକସ କମ୍ କରୁ ବୋଲି ଆମେରିକା ଦାବି କରୁଛି। ଏଭଳି କେତେକ ଜିନିଷ ଉପରୁ ଟିକସ କମାଇବାକୁ ଆମେରିକା କହୁଛି ଯାହା ଭାରତରେ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଅନ୍ୟ ପକ୍ଷରେ ବୟନ ସାମଗ୍ରୀ, ଗହଣା ଓ ରତ୍ନପଥର, ଚମଡ଼ା ସାମଗ୍ରୀ, ଚିଙ୍ଗୁଡ଼ି, କଦଳୀ, ଅଙ୍ଗୁର ଉପରୁ ଟିକସ କମାଇବା ଲାଗି ଭାରତ ପକ୍ଷରୁ ଆମେରିକା ନିକଟରେ ଦାବି କରାଯାଇଛି। କିନ୍ତୁ କୃଷି ଓ ଦୁଗ୍ଧଜାତ ସାମଗ୍ରୀ ବର୍ତ୍ତମାନ ସବୁଠାରୁ ଜଟିଳ ପ୍ରସଙ୍ଗ ହୋଇରହିଛି। ଏହା ଉପେ ସହମତି ହୋଇପାରୁନାହିଁ। ଜିଏମ୍ ଫସଲକୁ ମଧ ଆମେରିକା ଭାରତ ପଠାଇବାକୁ ଚାହୁଁଛି, ଯାହାକୁ ଭାରତ ପସନ୍ଦ କରୁନାହିଁ।



## ଆମେରିକା ସହ ତରବରିଆ ରାଜିନାମା ଚାହୁଁନୁ

# ୧୨ ଦେଶ ସହ ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ, ୭।୭: ଭାରତ ସରକାର ବିଶ୍ୱର ୧୨ଟି ଦେଶ ସହ ବାଣିଜ୍ୟ ରାଜିନାମା ନେଇ ପ୍ରତ୍ୟକ୍ଷ ଆଲୋଚନା କରୁଛନ୍ତି। ସେହି ଦେଶଗୁଡ଼ିକ ହେଉଛି ସାଉଦି ଆରବ, କତର, ଇସ୍ରାଏଲ୍, ଓମାନ, ସ୍ୱିଜରଲ୍ୟାଣ୍ଡ, ରୁଷ ଓ ଅଷ୍ଟ୍ରେଲିଆ। ଏହା ବ୍ୟତୀତ ୟୁରୋପୀୟ ସଂଘ, ତାଜିକିସ୍ତାନ, କାମ୍ବୋଡିଆ, ଉରୁଗୁଏ, ମାଳଦ୍ୱୀପ ଓ କୁଏତ୍ ସହ ମଧ କଥାବାର୍ତ୍ତା ଚାଲିଛି। ଏହି ଦେଶଗୁଡ଼ିକ ସହ ରାଜିନାମା ସ୍ୱାକ୍ଷର ହେବେ ତାହା ଦ୍ୱିପାକ୍ଷିକ କାରବାର ଏବଂ ନିବେଶ ବଢ଼ାଇବାରେ ସହାୟକ ହେବ। ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଥିବା ବେଳେ ଏକ ବିନିର୍ମାଣ ହବ୍ ହେବାକୁ ମଧ ଲକ୍ଷ୍ୟ ରଖିଛି। ସେହି ସ୍ୱପ୍ନ ସାକାର କରିବା ଲାଗି କମ୍ପାନି ନିବେଶକମାନଙ୍କ ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଆସନ୍ତା ୬ ମାସ ଭିତରେ କେତେକ ଦେଶର ଦ୍ୱିପାକ୍ଷିକ ନିବେଶ ଚୁକ୍ତି ଚୂଡ଼ାନ୍ତ ହୋଇଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଧରଣର ରାଜିନାମାକୁ ନିବେଶକମାନଙ୍କ ନିମନ୍ତେ ଅଧିକ ଆକର୍ଷଣୀୟ କରିବା ଲାଗି ଗତ ବଜେଟ୍ରେ ସରକାର କେତେକ ପଦକ୍ଷେପ ଘୋଷଣା କରିଥିଲେ। ୨୦୨୪ରେ ୟୁଏଇ ଓ ଉଜ୍ବେକିସ୍ତାନ ସହ ନିବେଶ ରାଜିନାମା ସ୍ୱାକ୍ଷର ହୋଇଥିଲା। କେନ୍ଦ୍ର ସରକାର ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମାରେ ନିବେଶକୁ ଏକ ଅଂଶ କରିବା ବଦଳରେ ସ୍ୱତନ୍ତ୍ର ଭାବେ ଦ୍ୱିପାକ୍ଷିକ ନିବେଶର ପ୍ରସାର କରିବାକୁ ଚାହୁଁଛନ୍ତି। ସେଥିରେ ନିବେଶକମାନଙ୍କ ଲାଗି ବିଭିନ୍ନ ସୁବିଧାସୁଯୋଗ ସମ୍ପର୍କରେ ବର୍ଣ୍ଣନା କରାଯାଇପାରୁଛି, ଯାହା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମାରେ ବିସ୍ତୃତ ଭାବେ ଜଣାଇବା ସମ୍ଭବ ହେଉନଥିଲା। କୌଣସି ପ୍ରକାର ବିବାଦକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଦେଶର ଆଇନଗତ ବ୍ୟବସ୍ଥା ଭିତରେ ସମାଧାନ କରିବା ଲାଗି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରାଯାଉଛି। ନିଜର ଅର୍ଥନୈତିକ ସ୍ୱାର୍ଥକୁ ବଜାୟ ରଖି କିଭଳି ଅଧିକରୁ ଅଧିକ ନିବେଶ ଅଣାଯାଇପାରିବ, ତାହା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି।



# ୧୦ ବର୍ଷରେ ଅର୍ଥନୀତି ତିନି ଗୁଣା ବଡ଼

ନୂଆଦିଲ୍ଲୀ, ୭।୭: ଏକ ଦଶନ୍ଧି ମଧ୍ୟରେ ଭାରତୀୟ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଘଟିଛି। ୨୦୧୪-୧୫ ପରଠାରୁ ତାହା ତିନି ଗୁଣା ବଡ଼ ହୋଇଛି। ସରକାରୀ ତଥ୍ୟ ଅନୁସାରେ ୨୦୧୪-୧୫ରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ପରିମାଣ ୧୦୬.୫୭ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୪-୨୫ ସୁଦ୍ଧା ତାହା ତିନି ଗୁଣା ବୃଦ୍ଧି ପାଇ ୩୩୧.୦୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଭୂରାଜନୈତିକ ସଙ୍କଟ, ବାଣିଜ୍ୟ ଲଢ଼େଇ, ନୀତିକୁ ନେଇ ଅନିଶ୍ଚିତତତା ଏବଂ ସୀମାପାର ନିବେଶରେ ହ୍ରାସ ଭଳି ବିଶ୍ୱରେ ଅନେକ ସମସ୍ୟା ଲାଗି ରହିଥିଲେ ମଧ୍ୟ ଭାରତ ଚମତ୍କାର ପ୍ରଦର୍ଶନ କରି ନିଜକୁ ଅନ୍ୟମାନଙ୍କଠାରୁ ଅଲଗା ବୋଲି ଦର୍ଶାଇବାରେ ସଫଳ ହୋଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖର୍ଚ୍ଚ ବଢ଼ୁଥିବା ସହ ଘରୋଇ ନିବେଶରେ ବୃଦ୍ଧି ଘଟୁଥିବାରୁ ଏହି ଉତ୍ସାହଜନକ ପ୍ରଦର୍ଶନ ଆଗାମୀ ଦିନରେ ମଧ୍ୟ ବଜାୟ ରହିବ। ୨୦୨୪-୨୫ରେ ଦେଶର ଅଭିବୃଦ୍ଧି ୬.୫ ପ୍ରତିଶତ ଥିଲା। ୨୦୨୫-୨୬ରେ ତାହା ୬.୩-୬.୮ ପ୍ରତିଶତ ହାରରେ ବଢ଼ିବ ବୋଲି ଆକଳନ କରାଯାଇଛି।

ଗୋଟିଏ ପଟେ ଅର୍ଥନୀତି ବଡ଼ ହୋଇଥିବା ବେଳେ ଅନ୍ୟ ପଟେ ଦରଦାମ୍ କବଳରୁ ଉଭୟ ବ୍ୟବସାୟିକ ସଂସ୍ଥା ଓ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ମିଳିଛି। ଗତ ମେ’ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭୫ ମାସର ସର୍ବନିମ୍ନ ସ୍ତର ୨.୮୨ ପ୍ରତିଶତକୁ ଖସିଆସିଛି। ସେହିପରି, ପାଇକାରୀ ମୁଦ୍ରାସ୍ଫୀତି ହାର ୧୪ ମାସର ନିମ୍ନ ସ୍ତର ୦.୩୯ ପ୍ରତିଶତକୁ ଖସିଛି। ପରିବାର ଉପରେ ସର୍ବାଧିକ ଚାପ ପକାଉଥିବା ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ କମ୍ ହୋଇଛି। ୨୦୨୧ ଅକ୍ଟୋବର ପରେ ଖାଦ୍ୟ ମୁଦ୍ରାସ୍ଫୀତି ସର୍ବନିମ୍ନ ରହିଛି। ଚଳିତ ବର୍ଷ ଫସଲ ଉତ୍ପାଦନ ଉତ୍ସାହଜନକ ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଥିବାରୁ ଖାଦ୍ୟ ଦାମ୍ ଆଗାମୀ ଦିନରେ କମ୍ ରହିବା ଆଶା କରାଯାଉଛି।

### କେତେ ବଡ଼ ହେଲା

| ଆର୍ଥିକ ବର୍ଷ | ଜିଡିପି (ଟଙ୍କାରେ) |
|---|---|
| ୨୦୧୪-୧୫ | ୧୦୬.୫୭ ଲକ୍ଷ କୋଟି |
| ୨୦୨୪-୨୫ | ୩୩୧.୦୩ ଲକ୍ଷ କୋଟି |

## ରିଜର୍ଭ ବ୍ୟାଙ୍କର ସୁଧ ନିଷ୍ପତ୍ତି

# ଗଭର୍ଣ୍ଣରଙ୍କ ଟାଇରୁ ମିଳେ ସଙ୍କେତ




ମୁମ୍ବାଇ, ୭।୭: ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି ସମୀକ୍ଷା ବେଳେ କ’ଣ ନିଷ୍ପତ୍ତି ନେବ ତାହାକୁ ନେଇ ପୂର୍ବରୁ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇଥାଏ। ସୁଧ ହାର କମିବ ନା ବଢ଼ିବ ନା ଅପରିବର୍ତ୍ତିତ ରହିବ। ମୁଖ୍ୟତଃ ଏହି ତିନି ପ୍ରକାର ପୂର୍ବାନୁମାନ କରାଯାଇଥାଏ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥାଏ ଏକ ରିପୋର୍ଟ କହୁଛି ଯେ ମୁଦ୍ରାନୀତିର ନିଷ୍ପତ୍ତିର ସଙ୍କେତ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ପିନ୍ଧୁଥିବା ଟାଇ ଓ ସେ ନିଜ ଅଭିଭାଷଣରେ ବ୍ୟବହାର କରୁଥିବା ଶବ୍ଦରୁ ମିଳିଥାଏ। ଯଦିଓ ଟାଇର ରଙ୍ଗ ସହିତ ନିଷ୍ପତ୍ତିର କୌଣସି ସିଧାସଳଖ ସମ୍ପର୍କ ନାହିଁ, କିନ୍ତୁ ତାହା ଏକ ସଂଯୋଗ ବୋଲି କୁହାଯାଇପାରିବ। ଟାଇ ରଙ୍ଗକୁ ମୁଖ୍ୟତଃ ଚାରିଟି ଭାଗରେ ବିଭକ୍ତ କରାଯାଇଛି। ଲାଲ, କମଳା ରଙ୍ଗକୁ ଉତ୍ସାହଜନକ, ନୀଳକୁ ହାଲୁକା, କଳାକୁ ଗାଢ଼ ଏବଂ ଏକାଧିକ ରଙ୍ଗ ଥିବା ଟାଇକୁ ମିଶ୍ରିତ ରଙ୍ଗ ବର୍ଗରେ ରଖାଯାଇଛି। ଗଭର୍ଣ୍ଣର ଲାଲ ଟାଇ ପିନ୍ଧିଥିଲେ ସୁଧ ହାର ବଢ଼ିବାର ସଙ୍କେତ ମିଳେ। ନୀଳ ରଙ୍ଗର ଟାଇ କୌଣସି ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟର ସୂଚନା ଦିଏ। ହାଲୁକା ରଙ୍ଗର ଟାଇ କୌଣସି ପରିବର୍ତ୍ତନ ନ ହେବାକୁ ସୂଚାଇ ଥାଏ। ମିଶ୍ରିତ ରଙ୍ଗର ଟାଇ ମିଶ୍ରିତ ଫଳାଫଳର ସୂଚନା ଦେଇଥାଏ ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି, ଗଭର୍ଣ୍ଣରଙ୍କ ଅଭିଭାଷଣରେ ବ୍ୟବହାର ହେଉଥିବା ଶବ୍ଦ ସହିତ ମୁଦ୍ରାନୀତି ନିଷ୍ପତ୍ତିର ସମ୍ପର୍କ ଥିବା କୁହାଯାଇଛି। ଯେଭଳି ‘ଅଭିବୃଦ୍ଧି’ ଓ ‘ମୁଦ୍ରାସ୍ଫୀତି’ ଶବ୍ଦକୁ କିଭଳି ବ୍ୟବହାର କରାଯାଉଛି। ଗତଥର ସୁଧ ହାରରେ ୦.୫୦ ପ୍ରତିଶତ ହ୍ରାସ ଘୋଷଣା ବେଳେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ‘ଅଭିବୃଦ୍ଧି’ ଶବ୍ଦକୁ ୨୪ ଥର ବ୍ୟବହାର କରିଥିଲେ। ମୁଦ୍ରାସ୍ଫୀତି ସମ୍ପର୍କରେ ଅଧିକ ଆଲୋଚନା ସୁଧ ହାର ବଢ଼ିବାର ଆଶଙ୍କାକୁ ଦର୍ଶାଇଥାଏ।

# ‘ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ କରାନଯାଉ’

ଭୁବନେଶ୍ୱର, ୭।୭(ସଂଚାର ବ୍ୟୁରୋ): ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ କରାନ ଯାଇ ଏହାର ରାଷ୍ଟ୍ରାୟତ୍ତ ଚରିତ୍ରକୁ ବଜାୟ ରଖିବାକୁ ସର୍ବ ଭାରତୀୟ ଆଇଡିବିଆଇ ଅଫିସର ସଂଘ (ଏଆଇଆଇଡିବିଆଇଓଏ) ପକ୍ଷରୁ ଦାବି କରାଯାଇଛି। ଏଆଇଆଇଡିବିଆଇଓଏ ଭୁବନେଶ୍ୱର ଜୋନ୍ ପକ୍ଷରୁ ଆୟୋଜିତ ଏକ ବୈଠକରେ ସଂଘର ସାଧାରଣ ସମ୍ପାଦକ ବିଠଲ୍ କୋଟେଶ୍ୱର ରାଓ, ଭୁବନେଶ୍ୱର ଜୋନ୍ ସମ୍ପାଦକ ଗୌତମ ପଟ୍ଟନାୟକ, ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦେବବ୍ରତ ବେହେରା, ଏଆଇବିଓଏର କେନ୍ଦ୍ରୀୟ ପରିଷଦ ସଦସ୍ୟ ପ୍ରତ୍ୟୁଷ ମିଶ୍ର ଯୋଗଦେଇ ଏପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଇଡିବିଆଇ ବ୍ୟାଙ୍କରେ କେନ୍ଦ୍ର ସରକାରଙ୍କ ୪୫.୪୮ ପ୍ରତିଶତ ଅଂଶଧନ ରହିଛି। ଉଭୟ ସରକାର ଓ ଏଲ୍ଆଇସିର ମିଳିତ ଅଂଶଧନ ପରିମାଣ ୯୫ ପ୍ରତିଶତ ରହିଛି। ସରକାର ଏଲ୍ଆଇସିଠାରୁ କିମ୍ବା ବଜାରରୁ ୬ ପ୍ରତିଶତ ଅଂଶଧନ କିଣି ନିଜ ଅଂଶଧନକୁ ୫୧ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ ସଂଘ ଦାବି କରିଛି। ବ୍ୟାଙ୍କର ଘରୋଇକରଣ ହେଲେ କର୍ମଚାରୀ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେମାନେ ସରକାରଙ୍କୁ ନିବେଦନ କରିଛନ୍ତି।





## ସୁନା ଦର ଉଠାଣି



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୨୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ,୧୦୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୨୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୨୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୨୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୨୯୦ ଓ ୯୦ ହଜାର ୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୦ , ୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର ଉଠାଣି



ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ପଇସା ରହିଛି।

ସଂଚାର THE SANCHAR

● ଯାତାୟାତର ମୁଣ୍ଡ ବିନ୍ଧା ପାଲଟିଛି ପଜିଖମନ ପୋଲ ଦୁଇ ପାର୍ଶ୍ୱ ରାସ୍ତା

## ଲଗାଣ ବର୍ଷାରେ କୁମଖାଳ ଠାରୁ ସିନ୍ଧିବାହାଲୀ ରାସ୍ତା ବେହାଲ୍



**ଲାଞ୍ଜିଗଡ଼,୭।୭(ସଂଚାର ବ୍ୟୁରୋ):** ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଲାଞ୍ଜିଗଡ଼ ବ୍ଲକ କୁମଖାଳ ଛକ ଠାରୁ ସିନ୍ଧିବାହାଲୀ ରାସ୍ତା ଦୀର୍ଘ ବର୍ଷ ହେବ ମରାମତି ଅଭାବ କାରଣରୁ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାରୁ ପିଚୁ ଉଠି ଯାଇ ଅନେକ ସ୍ଥାନରେ ବଡ଼ ବଡ଼ ଖଲଖମା ସୃଷ୍ଟି ହୋଇଛି।ଏମିତିକି ଏହି ରାସ୍ତାର ପଜିଖମନ ପୋଲର ଦୁଇ ପକ୍ଷେ ଆଣ୍ଠୁଏ ଲେଖାଏଁ ଖାଲ ଓ କାଦୁଅ ପଚ ପଚ ହୋଇଥିବାରୁ ଲୋକେ ବାଇକରେ ଯାତାୟାତ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ରାସ୍ତାଟି କୁମଖାଳ ଛକ ଠାରୁ ପୁନିଗୁଡ଼ା ଦେଇ ସିନ୍ଧିବାହାଲୀ ପର୍ଯ୍ୟନ୍ତ ପ୍ରାୟ ୪.୧୦କି.ମି ବିଶିଷ୍ଟ ରାସ୍ତା ମରାମତି ଅଭାବ କାରଣରୁ ଶୋଚନୀୟ ହୋଇପଡ଼ିଛି।ନିର୍ମାଣ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସତେ ଯେମିତି ଭୁଲି ଯାଇଥିବା ଅଭିଯୋଗ ହେଉଛି।ଏବେ ବର୍ଷା ଦିନ ହୋଇଥିବାରୁ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଖଲଖମାରେ ପାଣି ଜମି ରହୁଥିବାରୁ ଲୋକେ ଯିବାଆସିବା ସମୟରେ ଖସି ପଡୁଛନ୍ତି। ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ମଧ୍ୟ ଆଶଙ୍କା ରହିଛି। ପ୍ରତିଦିନ ଏହି ରାସ୍ତାଦେଇ ଲୋକେ ବେଡ଼ାଗାଁ ଓ କୁମଖାଳ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ହାଟ ବଜାରକୁ ବିଭିନ୍ନ କାର୍ଯ୍ୟ ପାଇଁ ଯିବାଆସିବା କରୁଥିବାବେଳେ ପୁନିଗୁଡ଼ା, ସିନ୍ଧିବାହାଲୀ, ଗାରେଶ, ଦେହେଡ଼ା, ମନସ୍ତରା ସମେତ ଆଖପାଖ ଅଞ୍ଚଳର ଲୋକେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଓ ମେଡ଼ିକାଲ ସମେତ ବିଭିନ୍ନ କାର୍ଯ୍ୟାଳୟ ଓ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯିବାଆସିବା କରିବାରେ ନିର୍ଭର କରିଥାଆନ୍ତି। ତେବେ ଯାତାୟାତ ସମୟରେ ଅନେକ ହଟହଟା ହେଉଥିବା ଦେଖିବାକୁ ମିଳୁଛି।ତେଣୁ ଏହି ରାସ୍ତା ମରାମତି ଦିଗରେ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେବା ସହ ବର୍ଷା ଦିନ ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବାନେଇ ଦାବୀ ହେଉଛି।

● ଆଠ ଦିନ ହେଲା ଝାଡାବାନ୍ତି ଲାଗିରହିଛି

## ଶତାଧିକ ବ୍ୟକ୍ତି ଆକ୍ରାନ୍ତ, ବ୍ଲିଚିଂ ଦେଖିବାକୁ ସାତସପନ

**କଣାସ, ୭।୭(ସଂଚାର ବ୍ୟୁରୋ):** କଣାସ ବ୍ଲକରେ ଆଠ ଦିନ ହେଲା ଝାଡାବାନ୍ତି ପ୍ରତ୍ୟେକ ପଞ୍ଚାୟତରେ ଲାଗିରହିଥିବାରୁ ଝାଡାବାନ୍ତି ରୋଗୀ ଖଟିଆ ଅଭାବ ଯୋଗୁଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତଳେ ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ୨୦ର ଉର୍ଦ୍ଧ୍ୱ ଝାଡାବାନ୍ତି ରୋଗୀ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଥିଲା। ସିରେଇ ଗ୍ରାମର ସୋନାଲୀ ପେଣ୍ଠୋଇ ୨୩ ବର୍ଷ, ବିଣ୍ଡିପୁରର ସୌଦାମିନୀ ଭୁଜବଳ ୬୮ ବର୍ଷ, ଯାମଳଗୋଦା ଗ୍ରାମର ବନିତା ୪୦ ବର୍ଷ, ରୁଦ୍ଧିପୁର ଗ୍ରାମର ଯଶଦା ସେଠୀ ୨୦ ବର୍ଷ, ଚୁପୁରିଙ୍ଗି ଗ୍ରାମର କମଳା ସେଠୀ ୬୦ ବର୍ଷ, ଅଞ୍ଚିରା ଗ୍ରାମର ରଶ୍ମିତା ରାଉତ ୩୮ ବର୍ଷ, ବାଲିପଡ଼ା ଗ୍ରାମର ବାସନ୍ତୀ ପରିଡ଼ା ୩୭ ବର୍ଷ, ଟିଗିରିଆ ଗ୍ରାମର ବୃନ୍ଦାବନ ଜେନା ୮୦ ବର୍ଷ ୨୦ରୁ ଉର୍ଦ୍ଧ୍ୱ ଖଟିଆ ଓ ତଳେ ଶୋଇ ଚିକିତ୍ସିତ ହେଉଥିବାବେଳେ ଜଗନ୍ନାଥପୁର ଓବଂ ହରଷପଡ଼ା ଗ୍ରାମର ଅନେକ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଘରେ ରହି ଚିକିତ୍ସିତ ହେଉଥିବାବେଳେ ଆଜି ପୁରୀରୁ ଡାକ୍ତରୀ ଦଳ ଡାକ୍ତର ଶୀଲ୍ପୀ ଦାସ, ଡାକ୍ତର ସାବିତ୍ରୀ ରାଉତ, ଡାକ୍ତର ଯସ୍ମିନି ପଟ୍ଟନାୟକ କଣାସ ସ୍ୱାସ୍ଥ୍ୟ କେନ୍ଦ୍ରର



ଧନେଶ୍ୱର ସ୍ୱାଇଁ, ଜଗନ୍ନାଥପୁର ଓ ବିଜିପୁର ଗ୍ରାମକୁ ଯାଇ ରୋଗୀମାନଙ୍କୁ ଚିକିତ୍ସା କରିବା ସହିତ ଲୁଣା ନଦୀରୁ ପାଇପ ଯୋଗେ ଦୂଷିତ ଜଳ ଯୋଗୁଁ ଝାଡାବାନ୍ତି ବ୍ୟାପୁଥିବାରୁ ପାଇପ ଜଳ ଯୋଗାଣ ବନ୍ଦ କରି ଟ୍ୟାଙ୍କର ଯୋଗେ ଝାଡାବାନ୍ତି ହ୍ରାମ ମାନଙ୍କୁ ଜଳ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଣାସ ଅଞ୍ଚଳ ସାରା ଝାଟାବାନ୍ତି ଲାଗିରହିଥିବାବେଳେ କଣାସରେ ବ୍ଲିଚିଂ ପାଉଡର ସାତସପନ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଝାଡାବାନ୍ତି ଓାର୍ଡରେ ଦୁର୍ଗନ୍ଧରେ ନାକ ଠାଟି ପଡୁଥିବାବେଳେ ସେଥି ପ୍ରତି କେହି ଦୃଷ୍ଟି ଦେଉନଥିବାରୁ ରୋଗୀମାନଙ୍କ ସହାୟକମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଦିନକୁ ଦିନ ଗ୍ରାମକୁ ଗ୍ରାମ ଝାଡାବାନ୍ତି ବ୍ୟାପୁଥିବାର ଜଣାପଡ଼ିଛି। ମୂଖ୍ୟତଃ ପାନୀୟ ଜଳ ସମସ୍ୟାକୁ ନେଇ ଝାଡାବାନ୍ତି ବ୍ୟାପୁଥିବା ଡାକ୍ତରମାନଙ୍କଠାରୁ ପ୍ରକାଶ। ତଳେ ଶୋଇଥିବା ଫଟୋ ଇ ମେଲରେ ପଠାଗଲା

## କେବେ ନିଜ ଗାଁ ମାଟିକୁ ଫେରିବେ ଅପହୃତ ଯୁବକ?

# ୭ ଦିନ ବିତିଲା, ମା' ଆଖିରୁ ଶୁଖୁନି ଲୁହ



✪ ସାନ୍ତ୍ୱନା ବଦଳେ କମ୍ପାନୀ ଦେଉଛି ଧମକ 'ଚୁପ ରୁହ'
✪ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବୁ :- ପରିବାର

**ହିଞ୍ଜିଳିକାଟୁ,୭।୭(ସଂଚାର ବ୍ୟୁରୋ):** ଆଫ୍ରିକା ଦେଶ ମାଲିରେ ଚଳିତ ମାସ ୧ ତାରିଖରେ ଅଲ୍‌କାଏଦା ଆତଙ୍କବାଦୀ ଦ୍ୱାରା ୩ ଭାରତୀୟଙ୍କ ଅପହରଣ ଘଟଣା ସାମ୍ନାକୁ ଆସିଥିବାବେଳେ ଅପହୃତ ୩ ଭାରତୀୟଙ୍କ ମଧ୍ୟରେ ଜଣେ ଓଡ଼ିଆ ଯୁବକ ରହିଥିଲେ । ଅପହୃତ ଯୁବକ ମଧ୍ୟରୁ ଜଣେ ହେଉଛନ୍ତି ଗଂଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳିକାଟୁ ବ୍ଲକର ସମରଝୋଳ ଗ୍ରାମର ପି. ଭେଙ୍କଟରମଣ (୨୮) । ଘଟଣାକୁ ୭ଦିନ ବିତିସାରିଥିବା ପରେ ବି କୌଣସି ସୂତ୍ରରୁ ପୁଅର ଖବର ମିଳୁ ନାହିଁ ବୋଲି ଭେଙ୍କଟଙ୍କ ମା କହିଛନ୍ତି । ଇତି ମଧ୍ୟରେ ଦୁଇ ଦୁଇ ଥର ଥାନାର ଦ୍ୱାରସ୍ଥ ହେଲେଣି ଅପହୃତଙ୍କ ମା ' ପି. ନାର୍ସମା। ସୂଚନା ପ୍ରକାରେ, ପଶ୍ଚିମ ଆଫ୍ରିକାରେ ଏକ ସିମେଣ୍ଟ କମ୍ପାନୀରେ କାମ କରୁଥିବା ବେଳେ ହିଞ୍ଜିଳି ବ୍ଲକ ସମରଝୋଳ ଗ୍ରାମର ପି. ଭେଙ୍କଟ ରମଣ(୨୮)ଙ୍କୁ ସେଠାରୁ ଆତଙ୍କବାଦୀ ସଂଗଠନ ଅଲକାଏଦା ଦ୍ୱାରା ପରିଚାଳିତ ଫଜାମାତ୍ ନୁସରତ ଅଲ-ଇସଲାମ ମୁସଲମିନ' ଅପହରଣ କରିଥିଲେ । ଘଟଣାକୁ ୭ ଦିନ ବିତିଥିଲେ ବି ଯେଉଁ ଘରୋଇ କମ୍ପାନୀ ଫବ୍ଲୁ ଷ୍ଟାର' ତଥ୍ୟ ପ୍ରଦାନରେ ସହଯୋଗ କରିବା କଥା କିନ୍ତୁ ତାହା କରୁନାହିଁ । ଓଲଟା ଗଣମାଧ୍ୟମରେ କାହିଁକି ଘଟଣା ପ୍ରଘଟ କଲ ବୋଲି କମ୍ପାନୀ ତରଫରୁ ପରିବାରକୁ ଧମକ ମିଳୁଛି । ଆଗାମୀ ଦିନରେ ଏମିତିକି ପୁଅର କୌଣସି ଅସୁବିଧା ହେଲେ ଆମେ ଦାୟୀ ରହିବୁନି ବୋଲି ରୋକଠୋକ ଶୁଣାଇଛି ବୋଲି ମା' ଥାନାକୁ ଆସି ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ସବୁ ଆଡୁ ନିରାଶ ହେବା ପରେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବୁ ବୋଲି ପରିବାରବର୍ଗ ସୂଚନା ଦେଇଛନ୍ତି । ତେବେ ଏହି ଘଟଣାକୁ ନେଇ ରାଜ୍ୟ ଖଣିମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ସମେତ ବିରୋଧୀ ଦଳ ନେତା ତଥା ହିଞ୍ଜିଳିକାଟୁ ବିଧାୟକ ନବୀନ ପଟ୍ଟନାୟକ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପି. ଭେଙ୍କଟରମଣଙ୍କୁ ଆତଙ୍କବାଦୀଙ୍କ କବଳରୁ ଯଥାଶୀଘ୍ର ମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସେଇପରି ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର ସମେତ ଅନ୍ୟ ବିଜେପି ନେତା ପି. ଭେଙ୍କଟରମଣଙ୍କ ଘରେ ପହଁଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ହିଞ୍ଜିଳି ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର ସମେତ ବିଜେଡି ନେତା ପି. ଭେଙ୍କଟରମଣଙ୍କ ଘରେ ପହଁଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ଗଂଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ର ବି ପି. ଭେଙ୍କଟରମଣଙ୍କ ଘରେ ପହଁଚି ପରିବାର ଲୋକଙ୍କ ସହ ଆଲୋଚନା କରି ଏଦିଗରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା କହିଛନ୍ତି । ତେବେ ଏ ନେଇ ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀଙ୍କୁ ପଚାରିବାରୁ ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ସେ ଯୋଗାଯୋଗରେ ଅଛନ୍ତି, କିଛି ଅନୁସନ୍ଧାନ ମୂଳକ ତଥ୍ୟ ଆସିଲେ ପରିବାରବର୍ଗଙ୍କୁ ତୁରନ୍ତ ଜଣାଇବୁ ବୋଲି ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି ।

## ଆଗକୁ ବନ୍ୟା ଆଶଙ୍କା ▶ ୩ ମାସ ହେଲା ତହସିଲଦାର ପଦବୀ ଖାଲି ପଡିଛି

**ବୈଶିଙ୍ଗା,୭।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ସଦର ସବ ଡିଭିଜନ ଅଧିନରେ ବେତନଟୀ ତହସିଲ ଓ ବ୍ଲକ ର ପ୍ରଶାସନିକ ସେବା ଯେପରି ଗୁରୁତ୍ୱପୂର୍ଣ୍ଣ ସେହି ପରି ମଧ୍ୟ ସମ୍ବେଦନଶୀଳ । ଏହି ତହସିଲ ଅଧିନରେ ମୋଟ ୨୪ ଟି ଗ୍ରାପ ଥିବା ବେଳେ ୧୧ ଟି ଆର ଆଇ ସର୍କଲ ରହିଛି। ଏହା ସହିତ ଏଠାରେ ଉପ ନିବନ୍ଧକ ଙ୍କ କାର୍ଯ୍ୟାଳୟ ( ସବ ରେଜିଷ୍ଟର) ଥିଲେ ବି ଏଠାରେ ଗତ ଦୁଇ ବର୍ଷ ରୁ ଉର୍ଦ୍ଧ୍ୱ ହେବ ଏହି କାର୍ଯ୍ୟାଳୟ ର ଉପନିବନ୍ଧକଙ୍କ ପଦବୀ ଖାଲି ପଡିଥିବାରୁ ଏଠାକାର ତହସିଲଦାର ପଦବୀ ଖାଲି ପଡି ଥିବାରୁ ଜଣେ ମାତ୍ର ଥିବା ଅତିରିକ୍ତ ତହସିଲଦାର ଉଭୟ ପଦବୀର କାର୍ଯ୍ୟ ସହିତ ଉପ ନିବନ୍ଧକଙ୍କ କାର୍ଯ୍ୟ ତୁଲାଉ ଥିବା ଜଣାଯାଇଛି । ସବୁଠାରୁ ଅଧିକ ବେତନଟୀ ସହରାଞ୍ଚଳ ହୋଇଥିବା ହେତୁ ଅଧିକ ଜମି କିଣା ବିକା ଏହି ସହରାଞ୍ଚଳ ମଧ୍ୟରେ ହେବା ସହିତ ଗ୍ରାମାଞ୍ଚଳ ମାନଙ୍କରେ ମଧ୍ୟ ହୋଇଥାଏ । ବୃହତ ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ସହିତ ସରକାରଙ୍କର ବହୁ ବିଧ ଯୋଜନା ବ୍ଲକ ଓ ତହସିଲ ଅଧିନରେ ଚାଲିଥିବା ହେତୁ ପ୍ରତିଦିନ ଏହି ତହସିଲ ଅଧିନରେ ଜନ ସମାଗମ ହୋଇଆସୁଛି। ଏପରିକି ଛାତ୍ର ଛାତ୍ରୀ ମାନଙ୍କର ଏବଂ ଚାକିରୀ ଆବେଦନ ପାଇଁ ବିଭିନ୍ନ ପ୍ରମାଣ ପତ୍ର ପାଇଁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହୋଇଥିଲେ ବି ସରକାରଙ୍କ ଧାର୍ଯ୍ୟ ସମୟ ସୀମା ଅବଧି ମଧ୍ୟରେ ଏହା ମିଳି ପାରୁ ନ ଥିବା ଯୋଗୁଁ ଆବେଦନକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ମଧ୍ୟ ସିଭିଲ ମାମଲା ପାଇଁ ଆବଶ୍ୟକ ସାର୍ଟିଫାଏଡ କପି ଏଠାରେ ଜେଏମଏଫସି କୋର୍ଟ ଥିବା ହେତୁ ଠିକଣା ସମୟରେ ଆବେଦନକାରୀ ମାନେ ପାଇ ନ ପାରି କୋର୍ଟରେ ସମୟ ନେବାକୁ ବାଧ୍ୟ ହୋଇଥାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଘଟଣା ବେତନଟୀ ତହସିଲ ଅଧୀନରେ ବୁଢ଼ା ବଲଙ୍ଗ ନଦୀ ପ୍ରବାହିତ ହେଉଥିବା ଯୋଗୁଁ ଏବଂ ଏହା ବନ୍ୟା ପ୍ରବଣ ହେତୁ ଆଗକୁ ବନ୍ୟାଞ୍ଚଳ ଗ୍ରାପ ମାନଙ୍କରେ ବନ୍ୟା ଆଶଙ୍କା ଥିବା ହେତୁ ତହସିଲଦାର ପଦବୀ ଖାଲି ପଡି ଥିବା ଯୋଗୁ ବେତନଟୀ ବ୍ଲକ ର ବିଡିଓ ଏହି ତହସିଲର ତହସିଲଦାର ଦାୟିତ୍ୱରେ ମଧ୍ୟ ଅଛନ୍ତି ।

## ଲଳିତ ଦିଗାଲ ହେଲେ ବିଧାୟକ ପ୍ରତିନିଧି

**କନ୍ଧମାଳ,୭।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫୁଲବାଣୀ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ଭାବେ ଲଳିତ ଦିଗାଲଙ୍କୁ ବିଧାୟକ ଉମା ଚରଣ ମଲ୍ଲିକ ଚୟନ କରିଛନ୍ତି। ଏନେଇ ସେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଚିଠି ପ୍ରେରଣ କରି ଅବଗତ କରିଛନ୍ତି। ବିଧାୟକଙ୍କ ଅନୁପସ୍ଥିତିରେ ଲଳିତ ଦିଗାଲ ବ୍ଲକ ସ୍ତରୀୟ ସମସ୍ତ ବୈଠକରେ ଯୋଗ ଦେବା ସହିତ ବ୍ଲକର ଉନ୍ନତି ପାଇଁ ଉନ୍ନତି ମୂଳକ ପଦକ୍ଷେପ ସବୁ ନେଇପାରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି ।

## ସାଇବାବାଙ୍କ ବାର୍ଷିକ ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ



**ଯାଜପୁର ରୋଡ଼, ୭।୭(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ୱାର୍ଡ ନମ୍ବର -୧୬ ଉମାପଦା, ହାଉସିଂ ବୋର୍ଡ ସ୍ଥିତ ସିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ସାଇନାଥ ମହାରାଜଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ବଡ଼ ଧୁମଧାମରେ ଅନୁଷ୍ଠିତ ହୋଇଯାଇଅଛି। ପୂଜକଙ୍କ ଦ୍ୱାରା ପ୍ରଥମେ କଳସ ଯାତ୍ରା ପରେ ସୂର୍ଯ୍ୟପୂଜା, ଗୋପୁଜା, ଓ ଶାନ୍ତି ଯଜ୍ଞର ଆୟୋଜନ କରାଯାଇଥିଲା। ଏହି ପୂଜାର ମୁଖ୍ୟ ଉପଦେଷ୍ଟା ସମୀର କୁମାର ରାୟ ଓ ତାଙ୍କ ଧର୍ମପତ୍ନୀ ତନୁଶ୍ରୀ ରାୟଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ ବାବାଙ୍କୁ ପାଲିଙ୍କିରେ ସଜାଇ ବାଜା ବାଣ ରୋଷଣୀ, ଭଜନ କୀର୍ତନ ଶୋଭାଯାତ୍ରାରେ ସହର ପରିକ୍ରମା କରାଇଥିଲେ। ଏହି ପରିପ୍ରେକ୍ଷୀରେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ପାଲିଙ୍କି ଯାତ୍ରାରେ ସାମିଲ ହେଇଥିଲେ। ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ମଲିକଙ୍କ ତତ୍ୱାବଧାନରେ ହଜାର ହଜାର ଭକ୍ତ ଶୋଭାଯାତ୍ରାରେ ସାମିଲ ହେବା ସହିତ ଭକ୍ତ ମାନଙ୍କ ପାଇଁ ମିଷ୍ଟାନ ଭୋଗ ପ୍ରଦାନ କରାଯିବା ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପ୍ରତିବର୍ଷ ସାଇ ପରିବାର ପକ୍ଷରୁ ଏଭଳି ଏକ ଭବ୍ୟ ଆୟୋଜନ କରାଯାଉଥିବାରୁ ସହର ବାସି ଅନୁଷ୍ଠାନର ସମସ୍ତ କର୍ମକର୍ତାଙ୍କୁ ପ୍ରଶଂସା କରିଥିଲେ।

## ଓଡ଼ିଶା ରାଜସ୍ୱ ଅମଲା ସଂଘର କଳାବ୍ୟାଜ ପରିଧାନ



**ସୁବର୍ଣ୍ଣପୁର,୭।୭(ସଂଚାର ବ୍ୟୁରୋ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୁର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ର ନିଷ୍ପତି ଅନୁସାରେ ଗତ ଜୁନ ୨୫ ତାରିଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ସୁବର୍ଣ୍ଣପୁରର ଜିଲ୍ଲା ଅଧ୍ୟକ୍ଷ ନୀଳାମ୍ବର ଶତପଥୀଙ୍କ ନେତୃତ୍ୱରେ ଦଶଦଫା ଦାବି ସମ୍ବଳିତ ଦାବି ପତ୍ର ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ଓ ଯଦି ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ଦାବି ଗୁଡିକ ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରନ୍ତି, ତାହାହେଲେ ଜୁଲାଇ ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବ ବୋଲି ନିଷ୍ପତ୍ତି ହୋଇଥିଲା । ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଆଜି ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା କଳା ବ୍ୟାଜ୍ ପରିଧାନ କରି ସରକାରଙ୍କ ଚରମ ଅବହେଳା କୁ ବିରୋଧ କରିଥିଲେ। ପ୍ରକାଶଥାଉ କି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଦାବି ଗୁଡିକ ମଧ୍ୟ ରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସ୍‌ପି-୨୦୧୭ ନିୟମ ଅନୁଯାଇ ଲେବେଲ- ୯ କୁ ବୃଦ୍ଧି କରାଯାଉ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା:- ୮୮୯୮ ତାରିଖ- ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ କୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ ।

## ଲୋକନାଥ ବାବା ମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୭।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଲୋକନାଥ ବାବା ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଳ୍ପପତି ପ୍ରଶାନ୍ତ ସାହୁଙ୍କ ଅଧ୍ୟକ୍ଷତା ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପ୍ରାୟ ୧୫୦ଟି ବିଭିନ୍ନ କିସମ ର ଚାରା ରୋପଣ କରାଗଲା ଏବଂ କାର୍ଯ୍ୟକ୍ରମ ରେ ଗ୍ରାମର ବାବୁଲାଲ ପାଣ୍ଡିଆ, ଧୀରେନ୍ଦ୍ର ସାହୁ, ଶଙ୍କର ପ୍ରସାଦ ଭୋଇ, ରାମଗୋପାଳ ଭୋଇ, କୈଳାସ ରଣା, ହେମସାଗର କାଲସେ, ସଂଜୀବ ସାହୁ, ଭାଗିରଥି ମେହେର, ଚିନ୍ତାମଣି ମେହେର ବୁଟୁରୁ ସାହୁ, କଳାକାଁହୁ ବଢ଼େଇ ଏବଂ ଗ୍ରାମର ପ୍ରାୟ ୭୦ଜଣ ସଚେତନ ନାଗରିକ ସହଯୋଗ କରିଥିଲେ।
ବୃକ୍ଷ ହିଁ ଦେବତା ଏବଂ ସାଧୁ ଅଟନ୍ତି କାରଣ ସେମାନଙ୍କ ଦାନ ମାନବ ସମାଜ ପ୍ରତି ଅତୁଳନୀୟ କିନ୍ତୁ ସେମାନଙ୍କର ସେବା ଦରକାର, ଏହି ବିଷୟ କୁ ଗୁରୁତ୍ୱ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତା ଏବଂ ଆନନ୍ଦର ସହିତ ସମାପନ ହୋଇଥିଲା।

## ମନ୍ଦିର ବିଜେ ହେଲେ ଶ୍ରୀଦଧି ବାମନ ତିନି ଠାକୁର



**ସୁବର୍ଣ୍ଣପୁର,୭।୭(ସଂଚାର ବ୍ୟୁରୋ):** ଗତ କାଲି ବିଳମ୍ବିତ ରାତିରେ ଶ୍ରୀ ଦଧି ବାମନ ମହାପ୍ରଭୂ ଙ୍କ ରଥ ର ତିନି ଠାକୁର ରତ୍ନ ମଣ୍ଡପ ସୋନପୁର ଘୋଡ଼ା ଘାଟ ପଡ଼ା ରେ ପହଞ୍ଚିଲେ । ମଝିପଡ଼ା ଠାରୁ ରଥ ଟଣା ହୋଇ କଇଁଥତଳ ଛକ ଯାଏ ପ୍ରଭୂ ଙ୍କୁ ଶୃଙ୍ଖଳା ରେ ଅଣା ଯାଇଥିଲା । ପରେ ପରେ ମହାପ୍ରଭୁ ତିନି ଠାକୁର ଙ୍କୁ ଭଜନ ନାମ କିର୍ତ୍ତନ୍ୟ ସହ ବ୍ରାହ୍ମଣ ସମାଜ ପକ୍ଷରୁ ମହା ସମାରୋହରେ ପହଣ୍ଡି ରେ ରତ୍ନ ମଣ୍ଡପ କୁ ନିଆ ଯାଇଛି । ପହଣ୍ଡି ସମୟରେ ପ୍ରତି ଘର ଆଗରେ ପ୍ରଭୁ ଙ୍କୁ ପୂଜା ଅର୍ଚ୍ଚନା ଓ ଉପନ ଭୋଗ ଲାଗି କରଯାଇଛି । ମନ୍ଦିର ସମ୍ମୁଖ ରେ ପହଞ୍ଚିବା ପରେ ହଜାର ହଜାର ମହିଳା ଭକ୍ତ ଦୀପ ଜାଳି ଶହ ଶହ ପ୍ରକାରି ଉପନ୍ ଭୋଗ ଅର୍ପଣ ସହ ପ୍ରଭୁଙ୍କୁ ସ୍ୱାଗତ କରିଥିଲେ ।
ନାମ କୀର୍ତ୍ୟନ୍ୟ ଘଣ୍ଟ ଶଙ୍ଖ ହୁଳ ହୁଳୀ ରେ କମ୍ପି ଉଠିଥିଲା ଏ ଅଞ୍ଚଳ । ଭୋଗ ଲାଗି ପରେ ମହା ଆଳତୀ କରଯାଇଥିଲା ଓ ପ୍ରଭୁ ଙ୍କୁ ମନ୍ଦିର ବିଜେ କରାଯାଇଥିଲା । ବଡ ଏକାଦଶୀ ତିଥି ଥିବାରୁ ଅଧର ପଣା ଭୋଗ ଅର୍ପଣ ସହ ମଧ୍ୟ ରାତ୍ର ରେ ଦଧି ବାମନ ମନ୍ଦିର ରେ ମହା ଦୀପ ଉଠିଥିଲା । ଏ ସୁନ୍ଦର ମନୋରମ ଦୃଶ୍ୟ ସବୁ କୁ ଉପଭୋଗ ଓ ଦର୍ଶନ ପାଇଁ ପ୍ରବଳ ଭକ୍ତ ଙ୍କ ସମାଗମ ହୋଇଥିଲା । ଦେବୋତ୍ତର ବିଭାଗ ର ସଦସ୍ୟ ଶ୍ରୀବତ୍ସ ମଲ୍ଲିକ ଙ୍କ ସମେତ ମନ୍ଦିର କମିଟି ର ପ୍ରଦୀପ ବକ୍ସି, ତାରା ଭୂଷଣ ସାହୁ, କାର୍ତ୍ତିକ ପଧାନ, ଦଧି ବାମନ ପୁଝାରୀ, ଅଶୋକ ପୂଝାରୀ, କଲ୍ୟାଣ ପାଢ଼ୀ, ଶିବ ସରାଫ, ରବି ସରାଫ ପ୍ରମୁଖ ସମସ୍ତ ସଦସ୍ୟ ଏ କାର୍ଯ୍ୟ କ୍ରମ ରେ ସହଯୋଗ କରିଥିଲେ । ଜଣେ ଡି ଏସ ପି ଙ୍କ ନେତୃତ୍ୱ ରେ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ଗୁଣପୁର ସହରରେ ମିଳୁନି ବାଲି

● ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେଲେ ସ୍ଥାନୀୟ ଲୋକେ

**ଗୁଣୁପୁର,୭।୭(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଆଜି ଯୁଗ୍ମ ଜନସୁଣାନି ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଗୁଣପୁର ସହର ଓ ଆଖପାଖ ଅଞ୍ଚଳର ବାସିନ୍ଦା ମାନେ ସୁଦୂର ୮୦ କିଲୋମିଟର୍ ଦୂର ରୁ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ଜନସୁଣାନିରେ ଅଂଶ ଗ୍ରହଣ କରି ବାଲି ର ଘୋର ଅଭାବ ବିଷୟ ରେ ଅବଗତ କରି ଜିଲ୍ଲାପାଳ ଙ୍କ ସହ ଆଲୋଚନା କରି ବାଲି ର ସମସ୍ୟା ସମାଧାନ କରିବା ପାଇଁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ବାଲି ଅଭାବ ସମସ୍ୟା ରେ ହନ୍ତସନ୍ତ ହେଉଥିବା ଗୁଣୁପୁର ବାସିନ୍ଦା ମାନେ କହିବା ଅନୁଯାୟୀ ବଂଶଧାରା କୁଳ ର ଗୁଣୁପୁର, ବିକ୍ରମପୁର, ହରସିଂଗୁଡା ନିବାସୀ ବଂଶଧାରା କୁଳରେ ରହିଲେ ମଧ୍ୟ ପ୍ରଧାନ ମନ୍ତ୍ରୀ ଗୃହ ନିର୍ମାଣ ସକାଶେ ବାଲି ଟିକକ ପାଇବାରେ ବଂଚିତ। ଆବଶ୍ୟକ ସ୍ଥଳେ ବାହାରୁ ବାଲି ଟ୍ରାକଟର ପିଛା ୨୫୦୦ ବା ୩୦୦୦ ପୈଠ କରି ଆଣିବା ପାଇଁ ପଡୁଅଛି। କିନ୍ତୁ ଆମ୍ଭ ଗ୍ରାମ ନିକଟସ୍ଥ ବାଲି ଶଯ୍ୟା ଯାହା କି ଗୁଣୁପୁର ବାଲି ଶଯ୍ୟା -୧, ସେଇଠୁ ବାଲି ଉଠାଇବା ସମୟରେ କିଛି କୁଚକ୍ର ଗୋଷ୍ଠି ତୀବ୍ର ବିରୋଧ କରିଆସୁଛନ୍ତି। ତେଣୁ ଗୁଣୁପୁର ବାଲି ଶଯ୍ୟା -୧ ରୁ ଦୀର୍ଘଦିନ ହେବ ବାଲି ଉତ୍ତୋଳନ ସମ୍ଭବ ହେଉପାରିନାହିଁ। ଯଦିଓ ଗୁଣୁପୁର ବାଲି ଶଯ୍ୟା -୧ ରୁ ବାଲି ଉତ୍ତୋଳନ କରିଲେ ଗ୍ରାମ ର କୌଣସି କ୍ଷତି ହେବାର ସମ୍ଭାବନା ନାହିଁ। କିନ୍ତୁ ଅଯଥା ବିରୋଧ ଯୋଗୁଁ ଆମର ଅସୁବିଧା ହେବା ସହ ସର୍ବସାଧାରଣ ରେ ଆମେ ଅଞ୍ଚଳବାସୀ ବଦନାମ ହେବାକୁ ପଡୁଛି। ଦ୍ୱିତୀୟ ରେ ବାଲି ଅଭାବ ଯୋଗୁଁ ଇନ୍ଦିରା ଆବାସ ଗୃହ କରିପାରି ନାହାନ୍ତି ବୋଲି କହି ଜିଲ୍ଲାପାଳ ଙ୍କୁ ଲିଖିତ ନିବେଦନ ଜଣାଇଥିଲେ। ଜିଲ୍ଲାପାଳ ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କରି ଜରୁରୀ ପଦକ୍ଷେପ ଗ୍ରହଣ କରିବେ ଓ ଉଠାନ ରେ ଥିବା ସମସ୍ୟା ର ସମାଧାନ କରିବେ ବୋଲି ଜିଲ୍ଲାପାଳ କହିଥିଲେ।



## ସ୍ନାତକ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ



**କଣାସ,୭।୭(ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆଜି ବନ ମହୋତ୍ସବ ପାଳିତ ହୋଇଯାଇଛି। କଣାସ ବ୍ଲକର ତିପୁରୀ ଗ୍ରାମରେ ପ୍ରତିଷ୍ଠିତ ପଲ୍ଲୀ ବିକାଶ ସାଂସ୍କୃତିକ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଅପର୍ତ୍ତୀ ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଣାସ ଅତିରିକ୍ତ ତହସିଲିଦାର ଉପନ୍ଦ୍ରେ କୁମାର ସେଠୀ, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ ମୂଖ୍ୟ ଅତିଥୀଭାବେ ଯୋଗଦେଇ ପାଣିପାଗ ପରିବର୍ତ୍ତନ ଯୋଗୁଁ କିପରି ମଣିଷ ସମାଜ ଦୁର୍ଦ୍ଦଶା ଭୋଗ କରୁଛନ୍ତି ତାର ନିରାକାରଣ ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଯତ୍ନ ନେବା ସହିତ ଗ୍ରାମରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ପରାମର୍ଶ ଦେବାକୁ ଅତିଥୀମାନେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ନ୍ୟାସୀ ସୁବୁଦ୍ଧି ଓ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହିଥିଲେ।



# ନାରୀ



## ପେଟିକୋଟ୍ କାହାଣୀ

ପେଟିକୋଟ୍ ହେଉଛି ପୋଷାକର ଏକ ଅଂଶ ବିଶେଷ। ଏହା ଏକପ୍ରକାର ଅନ୍ତଃବସ୍ତ୍ର ଯାହା ଡ୍ରେସ୍ କିମ୍ବା ଶାଢ଼ୀ ତଳେ ପିନ୍ଧାଯାଏ। ଆଧୁନିକ ପ୍ରଚଳନରେ ପେଟିକୋଟ୍ ମହିଳାମାନଙ୍କ ଦ୍ୱାରା ପିନ୍ଧାଯାଉଥିବା ଏକ ଅନ୍ତବସ୍ତ୍ର ଅଟେ। ତେବେ ଚତୁର୍ଦ୍ଦଶ ଶତାବ୍ଦୀରେ ପୁରୁଷମାନେ ଲମ୍ବା କୋର୍ଟର ତଳେ ଆଉ ଗୋଟିଏ ଛୋଟ କୋର୍ଟ ପିନ୍ଧୁଥିଲେ, ଏହାକୁ ପେଟିକୋର୍ଟ କୁହାଯାଉଥିଲା। ୧୫ଶ ଶତାବ୍ଦୀର ମଧଭାଗରୁ ପ୍ରାୟ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ପେଟିକୋଟ୍ ଏକ ପ୍ରକାରର ପ୍ୟାଡେଡ୍ ୱେଷ୍ଟକୋଟ୍ କିମ୍ବା ଅଣ୍ଡରକୋଟ୍‌କୁ ବୁଝାଉଥିଲା ଯାହାକୁ ପୁରୁଷମାନେ ଶୀତ ମାସରେ ଉଷ୍ମତା ପାଇଁ ସାର୍ଟ ତଳେ ପିନ୍ଧୁଥିଲେ। ଏହାପରେ ମଧ୍ୟଯୁଗର ଶେଷ ଭାଗରେ ମଧ ମହିଳାମାନଙ୍କ ପୋଷାକର ଏକ ଅଂଶ ଭାବରେ ପେଟିକୋଟ୍ ବିକଶିତ କରାଯାଇଥିଲା, ଯାହା ଏକ ସ୍କର୍ଟ ଓ ଓଭରଗାଉନ୍ ଭାବେ ତଳେ ପିନ୍ଧାଯାଉଥିଲା। ୧୮ଶ ଶତାବ୍ଦୀ ବେଳକୁ ସମସ୍ତ ଶ୍ରେଣୀର ମହିଳା ପେଟିକୋଟ୍ ପିନ୍ଧୁଥିଲେ। ପେଟିକୋଟ୍‌କୁ ଡ୍ରେସର ଆକାର ଦେବା ପାଇଁ ମଧ ବ୍ୟବହାର କରାଯାଉଥିଲା। ୧୮୯୦ ଦଶକ ଆଡ଼କୁ ରଙ୍ଗୀନ ପେଟିକୋଟ ଫ୍ୟାସନ୍ ଦେଖିବାକୁ ମିଳିଲା। ୧୯୪୭ ଭାରତ ସ୍ୱାଧୀନତା ପାଇଲା ପରେ ଖ୍ରୀଷ୍ଟିଆନ୍ ଡାୟୋର୍ ନୂଆ ଲୁକ୍‌ରେ ପେଟିକୋଟ୍ ପୁନର୍ଜୀବିତ କରିଥିଲେ। ୧୯୭୦ ମସିହା ବେଳକୁ କିଛି ପୋଷାକ ଦୋକାନରେ ପେଟିକୋଟ୍ ବିକ୍ରି ହୋଉଥିବାର ମଧ ଦେଖିବାକୁ ମିଳିଥିଲା। ଐତିହାସିକ ଭାବେ ୧୬ଷ ଶତାବ୍ଦୀରୁ ୧୯ଶ ଶତାବ୍ଦୀ ପର୍ଯ୍ୟନ୍ତ ପେଟିକୋଟକୁ ଗାଉନ୍, ବେଡଗାଉନ୍, ବଡିସ୍ ଓ ଜ୍ୟାକେଟ୍ ସହିତ ପିନ୍ଧା ଯାଉଥିବା ସ୍କଟ୍‌କୁ ବୁଝାଉଥିଲା। ଏହି ପେଟିକୋଟ୍‌ଗୁଡ଼ିକୁ ଅନ୍ତଃବସ୍ତ୍ର ଭାବେ ବ୍ୟବହାର କରାଯାଉନଥିଲା, ଏଗୁଡ଼ିକୁ ଡ୍ରେସର ଉପର ଭାଗରେ ଦେଖାଇବା ପାଇଁ ବ୍ୟବହାର କରାଯାଉଥିଲା। ସମୟକ୍ରମେ ପେଟିକୋଟ୍‌କୁ ଆଧୁନିକ ଯୁଗରେ ମଧ ବ୍ୟବହାର କରୁଥିବାର ଦେଖିବାକୁ ମିଳିଲା। ଏବେ ପେଟିକୋଟ୍ କହିଲେ ଆମେ କେବଳ ଅଣ୍ଟାରେ ଝୁଲୁଥିବା ପୋଷାକକୁ ବୁଝାଏ। ଏହା ପ୍ରାୟତଃ କପା ଓ ରେଶମରୁ ତିଆରି କରାଯାଉଅଛି। ବର୍ତ୍ତମାନ ପେଟିକୋଟ୍‌କୁ ଆମେ ଅନ୍ତଃବସ୍ତ୍ର ଭାବେ ବ୍ୟବହାର କରୁଛେ।





## ଭାରତରେ ବଢୁଛି 'ଗ୍ରେ ଡିଭୋର୍ସ' ମାମଲା

ପରିସଂଖ୍ୟାନ ଅନୁଯାୟୀ ଭାରତରେ ପ୍ରାୟ ୧୦୦ ଦମ୍ପତିଙ୍କ ମଧ୍ୟରୁ ଗୋଟିଏ ଦମ୍ପତିର ଛାଡ଼ପତ୍ର ହୁଏ। ତେବେ ବିଗତ କିଛି ବର୍ଷ ହେଲା ଏଥିରେ ବୃଦ୍ଧି ପରିଲକ୍ଷିତ ହେଉଛି। ଏହାର ଏକ ପ୍ରମୁଖ କାରଣ ହେଲା ଶିକ୍ଷିତ ଉଚ୍ଚବିତ୍ତମାନଙ୍କ ମଧରେ 'ଗ୍ରେ ଡିଭୋର୍ସ' ପ୍ରତି ଆଗ୍ରହରେ ବୃଦ୍ଧି। ବଲିଉଡ୍ ତାରକା ହୁଅନ୍ତୁ ବା ପ୍ରତିଷ୍ଠିତ ଖେଳାଳି ସଭିଏଁ ନିଜ ଇଚ୍ଛାରେ ଜୀବନ ଜିଇଁବାକୁ ପସନ୍ଦ କରୁଛନ୍ତି। ସୋସିଆଲ୍ ମିଡିଆରୁ ନେଇ ଖବରକାଗଜ ପୃଷ୍ଠାରେ ପ୍ରାୟ ପ୍ରତିଦିନ ବଲିଉଡ୍ ଷ୍ଟାର ଗୋବିନ୍ଦା ଓ ପତ୍ନୀ ସୁନିତା, ଅମୀର ଖାନ୍ ଓ କିରଣ ରାଓ, କ୍ରିକେଟର ବୀରେନ୍ଦ୍ର ସେହୱାଗ୍ ଓ ପତ୍ନୀ ଆରତୀ, ଅରବାଜ୍ ଓ ମଲାଇକା, ନାଗା ଚୈତନ୍ୟ ଓ ସାମନ୍ଥା ପ୍ରଭୃତିଙ୍କ ବିବାହ ବିଚ୍ଛେଦ ଖବର ଶିରୋନାମା ପାଲଟୁଛି। ତେବେ ଏହି ପରିପ୍ରେକ୍ଷୀରେ 'ଗ୍ରେ ଡିଭୋର୍ସ' ପରି ନୂଆ ଶବ୍ଦଟିଏ ବାରମ୍ବାର ଶୁଣିବାକୁ ମିଳୁଛି। ଏହି ଶବ୍ଦଟି ଆମେରିକାରୁ ଆସିଛି। ଜୀବନର ଅର୍ଦ୍ଧାଧିକ ସମୟ ଏକାଠି ବିତେଇ ସାରି, ଏକାଠି ସାଂସାରିକ ଦାୟିତ୍ୱ ତୁଲେଇ, ପିଲାଛୁଆଙ୍କ ଲାଳନପାଳନ ଓ ପାଠପଢ଼ା ଦାୟିତ୍ୱ ତୁଲେଇବା ସହ ଦମ୍ପତି ଅଲଗା ହୋଇ ନିଜ ଇଚ୍ଛାରେ ଜୀବନ ବିତେଇବାକୁ ଚାହୁଁଛନ୍ତି। ଯେତେବେଳେ ମଧବୟସ୍କ ହେତୁ ବାଳ ଧୂସର ହେବାକୁ ଆରମ୍ଭ ହୋଇଥାଏ ସେଇ ସମୟରେ ଏକ ନୂଆ ଜୀବନର ଆକାଂକ୍ଷାରେ ବିବାହ ବିଚ୍ଛେଦକୁ 'ଗ୍ରେ ଡିଭୋର୍ସ'ର ଆଖ୍ୟା ଦିଆଯାଇଛି। ଆମେରିକାର ଏହି ଶବ୍ଦଟି ସାରା ବିଶ୍ୱ ପରିକ୍ରମା କରି ସାରିଲାଣି। ଏକ ଗବେଷଣା ରିପୋର୍ଟ ଅନୁଯାୟୀ, ୧୯୯୦ ପରଠାରୁ ଗ୍ରେ ଡିଭୋର୍ସ ମାମଲା ଯଥେଷ୍ଟ ବୃଦ୍ଧି ପାଇଛି। ୨୦୩୦ ସୁଦ୍ଧା, ଗ୍ରେ ଡିଭୋର୍ସ ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇପାରେ।


## ମିଠା ଆମ୍ବ ଦହି

ଗୋଟେ ଲିଟର କ୍ଷୀର ନେଇ ଗରମ କରନ୍ତୁ। କ୍ଷୀର ଫୁଟି ଟିକେ ବହଳିଆ ହେଲେ ସେଥିରେ ଗୋଟେ କପ୍ ଅମୁଲ ମିଶେଇ ଥଣ୍ଡା କରିବାକୁ ଛାଡ଼ନ୍ତୁ। ଦୁଇ କପ୍ ସଜ ବସା ଦହିକୁ ପତଳା ମସଲିନ୍ କପଡ଼ାରେ ଛାଣି ଗୋଟେ ଓଜନିଆ ଜିନିଷ ଚାପା ଦେଇ ଘଣ୍ଟାଏ ରଖନ୍ତୁ। ଦହିରୁ ପାଣି ନିଗିଡ଼ି ଶୁଖିଲା ହେଇଯିବ। ଏହି ଦହିକୁ ଭଲରେ ଘାଣ୍ଟି ହାଲୁକା କରିଦିଅନ୍ତୁ। ଏଥର ଦୁଇଟି ଭଲ ଜାତିଆ ମାଂସଳ ପାଚିଲା ଆମ୍ବ ନେଇ ଚୋପା ଛଡ଼େଇ ଛୋଟ ଛୋଟ ଖଣ୍ଡରେ କାଟି ଗୋଟେ କପ୍ ବା ସ୍ୱାଦ ଅନୁସାରେ ଚିନି ସହ ବ୍ଲେଣ୍ଡ୍ କରି ଦିଅନ୍ତୁ। ଏଥର



ଫେଣ୍ଟା ହେଇଥିବା ଦହିରେ ଆମ୍ବ ମିଶ୍ରଣକୁ ପକେଇ ଗୋଳାନ୍ତୁ ଭଲରେ ଗୋଳେଇ ହେଇଗଲେ ନଖ ଉଷୁମ୍ କ୍ଷୀରକୁ ଧୀରେ ଧୀରେ ମିଶାନ୍ତୁ ଯେପରି ଗୋଟାଳିଆ ରହି ନଯାଏ। ଏଥର ନିଜ ପସନ୍ଦର ମାଟି, ଚିନା ମାଟି, କାଚପାତ୍ରରେ ଦହି ଢାଳି ଆଲୁମିନିୟମ୍ ଫଏଲରେ ସିଲ୍ କରି ତିନି, ଚାରି ଘଣ୍ଟା ଛାଡ଼ି ଦିଅନ୍ତୁ। ଦହି ଭଲରେ ବସିଛି କି ନାହିଁ ଦେଖି ନେଇ କିଛି ଘଣ୍ଟା ଫ୍ରିଜ୍‌ରେ ରଖିଦିଅନ୍ତୁ। ଛୋଟ ଛୋଟ କଟା ହେଇଥିବା ପିସ୍ତାରେ ସଜେଇ ପରିବେଷଣ କରନ୍ତୁ ଥଣ୍ଡା ଥଣ୍ଡା ମିଠା ଆମ୍ବ ଦହି। ଆପଣ ଯଦି ଚାହିଁବେ ଦହି ବସେଇବା ପାତ୍ରରେ ଢାଳିବା ପୂର୍ବରୁ ଆମ୍ବ ଏସେନ୍ସ ବା ଅଳ୍ପ ହଳଦୀରଙ୍ଗ ମିଶାଇପାରିବେ।

## ଅଭିନୟକୁ ନା



କ୍ରିକେଟ୍ କିଂବଦନ୍ତି ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ବଲିଉଡ୍‌ରେ ପଦାର୍ପଣ କରିପାରନ୍ତି ବୋଲି କିଛି ଦିନରୁ ଚର୍ଚ୍ଚା ହୋଇଆସୁଥିଲା। କିନ୍ତୁ ସାରା ନିଜେ ଏ ଚର୍ଚ୍ଚାକୁ ଭୁଲ୍ ପ୍ରମାଣିତ କରିଦେଇଛନ୍ତି। ଭଗ୍ ପତ୍ରିକାକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ସାରା ପ୍ରକାଶ କରିଛନ୍ତି ଯେ ଅଭିନୟ ଜଗତରେ ପ୍ରବେଶ କରିବାର ତାଙ୍କର କୌଣସି ଆଗ୍ରହ ନାହିଁ। ତାଙ୍କ ସ୍ୱଭାବ 'ଇଣ୍ଟ୍ରୋଭର୍ଟ' ବା ଅନ୍ତର୍ମୁଖୀ ହୋଇଥିବାରୁ ସେ କ୍ୟାମେରା ଦେଖିଲେ ଭୟ କରନ୍ତି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ସେ ଅଭିନୟର ସବୁତକ ପ୍ରସ୍ତାବକୁ ଖାରଜ କରିଆସିଛନ୍ତି କାରଣ ସେ ଭାବନ୍ତି ଯେ ସେ ଉକ୍ତ କାର୍ଯ୍ୟକୁ ନ୍ୟାୟ ଦେଇପାରିବେ ନାହିଁ। ଅଭିନୟ ତାଙ୍କୁ ଆତ୍ମସନ୍ତୋଷ ଦେବା ବଦଳରେ ଅଧିକ ଉଦ୍‌ବେଗ ପ୍ରଦାନ କରିବ। ୨୭ ବର୍ଷୀୟା ସାରା କ୍ରୀଡ଼ାର ପରିବେଶରେ ବଡ଼ ହୋଇଥିଲେ ହେଁ ସାରାଙ୍କ ପ୍ରକୃତ ଆଗ୍ରହ ରହିଛି ବିଜ୍ଞାନ କ୍ଷେତ୍ରରେ। ସେଥିପାଇଁ ସେ ବାୟୋମେଡିକାଲ୍ ସାଇନ୍ସରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି ଏବଂ କ୍ଲିନିକାଲ୍ ନ୍ୟୁଟ୍ରିସନ୍ ଆଣ୍ଡ୍ ପବ୍ଲିକ୍ ହେଲ୍‌ଥ ବିଷୟରେ ସ୍ନାତକୋତ୍ତର ହାସଲ କରିସାରିଛନ୍ତି। ସେ ଏବେ ସଚିନ ତେନ୍ଦୁଲକର ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଖୁସି ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ମାର୍ଟିନାଙ୍କୁ ଶୁଭେଚ୍ଛା

କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ନିଶ୍ଚୟ ମିଳେ। ଆଉ ଏପରି ସଫଳତା ତାଙ୍କ ପାଦ ଛୁଇଁଛି ଖୁବ୍ କମ୍ ବୟସରୁ। ଗୋଟିଏ ଛୋଟ ଆଦିବାସୀ ଗାଁର ଝିଅ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରି ଡାକ୍ତର ହେବା ସ୍ୱପ୍ନକୁ ସାକାର କରିଛି। ଡାକ୍ତର ମାର୍ଟିନା ଟୁଡୁ ଏମ୍‌ବିବିଏସ ଡିଗ୍ରୀ ହାସଲ କରିଥିବା ଆସାମର ପ୍ରଥମ ସାନ୍ତାଳ ଝିଅ ଭବେ ସ୍ୱୀକୃତି ପାଇଛନ୍ତି। ଆସାମର ହୋଜାଇ ଜିଲ୍ଲାର ଅଜରବାରି ଗାଁରୁ ଆସିଥିବା ମାର୍ଟିନା ତେଜପୁର ମେଡିକାଲ୍ କଲେଜରେ ତାଙ୍କର ଡାକ୍ତରୀ ପାଠପଢ଼ା ଶେଷ କରିଛନ୍ତି। ଡାକ୍ତର ଟୁଡୁଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ ଆସାମ ଓ ସମଗ୍ର ସାନ୍ତାଳ ସମ୍ପ୍ରଦାୟ ପାଇଁ ଗୋଟେ ଗର୍ବର ମୁହୂର୍ତ୍ତ ବୋଲି ତାଙ୍କ ମତ। ଗୋଟିଏ ଛୋଟ ଗାଁରୁ ବାହାରି ଉଚ୍ଚଶିକ୍ଷା ଲାଭ କରି ଡାକ୍ତର ହେବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଓ ଶିକ୍ଷାର ପରିବର୍ତ୍ତନକାରୀ ଶକ୍ତିର ଏକ ବଳିଷ୍ଠ ନିଦର୍ଶନ। ସାନ୍ତାଳ ଜନଜାତି ଭାରତର ସର୍ବବୃହତ ଆଦିବାସୀ ସମ୍ପ୍ରଦାୟ ମଧ୍ୟରୁ ଗୋଟିଏ। ଏମାନେ ମୁଖ୍ୟତଃ ଭାରତର ପୂର୍ବ ରାଜ୍ୟଗୁଡ଼ିକରେ ଅଧିକ ବସବାସ କରନ୍ତି। ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ସର୍ବାଧିକ ସାନ୍ତାଳ ଜନଜାତି ବାସ କରନ୍ତି। ତେବେ ବିହାର ଓ ଆସାମରେ ମଧ ସେମାନଙ୍କର ଅବସ୍ଥିତି ଉତ୍ସାହଜନକ। ତେଣୁ ଡାକ୍ତର ଟୁଡୁଙ୍କ ସଫଳତା ସମଗ୍ର ଅଞ୍ଚଳର ସାନ୍ତାଳ ଝିଅମାନଙ୍କ ପାଇଁ ଆଶା ଓ ପ୍ରେରଣାର ଉତ୍ସ, ଯାହା ସେମାନଙ୍କୁ ମଧ ନିଜ ଲକ୍ଷ୍ୟ ହାସଲ ଦିଗରେ ପ୍ରେରଣା ସୃଷ୍ଟି କରିବ।



## ତୃଣମୂଳ ପ୍ରତିନିଧିତ୍ୱରେ ଆହ୍ୱାନ ଓ ସମ୍ଭାବନା




ତୃଣମୂଳ ସ୍ତରରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ନିର୍ବାଚିତ ମହିଳା ଜନପ୍ରତିନିଧିମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଭାରତରେ ପଞ୍ଚାୟତ ଓ ନଗରପାଳିକା ସ୍ତରରେ ୧୫ ଲକ୍ଷ ମହିଳା ନିର୍ବାଚିତ ଜନପ୍ରତିନିଧି ଅଛନ୍ତି। ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଆସନମାନଙ୍କରେ ମହିଳାଙ୍କ ଅଂଶୀଦାର ହାର ହେଉଛି ୪୬.୬%। ଉଲ୍ଲେଖନୀୟ ପ୍ରତିନିଧିତ୍ୱ ସତ୍ତ୍ୱେ ମହିଳାଙ୍କ ବାସ୍ତବ ଅଂଶଗ୍ରହଣ ଏକ ଆହ୍ୱାନ ହୋଇ ରହିଛି। ବିଶେଷ କରି ଉତ୍ତର ପ୍ରଦେଶ, ବିହାର, ହରିୟାଣା ଓ ରାଜସ୍ଥାନ ଭଳି ରାଜ୍ୟରେ ନିର୍ବାଚିତ ମହିଳାମାନଙ୍କ ନିକଟ ସଂପର୍କୀୟ ଯଥା ସ୍ୱାମୀ, ପିତା ଓ ଭାଇମାନେ ନିଷ୍ପତ୍ତି ଗ୍ରହଣର କ୍ଷମତା ହଡ଼ପ କରିନେଇ ମହିଳାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରୁ ଦୂରେଇ ରଖିଥାନ୍ତି। ସାଂବିଧାନିକ ବ୍ୟବସ୍ଥା ମହିଳାଙ୍କ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହିତ କରୁଥିଲେ ବି ସମାଜର ପୁରୁଷତାନ୍ତ୍ରିକ ବ୍ୟବସ୍ଥା ଓ ପ୍ରାଶାସନିକ ଅବହେଳା ସେମାନଙ୍କୁ ଉକ୍ତ କ୍ଷମତାରୁ ଅନେକ ସମୟରେ ଦୂରେଇ ରଖିଥାଏ। ଏସବୁ ଆହ୍ୱାନ ସତ୍ତ୍ୱେ ଅଧିକରୁ ଅଧିକ ମହିଳା ଏବେ ପୁରୁଷଙ୍କ ଦ୍ୱାରା କ୍ଷମତା ହଡ଼ପର ଉପକ୍ରମକୁ ବିରୋଧ କରିବା ଏବଂ ଶାସନ ବ୍ୟବସ୍ଥାରେ ନିଜ କ୍ଷମତା ଜାହିର କରିବା ଦେଖାଯାଉଛି। ମହିଳାଙ୍କ ନେତୃତ୍ୱକୁ ପୁରୁଷତାନ୍ତ୍ରିକ ବିଚାର ଯେତେ ହେୟଜ୍ଞାନ କରିବାକୁ ଚେଷ୍ଟା କଲେ ବି ଆଇଆଇଏମ୍ ଅହମଦାବାଦ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଗବେଷଣାରୁ ଜଣାପଡ଼ିଛି ଯେ ଯେଉଁ ପଞ୍ଚାୟତରେ ମହିଳା ନିର୍ବାଚିତ ପ୍ରତିନିଧି ଥାଆନ୍ତି ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପ୍ରାଥମିକତା ମିଳିଥାଏ ଏବଂ ସେଠାକାର ଫଳାଫଳ ପୁରୁଷ ନିର୍ବାଚନ ପ୍ରତିନିଧିଙ୍କ ଠାରୁ ଉତ୍କୃଷ୍ଟ। ସେହିପରି ବାର୍ଲ୍‌ଡ୍ ବ୍ୟାଙ୍କ୍‌ର ଏକ ରିପୋର୍ଟ ଉଲ୍ଲେଖ କରିଥାଏ ଯେ ଗୋଟିଏ ରାଜ୍ୟରେ ମହିଳାଙ୍କ ରାଜନୈତିକ ଅଂଶଗ୍ରହଣ ବୃଦ୍ଧି ପାଇବା ସହିତ ଗ୍ରାମୀଣ ବିକାଶ ସୂଚକାଙ୍କରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଥାଏ। ରାଜନୈତିକ କ୍ଷମତା ହଡ଼ପ ସହ ମୁକାବିଲା କରିବାର ସର୍ବଶ୍ରେଷ୍ଠ ଅସ୍ତ୍ର ହେଉଛି ଶିକ୍ଷା ଓ ଅନ୍ୟ ମହିଳା ନେତ୍ରୀଙ୍କ ସହ ସଂପର୍କ ବୃଦ୍ଧି। ସେହିପରି ମହିଳାମାନେ ଯେପରି ସ୍ୱାଧୀନ ଭାବେ ନେତୃତ୍ୱ ନେଇପାରିବେ ସେଥିପାଇଁ ସରକାର ଏକାଧିକ ସମର୍ଥନ ନୀତି ଓ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରିଛନ୍ତି। ସେହିପରି ସମ୍ପର୍କୀୟ ପୁରୁଷ ନିର୍ବାଚିତ ମହିଳାଙ୍କ କ୍ଷମତା ଉପଭୋଗ କରୁଥିବାର ପ୍ରମାଣ ହେଲେ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ପାଇଁ ପଞ୍ଚାୟତିରାଜ ମନ୍ତ୍ରାଳୟର ଏକ କମିଟି ନିକଟରେ ସୁପାରିସ କରିଛି। କେତେକ ଏନ୍‌ଜିଓ ମହିଳା ଜନପ୍ରତିନିଧିମାନଙ୍କୁ ପ୍ରଭାବଶାଳୀ ନୀତି ନିର୍ଦ୍ଧାରକରେ ପରିଣତ କରିବା ଲାଗି ଆଇନଗତ ଅଧିକାର, ଶାସନ ସଂରଚନା, ଆର୍ଥିକ ଯୋଜନା ଆଦିର ପ୍ରଶିକ୍ଷଣ ଦେଉଛନ୍ତି। ଏସବୁର ଉଦ୍ଦେଶ୍ୟ ହେଉଛି ଆମ ମହିଳା ଜନପ୍ରତିନିଧିମାନେ ଆତ୍ମବିଶ୍ୱାସୀ ଓ ଆତ୍ମନିର୍ଭରଶୀଳ ହୋଇ ନେତୃତ୍ୱ ଓ ନିଷ୍ପତ୍ତି ଗ୍ରହଣର କ୍ଷମତାକୁ ସ୍ୱାଧୀନ ଭାବେ ନିଜେ କାର୍ଯ୍ୟକାରୀ କରନ୍ତୁ।

## ଏଁ ଏମିତି କଥା...



- ପ୍ରାଚୀନ ଗ୍ରୀସ୍‌ରେ ମହିଳାମାନେ ଉଦ୍ଭିଦ ସାର କିମ୍ବା ଆର୍ସେନିକ୍ ବ୍ୟବହାର କରି ସେମାନଙ୍କ କେଶ ରଙ୍ଗ କରୁଥିଲେ।
- ଏକ ଅଧ୍ୟୟନ ଅନୁଯାୟୀ, ମହିଳାମାନଙ୍କ ଋତୁସ୍ରାବଜନିତ ଯନ୍ତ୍ରଣା କର୍କଟ ରୋଗର ଯନ୍ତ୍ରଣା ସହିତ ସମାନ।
- ୧୯୨୪ ମସିହାରେ, ଏକମାତ୍ର ଅଲିମ୍ପିକ୍ ଇଭେଣ୍ଟ ଆଇସ୍ ସ୍କେଟିଂରେ ହିଁ ମହିଳାମାନଙ୍କୁ ଅଂଶଗ୍ରହଣ କରିବାର ଅନୁମତି ଦିଆଯାଇଥିଲା। ସେହିବର୍ଷ ୧୫ ଜଣ ମହିଳା ଏହି ବର୍ଗରେ ଭାଗ ନେଇଥିଲେ।
- ଏକ ଗବେଷଣା ଅନୁସାରେ ପ୍ରତି ୪ ଜଣରୁ ଜଣେ ମହିଳା ଗର୍ଭାବସ୍ଥା ବା ସହବାସ ସମୟରେ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି।
- ବିଶ୍ୱସ୍ତରରେ ପ୍ରାୟ ୬୦ କୋଟି ମହିଳା ଘରୋଇ ଅତ୍ୟାଚାରକୁ ସହିଯାଇ ତାହାକୁ ଲୋକଲୋଚନକୁ ଆସିବାକୁ ଦିଅନ୍ତି ନାହିଁ।

## ମହିଳାଙ୍କ ପାଇଁ ଘାତକ ସିଷ୍ଟ




ବର୍ତ୍ତମାନ ସମୟରେ ସିଷ୍ଟ ହେବା ଏକ ସାଧାରଣ ସମସ୍ୟା ଭାବେ ଉଭା ହେଲାଣି। ମହିଳା ଓ ପୁରୁଷ ଉଭୟଙ୍କ କ୍ଷେତ୍ରରେ ଯେକୌଣସି ବୟସରେ ଏହା ଦେଖାଦେଇପାରେ। ତେବେ ମହିଳାମାନଙ୍କ ଡିମ୍ବାଶୟରେ ସିଷ୍ଟ ହେବା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା। କୌଣସି ଲକ୍ଷଣ ବିନା ଡିମ୍ବାଶୟରେ ସିଷ୍ଟ ସୃଷ୍ଟି ହୋଇପାରେ। ଡିମ୍ବାଶୟ ସିଷ୍ଟଗୁଡ଼ିକ ତରଳ ପଦାର୍ଥ ଆକାରର। ଏହା ଡିମ୍ବାଶୟର ଉପର ଓ ଭିତର ଭାଗରେ ସୃଷ୍ଟି ହୋଇଥାଏ। ବିଶେଷଜ୍ଞଙ୍କ ମତରେ ପଲିସିଷ୍ଟିକ୍ ଓଭାରିରେ ଅନେକ ଛୋଟ ସିଷ୍ଟ ରହିଥାଏ। ଏହି ସିଷ୍ଟଗୁଡ଼ିକୁ ସାଧାରଣତଃ ପିସିଓଏସ୍ କହନ୍ତି। ଏହା ମହିଳାଙ୍କ ହରମୋନ୍ ସନ୍ତୁଳନ ଓ ପ୍ରଜନନ କ୍ଷମତା ଉପରେ ପ୍ରଭାବ ପକାଇଥାଏ। ଠିକ୍ ସମୟରେ ଔଷଧ ନଖାଇବା କିମ୍ବା ଅସ୍ତ୍ରୋପଚାର ନକରିବା ଦ୍ୱାରା ହର୍‌ମୋନ୍ ଅସନ୍ତୁଳନ ହୋଇଥାଏ। ଏହାଯୋଗୁଁ ଯୁବତୀମାନଙ୍କଠାରେ ଏଣ୍ଡୋମେଟ୍ରିଆଲ୍ କର୍କଟ ହେବାର ଆଶଙ୍କା ଥାଏ। ଦେଖିବାକୁ ଗଲେ, ଶରୀରର ଯେକୌଣସି କୋଷ ଭିତରେ ସିଷ୍ଟ ହୋଇପାରେ। ଫୁସ୍‌ଫୁସ୍‌ରେ ଅଧିକାଂଶ ସିଷ୍ଟ ବାୟୁରେ ପରିପୂର୍ଣ୍ଣ ଥାଏ। ଲିମ୍ଫ୍ ସିଷ୍ଟମ୍ ଯକୃତ କିମ୍ବା ବୃକ୍‌କରେ ଗଠିତ ସିଷ୍ଟଗୁଡ଼ିକ ତରଳ ପଦାର୍ଥରେ ପରିପୂର୍ଣ୍ଣ ଥାଏ। ଗୋଲ୍‌କୃମି ଓ ଟେପ୍‌ୱର୍ମ ପରି ପରଜୀବୀ ମାଂସପେଶୀ, ଯକୃତ, ମସ୍ତିଷ୍କ, ଫୁସ୍‌ଫୁସ୍ ଓ ଆଖି ଭିତରେ ସିଷ୍ଟ ତିଆରି କରିପାରନ୍ତି। ସିଷ୍ଟ ସାଧାରଣତଃ ଚର୍ମରେ ପ୍ରଥମେ ବ୍ରଣ ଆକାରର ଦେଖାଯାଏ। ବ୍ରଣ ଯୋଗୁଁ ସେବେସିୟସ୍ ଗ୍ରନ୍ଥି ବନ୍ଦ ହୋଇଯାଏ କିମ୍ବା ଚର୍ମରେ ରହିଥିବା କୌଣସି ଜିନିଷ ଚାରିପାଖରେ ଆବରଣ ସୃଷ୍ଟି ହୋଇପାରେ। ଏହି ସିଷ୍ଟଗୁଡ଼ିକ କର୍କଟ ସୃଷ୍ଟିକାରୀ ନୁହନ୍ତି; କିନ୍ତୁ ଛୋଟ ହେଲେ ବି ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ। ଅନେକ ସମୟରେ ଏଗୁଡ଼ିକ ସଂକ୍ରମିତ ହୋଇପାରେ ଏବଂ ଯନ୍ତ୍ରଣା ଓ ଫୁଲା ଯୋଗୁଁ ଚିକିତ୍ସା ମଧ ଆବଶ୍ୟକ ହୋଇଥାଏ। ସିଷ୍ଟଗୁଡ଼ିକର ପ୍ରକାର, ଆକାର ଓ ଚର୍ମରେ ଅବସ୍ଥାନକୁ ଦେଖି ଅସ୍ତ୍ରୋପଚାର ଦ୍ୱାରା ଏହାକୁ କଢ଼ାଯାଇପାରିବ କିମ୍ବା ଅପସାରଣ କରାଯାଇପାରିବ।



# ଆନ୍ଧ୍ର ବ୍ୟବସାୟୀଙ୍କ କବ୍‌ଜାରେ ଏସ୍‌ସି ଏସ୍‌ଟିଙ୍କ ଜମି

## କମ୍ ଦାମ୍‌ରେ କିଣି ଚଢ଼ା ଦାମ୍‌ରେ ବିକ୍ରି



**କଳାହାଣ୍ଡି,୭।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର କେତେକ ଅଞ୍ଚଳର ଜମି ଆନ୍ଧ୍ର ବ୍ୟବସାୟୀଙ୍କ କବଜାକୁ ଚାଲିଯାଉଥିବା ଜଣାଯାଇଛି। ଜିଲାର କୋକସରା, ଜୟପାଟଣା, ଜୁନାଗଡ, କଲମପୁର, ଧର୍ମଗଡ ବ୍ଲକ ଅଞ୍ଚଳରେ ପ୍ରଥମେ ଆନ୍ଧ୍ର ଲୋକଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା । ଏବେ କିନ୍ତୁ ଏହି ବ୍ଲକକୁ ଛାଡି ନର୍ଲା, ଏମ୍. ରାମପୁର, ଭବାନୀପାଟଣା, କର୍ଲାମୁଣ୍ଡା, ଥୁଆମୂଳ ରାମପୁର ଆଦି ବ୍ଲକରେ ମଧ୍ୟ ସେମାନଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲାକୁ ଶସ୍ୟ ଶ୍ୟାମଳା କରିବା ପାଇଁ ପୂର୍ବରୁ ଜିଲାର ମୁଖିଗୁଡା ସ୍ଥିତ ଇନ୍ଦ୍ରାବତୀରୁ ବହୁମୁଖୀ ପ୍ରକଳ୍ପ ଯୋଜନା ଓ ମେଗା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷୀଙ୍କୁ ଜଳ ଯୋଗାଣ କରାଯାଉଛି। ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ କଳାହାଣ୍ଡିର ଲୋକଙ୍କ ସ୍ୱାର୍ଥରେ ନ ଲାଗି ଆନ୍ଧ୍ର ଲୋକଙ୍କ ସ୍ୱାର୍ଥରେ ଲାଗିବ ବୋଲି ଜଣାପଡିଲାଣି। ଏହାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ ହୋଇପଡିଛି । କଳାହାଣ୍ଡିରେ ଜମିର ମୂଲ୍ୟ ଯେତିକି ରହିଛି, ତାହାଠାରୁ ଅଧିକ ମୂଲ୍ୟ ଦେଇ ଅର୍ଥ ଲୋଭ ଦେଖାଇ ସେମାନଙ୍କଠାରୁ ଜମି କିଣିନେଉଛନ୍ତି। ଆନ୍ଧ୍ରର ବିଭିନ୍ନ ଶିଳ୍ପପତି, ବ୍ୟବସାୟୀ, ସରକାରୀ କର୍ମଚାରୀ, ଠିକାଦାର, ରାଜନେତା କଳାହାଣ୍ଡିକୁ ଆସି ଜମି କିଣୁଥିବା ନଜିର ରହିଛି । ସେମାନେ ନିଜ ସମ୍ପର୍କୀୟମାନଙ୍କ ନାମରେ ଏହି ଜମିଗୁଡିକୁ କିଣି କଳାହାଣ୍ଡିର ଲୋକଙ୍କୁ ଲିଜ ସୂତ୍ରରେ ଦେଉଛନ୍ତି। ଏଭଳି ଦିନକୁ ଦିନ ଜମି ବିକ୍ରି ସଂଖ୍ୟା କଳାହାଣ୍ଡିରେ ବୃଦ୍ଧି ପାଉଥିବା ଓ ଆନ୍ଧ୍ର ଲୋକମାନେ ଅଧିକ ସଂଖ୍ୟାରେ ଜମି କିଣୁଥିବାରୁ ସମୟ ଆସିବ କଳାହାଣ୍ଡିରେ କେବଳ ଆନ୍ଧ୍ର ଲୋକଙ୍କ ଜମିଥିବ କିନ୍ତୁ ସ୍ଥାନୀୟ ଲୋକଙ୍କ ଜମି ନ ଥିବା ଏକ ଅନୁସନ୍ଧାନରୁ ଜଣାପଡିଛି ଯେ, ଆନ୍ଧ୍ରରେ କଳାହାଣ୍ଡିର ଜମି ମୂଲ୍ୟଠାରୁ ୪ ଗୁଣା ଅଧିକ ଫଳରେ ଆନ୍ଧ୍ର ଲୋକ ସେଠାରୁ ଗୋଟିଏ ଏକର ଜମି ବିକ୍ରି କରି କଳାହାଣ୍ଡିରେ ଆସି ୪ ଏକର ଜମି କିଣୁଛନ୍ତି । ସେମାନେ କଳାହାଣ୍ଡି ଜିଲାର ଜମି ମାଫିଆଙ୍କୁ ଧରି ଶହଶହ ଏକର ଜମି କିଣୁଛନ୍ତି। ଏଠାକାର ସବ୍‌ରେଜିଷ୍ଟ୍ରାର, ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କୁ ହାତକରି ସେମାନେ ଜମି କିଣିବାକୁ ସକ୍ଷମ ହେଉଛନ୍ତି । ଅନ୍ୟପକ୍ଷରେ ଜୁନାଗଡ଼ ତହସିଲରେ ଏବେ ଅଣଓଡ଼ିଆ ଜମିବେପାରୀ ଅନୁସୂଚିତ ଜାତି ଜନଜାତିଙ୍କ ଜମି କମ୍ ଦାମରେ କିଣି ଚଢା ଦାରରେ ବିକୁଛନ୍ତି। ଏଠାକାର ନିରୀହ ଗରିବ ଅନୁସୂଚିତ ଜାତି, ଜନଜାତିଙ୍କ ଜମିକୁ କମ ଦାମରେ ପରେ ଉପଜିଲାପାଳଙ୍କଠାରୁ ସରକାରୀ ସ୍ତରରେ ଅନୁମତି କରି ଚଢା ଦାମରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଫଳରେ ଦିନକୁ ଦିନ ଜୁନାଗଡ ତହସିଲ ଅଞ୍ଚଳରେ ଜମିଗୁଡିକର ମୂଲ୍ୟ ଆକାଶ ଛୁଆଁ ହେବାରେ ଲାଗିଛି। ସାଧାରଣ ଲୋକଙ୍କ ପକ୍ଷେ ଏବେ ଜମି କିମ୍ବା ପ୍ଲଟ କିଣିବା କଷ୍ଟକର ହୋଇପଡୁଛି। ବିଶେଷକରି ଜୁନାଗଡ ତହସିଲ ଅଞ୍ଚଳର କୁରୁଗୁଡା, ମାଟିଗାଁ, କଲେଇଗାଁ, ହିଙ୍ଗଲିବାହାଲି, ଦେଦର ଆଦି ଅଞ୍ଚଳରେ ଏପରି ହେଉଥିବା ଜଣାପଡିଛି। ଜଣେ ଜମି ମାଫିଆ ଏହି କାରବାରରେ ସାମିଲ ଥିବାବେଳେ ସେ ୨ଜଣ ଅନୁସୂଚିତ ଜାତି, ଜନଜାତି ଲୋକଙ୍କୁ ହାତବାରସି କରି ପ୍ରଥମେ ତାଙ୍କ ନାମରେ ଅନୁସୂଚିତ ଜାତି, ଜନଜାତିଙ୍କ ଜମି କିଣି ପରବର୍ତ୍ତୀ ସମୟରେ ସରକାରୀସ୍ତରରେ ଅନୁମତି କରି ଏକରକୁ କୋଟି କୋଟି ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଦିନେ ଛୋଟିଆ କପଡା ଦୋକାନ ଦେଇଥିବା ସମ୍ପୃକ୍ତ ବ୍ୟକ୍ତି ଆଜି କେମିତି ଜମି ମାପିଆ, କୋଟିପତି ଠିକାଦାର ସାଜିଛନ୍ତି ତାହାର ଭିଜିଲାନ୍ସ ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଗତ ୫ ବର୍ଷ ମଧ୍ୟରେ ଜୁନାଗଡ ତହସିଲ ଅଞ୍ଚଳର କେତେଜଣ ଅନୁସୂଚିତ ଜାତି, ଜନଜାତିଙ୍କ ଜମି କେଉଁ କାମ, କେତେ ସରକାରୀ ସ୍ତରରେ ଅନୁମତି ନିଆଯାଇ ବିକ୍ରି କରାଯାଇଛି ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ବଡ଼ବଡ଼ିଆଙ୍କ ନାମ ସାମ୍ନାକୁ ଆସିବ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବିଜୁ ଏକ୍ସପ୍ରେସ ୱେ ରାସ୍ତା ଘାଇ

● କେବେ ଚେଇଁବ ପୂର୍ତ୍ତ ବିଭାଗ

**ଭବାନୀପାଟଣା,୭।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ଆମପାଣି ଠାରୁ ଆରମ୍ଭ ହୋଇଛି ବିଜୁ ଏକ୍ସପ୍ରେସ ୱେ ଚାରି ଥାକିଆ ରାସ୍ତା, ଏହି ରାସ୍ତା ର ବଡ଼ ପୋଡ଼ାଗୁଡା ପଞ୍ଚାୟତ ରଏନଗୁଡା ହାଇସ୍କୁଲ ଛକ ନିକଟରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା କଡ଼ରେ ବର୍ଷାରେ ଧୋଇ ହୋଇ ଏକ ବିରାଟ ଗର୍ତ୍ତ ଦିର୍ଘ ମାସ ହେବ ସୃଷ୍ଟି ହୋଇଛି।ଏହି ରାସ୍ତା ଦେଇ ଦୈନିକ ଶତାଧିକ ସଂଖ୍ୟକ ଭାରିଯାନ ସହ ଅନ୍ୟାନ୍ୟ ଗାଡି ମୋଟର ଯାତାୟାତ କରୁଛି। ତେବେ ରାସ୍ତା କଡରେ ସୃଷ୍ଟି ହୋଇଥିବା ଗର୍ତ୍ତ ଯେ ବିପଦ ଓ ଦୁର୍ଘଟଣା କୁ ଆମନ୍ତ୍ରଣ କରୁଛି ସେ ନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ମଧ୍ୟ ପୁର୍ତ୍ତ ବିଭାଗ ନାମକୁ ମାତ୍ର ଗର୍ତ୍ତରେ ଗେଟି କ୍ରସର ଗୁଣ୍ଡ ଦେଇ ମରାମତି କରିଥିବା ବେଳେ ବର୍ଷା ରେ ଧୋଇ ହୋଇ ପୁଣି ସେହି ଗର୍ତ୍ତ ଏବେ ରାସ୍ତା ରେ ଯାତାୟାତ କରୁଥିବା ଗାଡି ମୋଟର ପାଇଁ ଦୁର୍ଘଟଣା କୁ ଆମନ୍ତ୍ରଣ କଲାଭଳି ମନେ ହେଉଛି। ଏନେଇ ପୂର୍ତ୍ତ ବିଭାଗ ର କନିଷ୍ଠ ଯନ୍ତ୍ରୀ ନବ ବେହେରା ଙ୍କ ପ୍ରତିକ୍ରିୟା ନେବାରୁ ତୁରନ୍ତ ଏହାର ମରାମତି କରାଯିବ ବୋଲି କହିଛନ୍ତି।



# ଖାଲଖମାରେ ପାଣି ଭର୍ତ୍ତି, ବିପଦକୁ ଡାକୁଛି ବଲାଗାଁ



**କଳାହାଣ୍ଡି,୭।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ବଲାଗାଁ - ମୋଟେର ରାସ୍ତାର ରାତାଲୁପଡ଼ା ଛକରୁ ଅରେବେଢା ପର୍ଯ୍ୟନ୍ତ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ହେତୁ ଯାନବାହନ ଏବଂ ଜନସାଧାରଣ ଯାତାୟାତ କ୍ଷେତ୍ରରେ ଅସୁବିଧା ହେଉଛି। ବର୍ଷା ଋତୁ ହେତୁ ବଡ଼ ବଡ଼ ଖାଲରେ ପାଣି ଭର୍ତ୍ତି ହୋଇ ରହୁଛି। ସେହି ଖାଲରେ ଧାନ ବୋଝେଇ ଟ୍ରକ ଗୁଡିକ ବହୁତ ପରିମାଣରେ ଯାତାୟତ କରୁଥିବାରୁ ଆଉ ଅଧିକ ଖାଲୁଆ ହୋଇ ଯାଉଛି। ଅରେବେଢ଼ା ହାଇସ୍କୁଲ ଏବଂ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି।ଏହି ରାସ୍ତା ମରାମତି ପାଇଁ ଗତବର୍ଷ ଅଞ୍ଚଳବାସୀ ଦାବି କରିଥିଲେ। ଏହା ପରେ ବିଭାଗ ପକ୍ଷରୁ ପଥର ଗୁଣ୍ଡ ଆଉ କିଛି ମେଟାଲ ଦେଇ ମରାମତି କରାଯାଇଥିଲା। ଏବେ ପୁଣି ଶୋଚନୀୟ ହୋଇପଡ଼ିଛି ଫଳରେ ଏହି ରାସ୍ତା ବଦଳରେ ଲୋକେ କେନାଲ ରାସ୍ତାକୁ ଆପଣେଇଛନ୍ତି। କେନାଲ ରାସ୍ତା ମଧ୍ୟ ସଂକୀର୍ଣ୍ଣ ହୋଇ ଥିବାରୁ ଦୁର୍ଘଟଣା ଘଟିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଗତବର୍ଷ ଏହି କେନାଲ ରାସ୍ତାରେ ଏକ ଚାରିଚକିଆ ଯାନ ବଲେରୋ ଠେଲାକୋମୁଣ୍ଡା ଛକ ନିକଟରେ କେନାଲ ମଧ୍ୟକୁ ଚାଲିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାହା ଫଳରେ ଜଣେ ୬ ବର୍ଷର ଶିଶୁର ମୃତ୍ୟୁ ହୋଇଥିଲା ଓ ଅନେକ ଗୁରୁତର ହୋଇଥିଲେ। ବିଭାଗ ପକ୍ଷରୁ ତୁରନ୍ତ ଏହି ରାସ୍ତା ମରାମତି କରାଯିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ସୁନ୍ଦରଗଡ଼ ବନଖଣ୍ଡ ପକ୍ଷରୁ ଜିଲ୍ଲାସ୍ତରୀୟ ବନ ମହୋତ୍ସବ

**ସୁନ୍ଦରଗଡ଼,୭।୭(ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଜୁଲାଇ ମାସ ଏକ ତାରିଖରୁ ସାତ ତାରିଖ ପର୍ଯ୍ୟନ୍ତ ୭୬ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇ ଆସୁଛି। ଏହି ଅବସରରେ ସୁନ୍ଦରଗଡ଼ ବନଖଣ୍ଡ ତରଫରୁ ବଡବାହାଲ ନିକଟରେ ଜିଲ୍ଲା ସ୍ତରୀୟ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇ ଯାଇଛି। କଥାରେ ଅଛି ବୃକ୍ଷ ହିଁ ଜୀବନ, ବୃକ୍ଷ ହିଁ ବିପଦର ବନ୍ଧୁ, ଜଙ୍ଗଲ ଦ୍ୱାରା ଅନେକ ପ୍ରକାର ସୁବିଧା ମିଳିଥାଏ, ଯାହାକି ଅରଣ୍ୟ ଜାତ ଦ୍ରବ୍ୟ ହରିଡା,ବାହାଡ଼ା, ଅଁଳା, ମହୁ,ଲାଖି, ଝୁଣା ଇତ୍ୟାଦି ମିଳିଥାଏ କ୍ଷ ଜଙ୍ଗଲ କ୍ଷୟ ହେବା ଯୋଗୁଁ ବୃଷ୍ଟିପାତ ହ୍ରାସ, ବାୟୁ ମଣ୍ଡଳରୁ ଅମ୍ଳଜାନ କମିଯାଏ, ଅଙ୍ଗାରକାମ୍ଳ ଗ୍ୟାସ ଅତ୍ୟାଧିକ ଉତ୍ପନ୍ନ ହେଉଥିବା ବେଳେ କେନ୍ଦ୍ର ସରକାର ଓ ଓଡିଶା ସରକାରଙ୍କ ପକ୍ଷରୁ ମାଁ ପାଇଁ ବୃକ୍ଷ ଟିଏ ରୋପଣ ଚାଲିଛି । ଜୁଲାଇ ୭ ତାରିଖ ସପ୍ତମ ଦିବସରେ ଜିଲ୍ଲା ବନ ମହୋତ୍ସବର ମୁଖ୍ୟ ଅତିଥି ଭାବେ ଜୁଏଲ ଓରାମ ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାରତ ସରକାର ଯୋଗଦାନ କରି ମାଁ ପାଇଁ ବୃକ୍ଷ ଟିଏ ରୋପଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭବାନୀ ଶଙ୍କର ଭୋଇ ଉପ ବାଚସ୍ପତି ଓଡିଶା ବିଧାନସଭା, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, କେନ୍ଦ୍ର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅମିତ କୁମାର, ଆଞ୍ଚଳିକ ବନ ସଂରକ୍ଷକ ରାଉରକେଲା ବନ ମଣ୍ଡଳ ପି. ରାମସ୍ୱାମୀ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଉପସ୍ଥିତ ଥିଲେ । ପ୍ରଥମେ ସମସ୍ତ ଅତିଥି ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କଲା ପରେ ୩୫୦ ଟି ବିଭିନ୍ନ ପ୍ରକାର ବୃକ୍ଷ ଛାତ୍ର ଛାତ୍ରୀ, ବନ କର୍ମଚାରୀ, ଗ୍ରାମବାସୀ ରୋପଣ କରିଥିଲେ । ଏହି ଅବସର ରେ ଜିଲ୍ଲାର ୧୧ ଟି ବ୍ଲକରୁ ପ୍ରକୃତି ବନ୍ଧୁ ପାଇଁ ପତ୍ରିସିଆ ଲାକ୍ରା, ଲିସ୍ମା ଷଡ଼ଙ୍ଗୀ, ସୁଧାଂଶୁ କୁମାର ଚୌଧୁରୀ, ମନୋଜ କୁମାର ସାହୁ, ଜ୍ୟୋତିମୟୀ ରାଉତ, ସରିତା ସମାଦ, ପ୍ରିୟଦର୍ଶିନି ପାଢ଼ୀ, ଦିନେଶ ଚନ୍ଦ୍ର ପଟେଲ, ଚନ୍ଦ୍ରମଣି ତାଜନ, ଜଗଦିଶ ପଶାୟତ ଓ ଗୋବିନ୍ଦ ଚନ୍ଦ୍ର ସାହୁ ମନୋନୀତ ହୋଇଛନ୍ତି। ପ୍ରକୃତି ବନ୍ଧୁ ବ୍ୟକ୍ତି ମାନଙ୍କୁ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ଚେକ୍ ସହିତ ସାର୍ଟିଫିକେଟ ଗୁଡ଼ିକ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିଲା । ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ମଞ୍ଚ ପରିଚାଳନା କରିଥିବା ବେଳେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଖୁସ୍ୱନ୍ତ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ ।




# ଡ୍ରେନ୍ କାମ ବେଳେ ପାଚେରୀ ଓଲଟି ୨ମୃତ, ଜଣେ ଗୁରୁତର

**ବାଲିପାଟଣା,୭।୭(ସଂଚାର ବ୍ୟୁରୋ):** ରବିବାର ଅପରାହ୍ନ ରେ ସ୍ଥାନୀୟ ବେଙ୍ଗବତି ଗ୍ରାମ ଠାରେ ରାସ୍ତା କଡ ଡ୍ରେନ କାମ ବେଳେ ପାଚେରୀ ଓଲଟି ଦୁଇ ଜଣ ମୃତ ଓ ଜଣେ ଗୁରୁତର ଆହତ ହୋଇଛନ୍ତି।ଘଟଣାରୁ ପ୍ରକାଶ ଯେ ଗତ କିଛି ଦିନ ଧରି ଆଠାନ୍ତର ଛକ ଠାରୁ ନୂଆସାହି ପର୍ଯ୍ୟନ୍ତ ରାସ୍ତାର ଦୁଇପଟେ ଡ୍ରେନ କାମ ହେଉଛି।ଠିକାଦାର ଙ୍କ ଦ୍ୱାରା ନିଯୁକ୍ତ ଭଦ୍ରକ ଓ କେଉଝର ଅଞ୍ଚଳ ର ମିସ୍ତ୍ରୀ ମାନେ ଏଠାରେ କାମ କରୁଛନ୍ତି। ଆଜି ବେଙ୍ଗବତି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରେ ଡ୍ରେନ କାମ ହେଉଥିବା ବେଳେ ହଠାତ୍ ବିଦ୍ୟାଳୟ ପାଚେରି ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ପାଚେରୀ ପାଖରେ କାମ କରୁଥିବା ମିସ୍ତ୍ରୀ ହୁଇଲା ହୋ,ଦଲେ ହୋ ଏବଂ କଲା ହୋ ପାଚେରୀ ତଳେ ରହି ଯାଇଥିଲେ। କଲା ହୋ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଙ୍କର୍ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଗୁରୁତର ଙ୍କୁ କ୍ୟାପିଟାଲ ହସ୍ପିଟାଲ ରେ ଭର୍ତ୍ତି କରାଯାଇଛି। ବର୍ଷା ଯୋଗୁଁ ପାଚେରୀ ତଳ ମାଟି ନରମ ହୋଇ ଯାଇଥିବାରୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି।



# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ

**ବେତନଟୀ,୭।୭(ସଂଚାର ବ୍ୟୁରୋ):** ୭୯ତମ ବନ ମହୋତ୍ସବ କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଡଃ ମନ୍ଦାକିନୀ ସାହୁଙ୍କ ଅଧ୍ୟକ୍ଷତାରେ ତଥା ଯୁବ ରେଡକ୍ରସ ସହାୟତାରେ କୃଷ୍ଣଚନ୍ଦ୍ରକଲେଜ ପରିସରରେ ବିଭିନ୍ନ ପ୍ରକାରର ଫୁଲ ଫଳ, ତଥା ପରିବେଶ ଉପଦେୟ ବୃକ୍ଷମାନ ରୋପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସର କାଉସିଲର ପଦାର୍ଥବିଜ୍ଞାନର ଅଧ୍ୟାପକ ସୁଜିତ କୁମାର ଦାସ, ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଭବେନ୍ଦ୍ର କୁମାର ଦେ, ଇଂରାଜୀ ଅଧ୍ୟାପକ ସେକାଉତ ଅଲ୍ଲୀ ତଥା ବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପକ ତଥା କର୍ମଚାରୀ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ଅଧ୍ୟକ୍ଷା ଛାତ୍ରଛାତ୍ରୀମାନଙ୍କ ବୃକ୍ଷର ଉପକାରୀତା ଓ ଆବଶ୍ୟକତା ବୁଝାଇବା ସହିତ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ ଯେମିତିକା ଗଛ ଲଗାଓ ଜୀବନ ବଞ୍ଚାଓ ଗଛ ଲଗାଅ ପୃଥିବୀକୁ ବଞ୍ଚାଅ ।

# କଞ୍ଜୁରୁ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ




**ହିଞ୍ଜିଳିକାଟୁ,୭।୭(ସଂଚାର ବ୍ୟୁରୋ):** ଜୁଲାଇ ପ୍ରଥମ ସପ୍ତାହକୁ ସମଗ୍ର ଭାରତ ବନ ମହୋତ୍ସବ ସପ୍ତାହ ଭାବେ ପାଳନ କରିଆସୁଛି। ଏହି ପରିପ୍ରେକ୍ଷୀରେ ଆଜି ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ କଞ୍ଜୁରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଅଶୋକ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହ ପାଳିତ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ମଦନ ମୋହନ ସେଠୀ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସ୍ଥାନୀୟ ଗ୍ରାମସେବକ ଯୋଗ ଦେଇ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ।ବିଦ୍ୟାଳୟର ଏନସିସି, ସ୍କାଉଟ,ଜୁନିୟର ରେଡ କ୍ରସ ଓ ଯୁବ ରେଡ କ୍ରସ ତରଫରୁ ସ୍ୱେଚ୍ଛାସେବୀ ମାନେ ବୃକ୍ଷରୋପଣ କରିବା ସହ ଏହାର ଯତ୍ନ ନିଜେ ବହନ କରିବେ ବୋଲି ସଂକଳ୍ପ ନେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସକ୍ରିୟ ସହଯୋଗ କରିଥିଲେ।

# ଲୋକୋମୋଟିଭ କାରଖାନା ପାଇଁ ଟେଣ୍ଡର ବିଜ୍ଞପ୍ତି



**ନର୍ଲା,୭।୭(ସଂଚାର ବ୍ୟୁରୋ):** ନର୍ଲାର ଚପଟଖଣ୍ଡାରେ ଲୋକୋମୋଟିଭ ପିରିଓଡ଼ିକାଲ ଓଭରହଲିଂ କାରଖାନା ନିର୍ମାଣ ନେଇ ପାଖାପାଖି ୮ କୋଟି ଟଙ୍କାର ମାଟିକାମ ଓ ଟ୍ରାକ ନିର୍ମାଣ ପାଇଁ ପୋଲ ଗୁଡ଼ିକର କାମ ନିମନ୍ତେ ଟେଣ୍ଡର ଆହ୍ୱାନ କରିଛି ଇଷ୍ଟ କୋଷ୍ଟ ରେଲୱେ। ୨୦୧୧ ରୁ ନର୍ଲାରେ ରେଳ ୱାଗନ କାରଖାନା ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା କିନ୍ତୁ ରାଜନୈତିକ ଅଭିସନ୍ଧି ମଧ୍ୟରେ ଏହା ସାକରରୂପ ନେଇ ପାରି ନଥିଲା। ନର୍ଲା ରେଳ ନିର୍ମାଣ ସଂଗ୍ରାମ ସମିତି ତରଫରୁ କାରଖାନା ନିର୍ମାଣ ପାଇଁ ଆନ୍ଦୋଳନ ଧର୍ମଘଟ ଭଳି ସଂଗ୍ରାମ ଜାରି ରହିଥିଲା। ଆମର ଦୀର୍ଘ ୧୩ ବର୍ଷର ଲଢେଇ ଆଜି ଫଳବତୀ ହୋଇଛି, ଅଞ୍ଚଳବାସୀଙ୍କ ସ୍ୱପ୍ନ ସାକାର ହୋଇଛି ବୋଲି ରେଳ ସଂଗ୍ରାମ ସମିତି ନର୍ଲାରୋଡର ସଭାପତି ପ୍ରଦୀପ କୁମାର ନାଏକ ଓ ସଂପାଦକ ହମେଶ କୁମାର ଜୈନ ପ୍ରକାଶ କରିବା ସହ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ସାଧୁବାଦ ଜଣାଇଛନ୍ତି। କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ମଧ୍ୟ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଏନେଇ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଲୋକୋମୋଟିଭ ପିରିଓଡ଼ିକାଲ ଓଭରହଲିଂ କାରଖାନା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟାର ବିଜ୍ଞପ୍ତି ପ୍ରକାଶ ପାଇବାପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ବାଲି ଘାଟ ଉପରେ ଚଢାଉ, ୬ ଟ୍ରାକ୍ଟର ଜବତ


**କଳିଙ୍ଗନଗର,୭।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଚକୁଆ ବାଲି ଘାଟ ଉପରେ ଲଘୁ ଖଣିଜ ବିଭାଗ ଚଢାଉ କରି ଘଟଣା ସ୍ଥଳରୁ ୬ ଟି ଟ୍ରାକ୍ଟର କୁ ଜବତ କରିଛନ୍ତି। ଲଘୁ ଖଣିଜ ବିଭାଗ ର କର୍ମଚାରୀ ଅଶୋକ କୁମାର ମହାନ୍ତି ଏହି ଚଢାଉ କରି ଜବତ ବାଲି ବୋଝେଇ ଟ୍ରାକ୍ଟର ସବୁ କୁ ଦାନଗଦି ପୋଲିସ ଜୀମାରେ ଦେଇଥିବାର ଜଣାପଡ଼ିଛି।।ପ୍ରକାଶ ଥାଉ କି ଚକୁଆ ବାଲି ଘାଟ ଟି ପ୍ରାୟ ଦୁଇ ବର୍ଷରୁ ଅଧିକ ହେବ ନିଲାମ ହୋଇନାହିଁ।ଏହାର ସୁଯୋଗ ନେଇ ପ୍ରତ୍ୟେକ ଦିନ ଘାଟରୁ ବ୍ୟାପକ ପରିମାଣ ର ବାଲି ଚୋରା ରେ ଉଠୁ ଥିବାର ଦେଖିବାକୁ ମିଳୁଛି।ବାଲି ଘାଟ ନିଲାମ ନ ହେବାରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉ ଥିବାବେଳେ ବାଲି ଲୁଟେରା ଲାଲେଲାଲ ହେଉଛନ୍ତି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ର ଅକ୍ତିଆର ରେ ଚକୁଆ ବାଲି ଘାଟ ଟି ରହିଛି।ସେମାନେ ଖଣିଜ ବିଭାଗ, ପୋଲିସ ଓ ତହସିଲଦାର ଙ୍କୁ ଚକମା ଦେଇ ବାଲି ଲୁଟ୍ କରୁଛନ୍ତି।ପ୍ରତି ଦିନ ପ୍ରାୟ ୨୦୦ ରୁ ଅଧିକ ଟ୍ରାକ୍ଟର ବାଲି ବୋଝେଇ କରୁଛନ୍ତି। ବାଲି ବୋଝେଇ ଟ୍ରାକ୍ଟର ପ୍ରତି ଦିନ ନଦୀ ବନ୍ଧ ରାସ୍ତାରେ ଯିବା ଆସିବା କରୁଥିବାରୁ ନଦୀ ବନ୍ଧ ରାସ୍ତା ଦୁର୍ବଳ ହେଉଛି।ପୁଣି ଦାନଗଦି ତହସିଲ ର ଚକୁଆ ଓ ଖପୁରିଆପଦା ଅଞ୍ଚଳ ବନ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ ନଦୀ ବନ୍ଧ ପ୍ରତି ବିପଦ ରହିଛି। ଚକୁଆ ବାଲି ଘାଟ କୁ ତୁରନ୍ତ ବନ୍ଦ ନକଲେ ବନ୍ୟା ଜଳ କେତେବେଳେ ଯେ ଗ୍ରାମରେ ପଶି ଧନ ଜୀବନ ନଷ୍ଟ କରିବ କିଏ କହିପାରିବ।

# ଦୈନିକ ବଜାର ପ୍ରାଙ୍ଗଣ ପ୍ରଦୂଷଣମୁକ୍ତ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର

**ସୁବର୍ଣ୍ଣପୁର,୭।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ମହକୁମା ସ୍ଥିତ ଦୈନିକ ବଜାର ପ୍ରାଙ୍ଗଣରେ କୁଢ଼ କୁଢ଼ ମଇଳା ଜମି ସମଗ୍ର ପରିବେଶ ପ୍ରଦୂଷିତ ହେଉଅଛି।ଏହାର କୌଣସି ପ୍ରକାର ରକ୍ଷଣାବେକ୍ଷଣ କରା ଯାଉ ନାହିଁ। ବର୍ଷା ଦିନ ହେତୁ ବର୍ଷା ପାଣି ଜମିରହି କର୍ଦ୍ଦମାକ୍ତ ହୋଇ ଯାଉଛି ପରିସର । ପୁନଶ୍ଚ ଏଠାରେ ଶୌଚାଳୟ ନ ଥିବାରୁ ବଜାର କୁ ଆସୁଥିବା ବ୍ୟକ୍ତି ବିଶେଷଙ୍କ ବହୁ ଅସୁବିଧା ସୃଷ୍ଟି ହେଉଛି।ଏ ସବୁ ବିଷୟକୁ ହୃଦୟଙ୍ଗମ କରି ବୀରମହାରାଜପୁର ର ସଚେତନ ତଥା ବରିଷ୍ଠ ନାଗରିକ ସଂଗଠନର ସଦସ୍ୟ ମାନେ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ସୋମବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର ଙ୍କ କାର୍ଯ୍ୟାଳୟରେ ଦୈନିକ ବଜାର ପ୍ରାଙ୍ଗଣକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ପ୍ରଦାନ କରିଛନ୍ତି ।

# ବିଶ୍ୱ ପ୍ରତ୍ନତତ୍ତ୍ୱ କଂଗ୍ରେସରେ ଡଃ ନଳିନୀକାନ୍ତ ରଣା

**ନର୍ଲା,୭।୭(ସଂଚାର ବ୍ୟୁରୋ):** ମା’ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଇତିହାସ ବିଭାଗର ପ୍ରଧ୍ୟାପକ ଡଃ ନଳିନୀକାନ୍ତ ରଣା ’ବିଶ୍ୱ ପ୍ରତ୍ନତତ୍ତ୍ୱ କଂଗ୍ରେସ’ରେ ଯୋଗଦେଇ ରାଜ୍ୟ ତଥା କଳାହାଣ୍ଡି ପାଇଁ ଗୌରବ ନେଇ ଆସିଛନ୍ତି। ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରତ୍ନତତ୍ତ୍ୱ କଂଗ୍ରେସର ଦଶମ ଅଧିବେଶନ ଏଥର ଅଷ୍ଟ୍ରେଲିଆର ଡରଓ୍ୱିନ ଠାରେ ଆୟୋଜିତ ହୋଇଥିଲା। ଏଥିରେ ପୁରାତନ ସଭ୍ୟତା, ସଂସ୍କୃତିର ପୁନଃରୁଦ୍ଧାର ସହ ପରିବର୍ତ୍ତନଶୀଳ ଦୁନିଆରେ ପ୍ରତ୍ନତତ୍ତ୍ୱର ଭୂମିକା ଉପରେ ନିଜସ୍ୱ ଗବେଷଣାତ୍ମକ ସାରଗର୍ଭକ ସନ୍ଦର୍ଭ ଉପସ୍ଥାପନ କରି ଡଃ ରଣା ବେଶ୍ ପ୍ରଂଶସିତ ହୋଇଥିଲେ। ଅଷ୍ଟ୍ରେଲିଆର ଚାର୍ଲସ ଡରଓ୍ୱିନ ବିଶ୍ୱବିଦ୍ୟାଳୟର ସହଭାଗୀତାରେ ଫ୍ଲିଣ୍ଡର୍ସ ବିଶ୍ୱବିଦ୍ୟାଳୟ ଦ୍ୱାରା ସପ୍ତାହବ୍ୟାପୀ ଆୟୋଜିତ ଉକ୍ତ ଅଧିବେଶନରେ ବିଶ୍ୱର ୭୦ ଟି ଦେଶର ପ୍ରାୟ ୨୨୦୦ ପ୍ରତିନିଧି ଯୋଗଦେଇ ସେମାନଙ୍କ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ପ୍ରତି ଚାରି ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ବିଶ୍ୱ ପ୍ରତ୍ନତତ୍ତ୍ୱ କଂଗ୍ରେସର ତୃତୀୟ ଅଧିବେଶନ ୧୯୯୪ ମସିହାରେ ଭାରତର ନୂଆଦିଲ୍ଲୀ ଠାରେ ଆୟୋଜିତ ହୋଇଥିବା ବେଳେ ପରବର୍ତ୍ତୀ ୧୧ତମ ଅଧିବେଶନ ଆଫ୍ରିକୀୟ ଦେଶରେ ଆୟୋଜିତ ହେବାର ସମ୍ଭାବନା ରହିଛି।




# ଦୁଇ ବାଇକ ମୁହାଁମୁହିଁ; ଜଣେ ମୃତ, ୨ ଗୁରୁତର

**କଳାହାଣ୍ଡି,୭।୭(ସଂଚାର ବ୍ୟୁରୋ):** ଧର୍ମଗଡ଼ ଥାନା ଅନ୍ତର୍ଗତ ବୋଡେ଼ନରୁ ଦାବ୍ରିପଦର ରାସ୍ତା ମଝିରେ ସୋମବାର ମଧ୍ୟାହ୍ନ ୨ ଘଣ୍ଟା ସମୟରେ ବିପରୀତ ଦିଗରୁ ଆସୁଥିବା ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ତରାପୁର ଗ୍ରାମର ପୁଳସ୍ତ ଚଣ୍ଡି ବୋଲି ସୂଚନା ମିଳିଛି। ସୂଚନାରୁ ପ୍ରକାଶ ଯେ ଓଡି ୦୮ ୱାଇ ୪୪୬୦ ନମ୍ବର ଏଚଏଫ ଡିଲକ୍ସ ବାଇକ ଯୋଗେ ତରାପୁର ଗ୍ରାମର ପୁଲସ୍ତ ଚଣ୍ଡୀ ଓ କେଦାର ବାଗ ଧର୍ମଗଡ଼ରୁ ନିଜ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଓଡି ୧୭ ଏବି ୬୪୧୯ ନମ୍ବର ପଲସର ବାଇକ ଯୋଗେ ଧର୍ମଗଡ଼ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ରମାନନ୍ଦ ଭୋଇ କାର୍ଯ୍ୟ ସାରି ଧର୍ମଗଡ଼ ଆସୁଥିବା ବେଳେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ସ୍ଥଳରୁ ୨ ଜଣ ଗୁରୁତରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

● ଜିଲ୍ଲାପାଳ ଓ ଏସ୍‌ପିଙ୍କଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୧୫ଟି ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୭।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିଜୟ କୁମାର ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୦୯ (ନଅ) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୪ (ଚାରି) ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ୦୨ (ଦୁଇ) ଗୋଟିଏ ଦରଖାସ୍ତ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ସୋନପୁର ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସୌମ୍ୟାରୂପା ରଥ ସମେତ ତହସିଲଦାର ସୋନପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ।